ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର, ଅଗଷ୍ଟ ୧୧/୨୦୨୦ (୧୨ ପୃଷ୍ଠା) | Dhenkanal, Tuesday, August 11/2020 | ★★★★★
୧୬ଶ ଭାଗ ୧୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





**ପ୍ରିୟଙ୍କାଙ୍କ ଘରକୁ ଆସିଲେ ନୂଆ ଅତିଥି**
ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ଘରକୁ ଏବେ ନୂଆ ଅତିଥି ଆସିଛନ୍ତି। ଏନେଇ ସେ ଫଟୋ ଶେୟାର କରି ତାଙ୍କ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି।

୧୦ | ୧୨

**ମନ୍‌ଦୀପ କରୋନା ପଜିଟିଭ୍‌**
ଭାରତୀୟ ହକି ଟିମ୍‌ ଫରୱାର୍ଡ ମନ୍‌ଦୀପ ସିଂଙ୍କର କୋଭିଡ୍‌-୧୯ ଟେଷ୍ଟରେ ପଜିଟିଭ୍‌ ଆସିଛି।




# ଦିନକରେ ଗଲା ଆଉ ୧୬ ଜୀବନ

ଭୁବନେଶ୍ୱର, ୧୦।୮ (ବ୍ୟୁରୋ)

ରାଜ୍ୟରେ କରୋନା ମହାମାରୀ ଦିନକୁ ଦିନ କାଳ ରୂପ ନେବାରେ ଲାଗିଛି। ସଂକ୍ରମଣ ସହ ପ୍ରତିଦିନ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଶେଷ ୨୪ ଘଣ୍ଟାରେ ଆଉ ୧୬ ଜଣଙ୍କ ଜୀବନ ଯାଇଛି। କରୋନାରେ ୧୪ ଜଣ ଓ ଅନ୍ୟ ରୋଗରେ ୨ଜଣ ଆକ୍ରାନ୍ତ ଆଖି ବୁଜିଛନ୍ତି। ଫଳରେ କରେନାଜନିତ ମୃତ୍ୟୁ ସଂଖ୍ୟା ୨୮୬ରେ ପହଞ୍ଚିଥିବାବେଳେ ଅନ୍ୟ ରୋଗରେ ୫୧ଜଣ କରୋନା ରୋଗୀ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି। ତେବେ ନୂଆ କରୋନା ମୃତକଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୬ଜଣ ରହିଥିବାବେଳେ ୫ଜଣ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ଏମାନଙ୍କ ବୟସ ୫୦ରୁ ୮୫ବର୍ଷ ମଧ୍ୟରେ ରହିଛି। ଖୋର୍ଦ୍ଧା ଓ ନୟାଗଡ଼ରୁ ୩ଜଣ ଲେଖାଏ ଏବଂ ରାୟଗଡ଼ା ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ନୟାଗଡ଼ରେ ମୃତ ଦୁଇ ଆକ୍ରାନ୍ତଙ୍କ ବୟସ ୩୪ ଓ ୩୦ବର୍ଷ ହୋଇଥିବାବେଳେ ଅନ୍ୟଜଣେ ହେଉଛନ୍ତି ୬୮ବର୍ଷୀୟ ପୁରୁଷ। ଖୋର୍ଦ୍ଧା ମୃତକଙ୍କ ମଧ୍ୟରେ ଜଣେ ୮୪ ବର୍ଷୀୟ ମହିଳା ରହିଥିବାବେଳେ ଦୁଇଜଣ ୮୨ ଓ ୬୯ ବର୍ଷୀୟ ପୁରୁଷ। ସୁନ୍ଦରଗଡ଼ର ଜଣେ ୭୨ ବର୍ଷୀୟ ପୁରୁଷ ଓ ☞ପୃଷ୍ଠା-୪

**କରୋନା ମୃତ୍ୟୁ ୨୮୬, ଅଣକରୋନା ୫୧**



**୧୫୨୮ ନୂଆ ପଜିଟିଭ୍‌,**
**ଆକ୍ରାନ୍ତ ସଂଖ୍ୟା ୪୭,୪୫୫କୁ ବୃଦ୍ଧି**
- ଗଞ୍ଜାମରେ ସର୍ବାଧିକ ୧୩,୦୮୮, ସମ୍ବଲପୁରରେ ହୁହୁ ବଢ଼ୁଛି
- ସୁସ୍ଥ ହେଲେଣି ୩୩,୦୨୦ କରୋନା ରୋଗୀ

# ଧର୍ମାନୁଷ୍ଠାନ ଖୋଲିବା ନିଷ୍ପତ୍ତି ନେବେ ସରକାର

କଟକ ଅଫିସ, ୧୦।୮

କରୋନା ମହାମାରୀ ଯୋଗୁ ରାଜ୍ୟରେ ପ୍ରାୟ ୫ମାସ ଧରି ବନ୍ଦ ରହିଥିବା ମନ୍ଦିର ଓ ଧର୍ମାନୁଷ୍ଠାନଗୁଡ଼ିକ ଖୁବ୍‌ଶୀଘ୍ର ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି। ମନ୍ଦିର କେବେ ଖୋଲିବ ସେନେଇ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍‌ ଆଧାରରେ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ସୋମବାର ୨ଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ ଓ ବିଚାରପତି ଏସ୍‌.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏକ ରାୟର ଉଦାହରଣ ଦେଇ ଖଣ୍ଡପୀଠ କହିଛନ୍ତି ଯେ, ଲକ୍‌ଡାଉନ କଟକଣା ଯୋଗୁ ଝାଡ଼ଖଣ୍ଡର ପ୍ରସିଦ୍ଧ ବୈଦ୍ୟନାଥ ମନ୍ଦିର ବନ୍ଦ ଥିବାରୁ ତାହାକୁ ଖୋଲିବା ପାଇଁ ସୁପ୍ରିମକୋର୍ଟରେ ଏକ ମାମଲା ଆଗତ ହୋଇଥିଲା। ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଥିଲେ ଯେ, ଯଦି କରୋନା ସଂକ୍ରମଣ ସମୟରେ ଅନ୍ୟ ସଂସ୍ଥା ଓ ଅନୁଷ୍ଠାନ ଖୋଲାଯାଇପାରୁଛି, ତେବେ ମନ୍ଦିର କାହିଁକି ଖୋଲା ଯିବନାହିଁ। ଏ ସମ୍ପର୍କରେ ରାଜ୍ୟ ସରକାର ନିଷ୍ପତ୍ତି ନିଅନ୍ତୁ। ସୁପ୍ରିମକୋର୍ଟଙ୍କ ଉକ୍ତ ରାୟ ଅନୁଯାୟୀ ରାଜ୍ୟ ସରକାର ତୁରନ୍ତ ସ୍ୱତନ୍ତ୍ର ନିୟମାବଳୀ ଜାରି କରି ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବା ପାଇଁ ଅନୁମତି ଦେବା ଆବଶ୍ୟକ ବୋଲି ହାଇକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି। ଅପରପକ୍ଷରେ ରାଜ୍ୟ ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ମନ୍ଦିର ଖୋଲିବା ନେଇ ନିଷ୍ପତ୍ତି ଖୁବ୍‌ଶୀଘ୍ର ନେବାକୁ ଯାଉଛୁ। କରୋନା ସ୍ଥିତିକୁ ଅନୁଧ୍ୟାନ କରି ନିଷ୍ପତ୍ତି ନିଆଯିବ। କେଉଁଭଳି ଗାଇଡ୍‌ଲାଇନ ପ୍ରସ୍ତୁତ କରି ପଦକ୍ଷେପ ନିଆଯିବ ସେନେଇ ବିଚାରବିମର୍ଶ ଚାଲିଛି। ସଂକ୍ରମଣ ଯେଉଁଭଳି ନ ବ୍ୟାପିବ ସେଦିଗକୁ ବିଚାରକୁ ନେବୁ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

ପୁରୀର ଶ୍ରଦ୍ଧାଳୁ ତ୍ରିଲୋଚନ ରଥ ଓ କଟକର ସାମାଜିକ କର୍ମୀ ଜୟନ୍ତ ବଳଙ୍କ ପକ୍ଷରୁ ପୁରୀ ଶ୍ରୀମନ୍ଦିର, ଅନ୍ୟ ସମସ୍ତ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବା ପାଇଁ ହାଇକୋର୍ଟରେ ପୃଥକ୍‌ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଗତ ମେ' ୩୦ରେ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟ ଅନ୍‌ଲକ୍‌ ଜାରି କରିବା ବେଳେ ଧର୍ମାନୁଷ୍ଠାନ ଖୋଲିବା ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଓଡ଼ିଶାରେ ସ୍ଥିତିକୁ ଦେଖି ରାଜ୍ୟ ସରକାର ଆଉ ଏକ ନିର୍ଦ୍ଦେଶନାମା ଜାରିକରି ଧର୍ମାନୁଷ୍ଠାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ମଦ ଦୋକାନ, ଜିମ୍‌, ଶପିଂ ମଲ୍‌ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଭଳି ସ୍ଥିତିରେ ମନ୍ଦିର ବନ୍ଦ ରଖି ଭକ୍ତଙ୍କୁ ଦିଅଁ ଦର୍ଶନରୁ ବଞ୍ଚିତ ରଖିବା ସେମାନଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ କରୁଛି। ଯଦି ଅନ୍ୟ ସମସ୍ତ ଅନୁଷ୍ଠାନ ଖୋଲିପାରୁଛି, ତେବେ ଧର୍ମାନୁଷ୍ଠାନ ମଧ୍ୟ ଖୋଲାଯାଉ ବୋଲି ଉପରୋକ୍ତ ଦୁଇଜଣ ନିଜ ଆବେଦନରେ ଦର୍ଶାଇଥିଲେ। ଉକ୍ତ ପୃଥକ୍‌ ଆବେଦନର ଶୁଣାଣି ଏକ ସଙ୍ଗରେ କରିବାକୁ ଗତ ୭ ତାରିଖରେ ଖଣ୍ଡପୀଠ ପ୍ରକାଶ କରିବା ସହ ସୋମବାରକୁ ଦିନ ଧାର୍ଯ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ, ଝାଡ଼ଖଣ୍ଡର ବୈଦ୍ୟନାଥ ମନ୍ଦିର ଖୋଲିବା ପାଇଁ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ସୁପ୍ରିମ୍‌କୋର୍ଟରେ କରିଥିବା ମାମଲାରେ ପୁରୀ ରଥଯାତ୍ରା ପାଇଁ ସର୍ବୋଚ୍ଚ ଅଦାଲତ ପୂର୍ବରୁ ଦେଇଥିବା ରାୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମାମଲାର ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟଙ୍କ ତିନିଜଣିଆ ଖଣ୍ଡପୀଠ କହିଥିଲେ ଯେ, ଯଦି ଦେଶରେ ପ୍ରାୟତଃ ସବୁ ଅନୁଷ୍ଠାନ ଖୋଲାଯାଉଛି, ତେବେ କେବଳ ଧର୍ମାନୁଷ୍ଠାନ କାହିଁକି ବନ୍ଦ ରହିବ। ଏଣୁ ଧର୍ମାନୁଷ୍ଠାନଗୁଡ଼ିକ ଅନ୍ତତଃପକ୍ଷେ ଗୁରୁତ୍ୱପୂର୍ଣ୍ଣ ପର୍ବଗୁଡ଼ିକରେ ଖୋଲା ରହିବା ଆବଶ୍ୟକ। ମନ୍ଦିରରେ ଭିଡ଼ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବା ସହ ମନ୍ଦିର ଖୋଲିବା ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

**ଶ୍ରୀମନ୍ଦିର, ଧର୍ମାନୁଷ୍ଠାନ ଖୋଲିବା ମାମଲା**
- ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁଯାୟୀ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ
- କରୋନା ସ୍ଥିତି ଅନୁଧ୍ୟାନ ପରେ ନିଷ୍ପତ୍ତି: ଆଇନ ମନ୍ତ୍ରୀ



# ଆଣ୍ଠେଇଲେ ପାଇଲଟ



- ଉପମୁଖ୍ୟମନ୍ତ୍ରୀ ପଦ ଫେରିପାଇବେ ସଚିନ
- ପାଇଲଟ ଉଠାଇଥିବା ପ୍ରସଙ୍ଗର ସମାଧାନ କରିବ ୩ ଜଣିଆ କମିଟି

**ନୂଆଦିଲ୍ଲୀ, ୧୦।୮:** ରାଜସ୍ଥାନ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଅଗଷ୍ଟ ୧୪ରେ ଆରମ୍ଭ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ରାଜନୈତିକ ସଙ୍କଟ ଟଳିବା ସ୍ଥିତି ସୃଷ୍ଟି ହୋଇଛି। ବିଦ୍ରୋହୀ କଂଗ୍ରେସ ନେତା ସଚିନ ପାଇଲଟ ଶେଷରେ ଆଣ୍ଠେଇବା ସ୍ତରକୁ ଆସିଛନ୍ତି। ସୋମବାର ସେ ଦଳର ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଭେଟିବା ପରେ ରାଜସ୍ଥାନ ରାଜନୀତିରେ ଦୀର୍ଘଦିନ ଧରି ଲାଗି ରହିଥିବା ଅଚଳାବସ୍ଥା ବସ୍ତୁତଃ ଦୂର ହୋଇଥିବାର ସଙ୍କେତ ମିଳିଛି। ଅଶୋକ ଗେହଲଟ ସରକାର ପାଇଁ କାର୍ଯ୍ୟ କରିବାକୁ ପାଇଲଟ ରାଜି ହୋଇଛନ୍ତି। ସର୍ତ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ହିନ୍ଦୀ ଓ ହିନ୍ଦୁତ୍ୱ

# ଭରସା ହରାଉଛି ଅଭିଯୋଗ ବାକ୍ସ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୧୦।୮ (ବ୍ୟୁରୋ)

ସଂକ୍ରମଣରୁ ଥାନା ଓ ପୋଲିସ କର୍ମଚାରୀଙ୍କୁ ଦୂରେଇ ରଖିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ଅଭିଯୋଗକାରୀଙ୍କୁ ଆଉ ଥାନା ଭିତରକୁ ଛଡ଼ାଯାଉନି। ଅନ୍ୟତମ ବିକଳ୍ପ ସ୍ୱରୂପ ଥାନା ପରିସରରେ ଅଭିଯୋଗ ବାକ୍ସର ବ୍ୟବସ୍ଥା ହୋଇଛି। ହେଲେ ଏହି ଅଭିଯୋଗ ବାକ୍ସ ଉପରେ ଲୋକଙ୍କର ଭରସା ପାଉନି। ଏହାକୁ ଖୋଲିଲେ କେବଳ ଛୋଟମୋଟ କିଛି ଅଭିଯୋଗ ବାହାରୁଛି। ଏଥିସହ ଅଭିଯୋଗ ପାଇଁ ଅନ୍ୟ ଯେଉଁସବୁ ବ୍ୟବସ୍ଥା କରାଯାଇଛି ତାହା ମଧ୍ୟ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଥିବା ଜଣାଯାଇଛି।

ମିଳିଥିବା ସୂଚନାନୁସାରେ, ରାଜ୍ୟରେ ୮ଶହରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହେଲେଣି। ବିଶେଷକରି କଟକ-ଭୁବନେଶ୍ୱର ଟ୍ୱିନ୍‌ସିଟିରେ ଏକାଧିକ ଥାନାରେ କରୋନା ପ୍ରବେଶ କରିସାରିଛି। ଭୁବନେଶ୍ୱର କ୍ୟାପିଟାଲ ଥାନାର ୯ଜଣ, ନୟାପଲୀ ଥାନାର ୮ଜଣ ଓ ଜିଆର୍‌ପି ଥାନାର ଜଣେ ପଜିଟିଭ୍‌ ଚିହ୍ନଟ ହୋଇଛନ୍ତି। ସେହିପରି କଟକର ପୁରୀଘାଟ ଥାନା, ବାଦାମବାଡ଼ି ଥାନା, ମଙ୍ଗଳାବାଗ ମେଡିକାଲ ଫାଣ୍ଡି କର୍ମଚାରୀ ମଧ୍ୟ କରୋନା ଚିହ୍ନଟ ହୋଇଛନ୍ତି। ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କଠାରୁ ପୋଲିସ ସଂକ୍ରମିତ ହେଉଥିବା ଜଣାପଡ଼ିବା ପରେ ଗତମାସ ୨୮ ତାରିଖରେ ପୋଲିସ ଡିଜି ଅଭୟ ଏକ ଏସ୍‌ଓପି ଜାରି କରିଥିଲେ, ଯେଉଁଥିରେ ଲୋକଙ୍କୁ ଥାନା ଯିବାକୁ ବାରଣ କରାଯାଇଛି। ଅଭିଯୋଗ ପାଇଁ ଥାନା ପରିସରରେ ରିସେପ୍‌ଶନ ସେଣ୍ଟର ଓ ଅଭିଯୋଗ ବାକ୍ସ ରଖିବାକୁ କୁହାଯାଇଛି। ଏହା ପରଠୁ ମଞ୍ଚେଶ୍ୱର ଥାନା ଅଭିଯୋଗ ବାକ୍ସରେ ୨୨ଜଣ ଅଭିଯୋଗ କରିଥିବାବେଳେ ଶହୀଦନଗର ଥାନାରେ ୫୦, ନୟାପଲ୍ଲୀ ୩୨, ଖାରବେଳନଗର ୨୩, କ୍ୟାପିଟାଲ ୩୪, ମହିଳା ଥାନାରେ ୧୦, ଚନ୍ଦ୍ରଶେଖରପୁର ୨୮, ଇନ୍‌ଫୋସିଟି ୨୦, ଖଣ୍ଡଗିରି ୬୦, ତମାଣ୍ଡୋ ୨୪, ଲକ୍ଷ୍ମୀସାଗର ୩୧, ବଡଗଡ଼ ୩୮, ଲିଙ୍ଗରାଜ ୨୭, ଏୟାରଫିଲ୍ଡ ୨୬, ଏୟାରପୋର୍ଟ ୧୮, ବାଲିପାଟଣା ୨୮, ବାଲିଅନ୍ତା ୨୯ ଓ ଚନ୍ଦକା ଥାନାରେ ୧୭ଟି ଅଭିଯୋଗ ହୋଇଥିବା ଥାନା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଅଧିକାଂଶ ଗାଡ଼ି ଦୁର୍ଘଟଣା, ଗାଳିଗୁଲଜ, ଘରୋଇ ☞ପୃଷ୍ଠା-୪

**କମିଶନରେଟ ପୋଲିସର କରୋନା କଷଣ**
- ବାହାରୁଛି କେବଳ କିଛି ଛୋଟ ଅଭିଯୋଗ
- ବାକ୍ସରେ ଅଭିଯୋଗ କରିବା ବାଧ୍ୟତାମୂଳକ ନୁହେଁ: ଡିସିପି



# ୧୨ରେ ଯୁକ୍ତ୨ ବିଜ୍ଞାନ ଫଳ

ଭୁବନେଶ୍ୱର, ୧୦।୮ (ବ୍ୟୁରୋ)

- ଅଗଷ୍ଟ ୩ୟ ସପ୍ତାହରେ ବାଣିଜ୍ୟ, ଶେଷ ସପ୍ତାହରେ କଳା
- ସେପ୍ଟେମ୍ବର ୧୪ରୁ ୨୨ ଦଶମ ସପ୍ଲିମେଣ୍ଟାରି ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ ଆସନ୍ତା ବୁଧବାର (ଅଗଷ୍ଟ ୧୨)ରେ ପ୍ରକାଶ ପାଇବ। ଏନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ସୂଚନା ଦେଇଛନ୍ତି। ବୁଧବାର ସାଢେ ୧୨ଟାରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ପରୀକ୍ଷାଫଳ ଘୋଷଣା କରାଯିବ। ଏହାପରେ ଛାତ୍ରୀଛାତ୍ରମାନେ ସିଏଚ୍‌ଏସ୍‌ଇ ୱେବସାଇଟରୁ ସେମାନଙ୍କ ପରୀକ୍ଷା ଫଳ ଦେଖିପାରିବେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ବିଜ୍ଞାନ ଫଳ ପ୍ରକାଶ ପାଇବାପରେ ଅଗଷ୍ଟ ତୃତୀୟ ସପ୍ତାହରେ ବାଣିଜ୍ୟ ଏବଂ ଶେଷ ସପ୍ତାହରେ କଳା ଫଳ ପ୍ରକାଶ ପାଇବ। ରାଜ୍ୟରେ ପାଖାପାଖି ସାଢେ ୩ ଲକ୍ଷ ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି। ରାଜ୍ୟ ସରକାର ତୁରନ୍ତ ☞ପୃଷ୍ଠା-୪

# ପଦୋନ୍ନତି ପାଇବେ ୫୬ ହଜାର ଶିକ୍ଷକ

ଭୁବନେଶ୍ୱର, ୧୦।୮ (ବ୍ୟୁରୋ)

- ପ୍ରତ୍ୟେକ ଜିଲା ଲାଗି ଜଣେ ଲେଖାଏ ନୋଡାଲ ଅଫିସର
- ପ୍ରତି ସୋମବାର ବରିଷ୍ଠ ଅଧିକାରୀଙ୍କ ସହ ହେବ ବୈଠକ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ବ୍ୟବସ୍ଥାକୁ ଚଳଚଞ୍ଚଳ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ପଦକ୍ଷେପ ନିଆଯାଇଥିବା ବିଭାଗୀୟ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି। ଏହାସହ ଚଳିତମାସ ଶେଷସୁଦ୍ଧା ରାଜ୍ୟର ୫୬ହଜାର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପଦୋନ୍ନତି ମିଳିବ। ଅନ୍ୟପଟେ ରାଜ୍ୟର ପ୍ରତ୍ୟେକ ଜିଲାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣେ ଲେଖାଏ ବରିଷ୍ଠ ଅଧିକାରୀଙ୍କୁ ନୋଡାଲ୍‌ ଅଫିସର ଭାବେ ନିୟୋଜିତ କରାଯାଇଛି। ଏଥିରେ ଯୁଗ୍ମ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକମାନେ ଜିଲାର ବିଭିନ୍ନ କାର୍ଯ୍ୟକ୍ରମକୁ ତଦାରଖ କରିବେ। ପ୍ରତ୍ୟେକ ସୋମବାର ☞ପୃଷ୍ଠା-୪



# ପ୍ରଣବଙ୍କୁ କରୋନା

ନୂଆଦିଲ୍ଲୀ, ୧୦।୮

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଏନେଇ ସେ ଟୁଇଟର ମାଧ୍ୟମରେ ସୋମବାର ସୂଚନା ଦେବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଆଇସୋଲେଶନରେ ରହିବା ଲାଗି ପରାମର୍ଶ ଦେଇଛନ୍ତି। ୨୦୧୨ରୁ ୨୦୧୭ ମଧ୍ୟରେ ରାଷ୍ଟ୍ରପତି ଥିବା ମୁଖାର୍ଜୀଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯିବା ପାଇଁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ପୂର୍ବରୁ ତାଙ୍କର କରୋନା ପରୀକ୍ଷା କରାଯିବା ପରେ ରିପୋର୍ଟ ପଜିଟିଭ୍‌ ଆସିଥିଲା। ଏବେ ତାଙ୍କର ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇ ତାଙ୍କୁ ଭେଣ୍ଟିଲେଟର୍‌ରେ ରଖାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପୀୟୂଷ ଗୋୟଲ, ରାମ ବିଳାସ ପାଶ୍ୱାନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ମିଳିନ୍ଦ ଦେଓରା ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ସଂଗ୍ରହାଳୟ ପାଇଁ ସମ୍ବଳ ନାହିଁ

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୧୦।୮

ପୁରାତନ ସଭ୍ୟତା, ଏହାର ସଂସ୍କୃତି, ଭାଷା, ଲିପି, ମୁଦ୍ରା ଆଦି ସମ୍ପର୍କରେ ଢେର ଜ୍ଞାନ ଦେଇଥାଏ ସଂଗ୍ରହାଳୟ। ନୂତନ ଶିକ୍ଷା, ଗବେଷଣା ଦିଗରେ ଏହା ବେଶ୍‌ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଖାସ୍‌ ଏହି କାରଣରୁ ପ୍ରତି ଜିଲାରେ ଗୋଟିଏ ଲେଖାଏ ସଂଗ୍ରହାଳୟ ଖୋଲିବା ପାଇଁ ୨୦୦୫ରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିରେ ଅନୁଗୋଳ ଜିଲା ମଧ୍ୟ ସାମିଲ ଥିଲା। ଏଥିପାଇଁ ଜିଲାକୁ ୨୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ୨୦୦୯-୧୦ରେ ଉକ୍ତ ଅର୍ଥରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଭବନ ନିକଟରେ ଏକ ବିଲ୍ଡିଂ ନିର୍ମାଣ କରାଯାଇଥିଲା। ହେଲେ ୧୦ ବର୍ଷ ପରେ ବି ସେଠାରେ ସଂଗ୍ରହାଳୟଟିଏ ସ୍ଥାପନ କରାଯାଇପାରି ନାହିଁ। ଫଳରେ ଜିଲାର ମାଟିତଳୁ ମିଳିଥିବା ଓ ତାଳଚେର ରାଜବାଟିରେ ଥିବା ବହୁ ପୁରାତନ ତଥା ବିରଳ ସାମଗ୍ରୀ ଲୋକଲୋଚନକୁ ଆସିପାରୁନାହିଁ।

ଅବିଭକ୍ତ ଢେଙ୍କାନାଳରୁ ପୃଥକ୍‌ ହୋଇ ୧୯୯୩ରେ ଅନୁଗୋଳ ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଥିଲା। ୧୯୯୫-୯୬ ମସିହାରେ ତତ୍କାଳୀନ ଅନୁଗୋଳ ଜିଲାପାଳ ପି.କେ. ନାୟକ ତାଳଚେର ରାଜବାଟି ସଂଗ୍ରହାଳୟର ବହୁ ବିରଳ ସାମଗ୍ରୀକୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ସେ ସମୟରେ ରାଜ ପରିବାର ସହିତ ଆଲୋଚନା କରାଯାଇ ଏକ ଜିଲା ସଂଗ୍ରହାଳୟ ସ୍ଥାପନ ନିମନ୍ତେ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଅର୍ଥାଭାବ ଦର୍ଶାଇ ସେତେବେଳେ ରାଜ୍ୟ ସରକାର ଏହାକୁ ଗ୍ରହଣ କରି ନ ଥିଲେ। ହେଲେ ନିଜସ୍ୱ ଉଦ୍ୟମରେ ବିଲ୍ଡିଂ ନିର୍ମାଣ କରି ମ୍ୟୁଜିୟମ୍‌ କରିବାକୁ ସରକାର ପରାମର୍ଶ ଦେଇଥିଲେ। ତେବେ ୨୦୦୫ରେ ସବୁ ଜିଲାରେ ସଂଗ୍ରହାଳୟ ଖୋଲାଯିବା ନିମନ୍ତେ ସରକାର ନିଷ୍ପତ୍ତି ନେବା ପରେ ଅନୁଗୋଳ ଜିଲାକୁ ଏଥିପାଇଁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଅର୍ଥରେ ଜିଲା ପ୍ରଶାସନ କୋଠା ନିର୍ମାଣ କରିବା ପରେ ସେଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହ ଜିଲା ପାଠାଗାର ଖୋଲାଯାଇଛି। କିନ୍ତୁ ☞ପୃଷ୍ଠା-୪


ସଂଗ୍ରହାଳୟ ପାଇଁ ଆସିଥିବା ଅର୍ଥରେ ନିର୍ମାଣ ହୋଇଥିବା ବିଲ୍ଡିଂ।

- ବିଲ୍ଡିଂ ତୋଳି ବସିଗଲା ଅନୁଗୋଳ ଜିଲା ପ୍ରଶାସନ
- ଲୋକଲୋଚନକୁ ଆସିପାରୁନି ବହୁ ବିରଳ ସାମଗ୍ରୀ
- ପୁରାତନ ତାମ୍ରଫଳକ କେଉଁଠି ଜାଣିନି ସଂସ୍କୃତି ବିଭାଗ, ଅନୁଗୋଳ



**ଏମ୍ସରେ ଡାକ୍ତରୀ ଛାତ୍ରଙ୍କ ଆତ୍ମହତ୍ୟା**

ଦିଲ୍ଲୀର ଏମ୍ସ ହଷ୍ଟେଲରେ ସୋମବାର ସନ୍ଧ୍ୟାରେ ଜଣେ ଡାକ୍ତରୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହଷ୍ଟେଲ ନମ୍ବର ୧୯ ଛାତ ଉପରୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଦ୍ୱିତୀୟ ବର୍ଷର ମେଡିକାଲ ଛାତ୍ର ବିକାଶ(୨୨)ଙ୍କୁ ଗୁରୁତର ଅବସ୍ଥାରେ ଟ୍ରମା ସେଣ୍ଟରକୁ ନିଆଯାଇଥିଲେ ହେଁ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ବେଙ୍ଗାଲୁରୁର ଏହି ଡାକ୍ତରୀ ଛାତ୍ରଙ୍କୁ ପୂର୍ବରୁ ମାନସିକ ରୋଗ ବିଭାଗରେ ଭର୍ତ୍ତିକରାଯାଇଥିଲା।

# ପାକିସ୍ତାନରୁ ଅଲଗା ହେବ ବେଲୁଚିସ୍ତାନ, ସିନ୍ଧ୍

- ଦାନା ବାନ୍ଧୁଛି ଆନ୍ଦୋଳନ
- ସିପିଇସିକୁ ଦୃଢ଼ ବିରୋଧ
- ହାତ ମିଳାଇଲେ ୫ ସଙ୍ଗଠନ

ଇସ୍ଲାମାବାଦ/ନୂଆଦିଲ୍ଲୀ, ୧୦।୮

ବେଲୁଚିସ୍ତାନ ଓ ସିନ୍ଧ୍ ପାକିସ୍ତାନଠାରୁ ଅଲଗା ହୋଇ ସ୍ୱାଧୀନ ହେବାକୁ ଚାହୁଁଛନ୍ତି। ଏଥିଲାଗି ବେଲୁଚିସ୍ତାନର ୪ ସଙ୍ଗଠନ ସହ ସିନ୍ଧ୍ର ଏକ ସଙ୍ଗଠନ ହାତ ମିଳାଇଛି। ବେଲୁଚିସ୍ତାନର ବେଲୁଚ୍ ଲିବରେଶନ ଆର୍ମି (ବିଏଲ୍ଏ), ବେଲୁଚିସ୍ତାନ ଲିବରେଶନ ଫ୍ରଣ୍ଟ (ବିଏଲ୍ଏଫ୍), ବେଲୁଚ୍ ରିପବ୍ଲିକାନ ଆର୍ମି (ବିଆର୍ଏ) ଓ ବେଲୁଚ୍ ରିପବ୍ଲିକାନ୍ ଗାର୍ଡ (ବିଆର୍ଜି) ପୂର୍ବରୁ ଆନ୍ଦୋଳନ ଜାରି ରଖିଥିବାବେଳେ ଏବେ ଏମାନଙ୍କୁ ସିନ୍ଧ୍ର ସିନ୍ଧୁଦେଶ ରିଭୋଲ୍ୟୁଶନ ଆର୍ମି (ଏସ୍ଆର୍ଏ)ର ପୂର୍ଣ୍ଣ ସହଯୋଗ ମିଳିଛି। ଏହି ୫ ସଙ୍ଗଠନ ଏକାଠି ହୋଇ ବେଲୁଚ୍ ରାଜି ଆଜୋଇ ସାଙ୍ଗର(ବିଆର୍ଏଏସ୍) ନାମକ ଏକ ସଙ୍ଗଠନ ଗଠନ କରି ପାକିସ୍ତାନକୁ ବିରୋଧ କରିଛନ୍ତି। ଏମିତିକି ଚାଇନା-ପାକିସ୍ତାନ ଇକୋନୋମିକ କରିଡର(ସିପିଇସି)କୁ ମଧ୍ୟ ଏମାନେ ଦୃଢ଼ ବିରୋଧ କରିବା ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକଙ୍କୁ ଶୋଷଣ କରି ପଞ୍ଜାବ ଅଞ୍ଚଳର ବିକାଶ ଲକ୍ଷ୍ୟରେ ସିପିଇସି କରାଯାଉଥିବା ଏମାନେ ଅଭିଯୋଗ କରିଛନ୍ତି।



ପାକିସ୍ତାନଠାରୁ ଅଲଗା ହୋଇ ସ୍ୱାଧୀନ ବେଲୁଚିସ୍ତାନ ଦାବିରେ ବିକ୍ଷୋଭ।

ବିଆର୍ଏଏସ୍ର ମୁଖପାତ୍ର ବାଲୋଚ୍ ଖାନ୍ କହିଛନ୍ତି, ସମସ୍ତ ୫ ସଙ୍ଗଠନ ଏକାଠି ହୋଇ ବୈଠକ କରିବା ସହ ପାକିସ୍ତାନଠାରୁ ଅଲଗା ହେବା ଲାଗି ରଣନୀତି ପ୍ରସ୍ତୁତ କରାଯାଇଛି। ବର୍ଷ ବର୍ଷ ଧରି ବେଲୁଚିସ୍ତାନ ଓ ସିନ୍ଧ୍ରେ ଲୋକମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ନେଇ ରହିଆସିଛନ୍ତି। ସିପିଇସି ଦ୍ୱାରା ବେଲୁଚିସ୍ତାନ ଓ ସିନ୍ଧ୍କୁ ନେଇ ପାକିସ୍ତାନ ବେଆଇନ ଭାବେ ଅଧିଗ୍ରହଣ କରି ଫାଇଦା ନେବା ଲାଗି ପ୍ରୟାସ କରୁଛି। ଏହାକୁ ରାମବାଣ ସଦୃଶ ଚିତ୍ରଣ କରାଯାଇ ସିପିଇସି ଦ୍ୱାରା ସାମାଜିକ, ଆର୍ଥିକ ସୁଧାର ସମ୍ଭବ ବୋଲି ପାକିସ୍ତାନ କହୁଛି। ୬୨ ବିଲିୟନ ଡଲାର୍ର ଏହି ଭିତ୍ତିଭୂମି ପ୍ରକଳ୍ପରେ ବିଭିନ୍ନ ସଡ଼କ, ରେଳପଥ, ପାୱାର ଷ୍ଟେଶନ, ବନ୍ଦର ଆଦି ନିର୍ମାଣ କରାଯାଇ ଚାଇନାର ଜିନ୍ଜିଆଙ୍ଗରୁ ବେଲୁଚିସ୍ତାନର ଗ୍ୱାଦର ବନ୍ଦରକୁ ସଂଯୋଗ କରାଯିବାର ଯୋଜନା ରହିଛି। ଦୀର୍ଘବର୍ଷ ଧରି ବେଲୁଚିସ୍ତାନ ଅନୁନ୍ନତ, ଅଶିକ୍ଷିତ ଓ ଗରିବ ଅଞ୍ଚଳ ହୋଇ ରହିଥିବାବେଳେ ଏଠାରେ ଥିବା ଖଣିଜ ସମ୍ପଦକୁ ଲୁଟିବା ଲାଗି ଯୋଜନା ଚାଲିଥିବା ଅଭିଯୋଗ କରାଯାଇଛି। ବେଲୁଚିସ୍ତାନରେ ଥିବା ଗ୍ୱାଦର ବନ୍ଦରକୁ ସାମରିକ ଦୃଷ୍ଟିକୋଣରୁ ଚାଇନା ବ୍ୟବହାର କରିବା ଲାଗି ଅନାଇ ବସିଛି। ଏଠାରେ ଅନେକ ମଜ୍ଭୁତ କମ୍ପ୍ଲେକ୍ସ ମଧ୍ୟ ନିର୍ମାଣ କରିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ ଇଚ୍ଛା ବିରୋଧରେ ଚାଇନାକୁ ସମର୍ଥନ କରି ପାକିସ୍ତାନ ସେଠାରେ ସେନା ଛାଉଣୀ କରିଛି। ପାକିସ୍ତାନର ଏଭଳି ହାବଭାବ ବିରୋଧରେ ବିଏଲ୍ଏ ପକ୍ଷରୁ ପାକ୍ ଷ୍ଟକ୍ ଏକ୍ସଚେଞ୍ଜ, ୫ ଷ୍ଟାର୍ କଣ୍ଟିନେଣ୍ଟାଲ ହୋଟେଲ, କରାଚୀସ୍ଥିତ ଚାଇନା କନ୍ସୁଲେଟ୍ ଉପରେ ଆକ୍ରମଣ କରାଯାଇଥିଲା। ଗତ କିଛିମାସ ତଳେ ପାକ୍ ସେନା ଅଧିକାରୀଙ୍କ ଉପରେ ଆକ୍ରମଣ ମଧ୍ୟ କରାଯାଇଥିଲା। ଏବେ ଅନେକ ପଛୁଆ ଅଞ୍ଚଳର ଲୋକେ ବେଲୁଚ୍ ଓ ସିନ୍ଧ୍ ଗୋଷ୍ଠୀ ସହ ଏକାଠି ହୋଇ ପାକିସ୍ତାନ ବିରୋଧରେ ସ୍ୱର ଉଠାଇବା ଆରମ୍ଭ କରିଛନ୍ତି। ଚାଇନା-ପାକ୍ର ଅଭିସନ୍ଧି ଓ ସିପିଇସି ବିରୋଧରେ ଯୁଦ୍ଧ ଡାକରା ଦେଇଛନ୍ତି। ଫଳରେ ଏଠାରେ ସିପିଇସି ଆଶା ମଉଳିଯିବାର ଆଶଙ୍କା ଦେଖାଦେଇଛି।

# ଆଣ୍ଡାମାନକୁ ସାମୁଦ୍ରିକ ଓଏଫ୍ସି ସଂଯୋଗ

ନୂଆଦିଲ୍ଲୀ, ୧୦।୮(ଆଇଏଏନ୍ଏସ୍)

ଚେନ୍ନାଇରୁ ପୋର୍ଟ ବ୍ଲେୟାରକୁ ସଂଯୋଗ କରୁଥିବା ସାମୁଦ୍ରିକ ଅପ୍ଟିକାଲ ଫାଇବର କେବୁଲ (ଓଏଫ୍ସି)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଉଦ୍ଘାଟନ କରିଛନ୍ତି। ଏହି ସଂଯୋଗ ଫଳରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ମୋବାଇଲ ଓ ଲ୍ୟାଣ୍ଡଲାଇନ ମୋବାଇଲ ଟେଲିଫୋନ ସେବା ଦେଶର ଅନ୍ୟ ଅଞ୍ଚଳ ଭଳି ଦ୍ରୁତତର ଓ ଅଧିକ ନିର୍ଭରଯୋଗ୍ୟ ହୋଇପାରିବ। ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଣ୍ଡାମାନ ଜନସାଧାରଣଙ୍କୁ ଏହି ଅପ୍ଟିକାଲ ଫାଇବର କେବୁଲ୍ ପ୍ରକଳ୍ପ ଏକ ଭେଟି। ଆଣ୍ଡାମାନ ନିକୋବରର ଜନସାଧାରଣ ଏବେ ଅନ୍ଲାଇନ ପାଠପଢ଼ାଠାରୁ ଆରମ୍ଭ କରି ପର୍ଯ୍ୟଟନ, ବ୍ୟାଙ୍କିଙ୍ଗ, ଶପିଂ, ଟେଲିମେଡିସିନ ଆଦି ବିଭିନ୍ନ ସୁବିଧା ପାଇପାରିବେ ବୋଲି ମୋଦି କହିଛନ୍ତି। ଏହି କେବୁଲ ପ୍ରକଳ୍ପ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଲୋକମାନଙ୍କୁ ଇ-ଗଭର୍ନାନ୍ସ, ଟେଲିମେଡିସିନ୍ ଓ ଅନ୍ଲାଇନ ଶିକ୍ଷା ସେବା ମିଳିପାରିବ। ଭାରତ ସରକାରଙ୍କ ପକ୍ଷରୁ ଟେଲିକମ୍ ବିଭାଗ ଅଧୀନରେ ଥିବା ୟୁନିଭର୍ସାଲ ସର୍ଭିସ ଓବ୍ଲିଗେଶନ ଫଣ୍ଡ (ୟୁଏସ୍ଓଏଫ୍) ଜରିଆରେ ଏଥିପାଇଁ ପୁଞ୍ଜିନିବେଶ ହୋଇଥିଲା। ମୋଟ ୧,୨୨୪ କୋଟି ଟଙ୍କା ବ୍ୟୟରେ ୨୩୦୦ କିଲୋମିଟର ଦୀର୍ଘ କେବୁଲ ସମୁଦ୍ର ଗର୍ଭରେ ବିଛାଯାଇଛି। ଏହି କେବୁଲ ପୋର୍ଟ ବ୍ଲେୟାର ସହ ସ୍ୱରାଜ ଦ୍ୱୀପ, ଲିଟଲ୍ ଆଣ୍ଡାମାନ, କାର୍ ନିକୋବର, କାମୋର୍ତା, ଗ୍ରେଟ୍ ନିକୋବର, ଲଙ୍ଗ୍ ଆଇଲାଣ୍ଡ ଏବଂ ରଙ୍ଗଟ୍କୁ ମଧ୍ୟ ସଂଯୋଗ କରିବ। ୨୦୧୮ ଡିସେମ୍ବର ୩୦ରେ ପୋର୍ଟ ବ୍ଲେୟାରରେ ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

**ଉଦ୍ଘାଟନ କଲେ ପ୍ରଧାନମନ୍ତ୍ରୀ**


ନରେନ୍ଦ୍ର ମୋଦି

## ଜେକେପିଏମ୍ ଅଧ୍ୟକ୍ଷ ପଦରୁ ଫୈଜଲଙ୍କ ଇସ୍ତଫା



ଶ୍ରୀନଗର, ୧୦।୮(ପି.ଟି.): ଗତବର୍ଷ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଛାଡ଼ି ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍ମେଣ୍ଟ (ଜେକେପିଏମ୍) ଗଠନ କରିଥିବା ଶାହ ଫୈଜଲ ଏହାର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ସୋମବାର ଦଳ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେ ରାଜନୀତି ଛାଡୁଥିବା ନେଇ ରବିବାର ସୂଚନା ଦେବା ସହ ଟ୍ୱିଟରରେ ତାଙ୍କର ବ୍ୟକ୍ତିଗତ ବିବରଣୀରେ ସଂଶୋଧନ କରିଛନ୍ତି। ଜେକେପିଏମ୍ କାର୍ଯ୍ୟକାରୀ କମିଟିର ଅନ୍ଲାଇନ ବୈଠକ ବସି ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଦଳ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

# ସୁପ୍ରିମକୋର୍ଟରେ ପୁଣି ରିଆଙ୍କ ଆବେଦନ

ନୂଆଦିଲ୍ଲୀ, ୧୦।୮

ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ଅଭିଯୁକ୍ତ ତଥା ସୁଶାନ୍ତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀ ସୋମବାର ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିଡିଆରେ ଭୁଲ ଭାବେ ତାଙ୍କୁ ଦୋଷୀ ଦର୍ଶାଯାଉଥିବା ସେ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଶେଷଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ତାଙ୍କୁ ବଳୀବୋଦା ନ କରିବା ଲାଗି ସେ ସର୍ବୋଚ୍ଚ ଅଦାଲତକୁ ଅନୁରୋଧ କରିଛନ୍ତି। ସିବିଆଇକୁ ସୁଶାନ୍ତ ମୃତ୍ୟୁ ମାମଲାର ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲେ ହେଁ କୌଣସି ଆପତ୍ତି ନାହିଁ। ମାମଲା ମୁମ୍ବାଇରେ ରହିବ ବୋଲି ସେ କହିଛନ୍ତି। ରିଆ ପୁଣି କହିଛନ୍ତି, ସୁଶାନ୍ତଙ୍କ ଭଳି ଗତ ୩୦ ଦିନ ମଧ୍ୟରେ ସମୀର ଶର୍ମା ଓ ଆଶୁତୋଷ ଭାକ୍ରେ ଆତ୍ମହତ୍ୟା କରିଥିଲେ ବି ମିଡିଆରେ ଏନେଇ ସେଭଳି ଚର୍ଚ୍ଚା କରାଯାଉନାହିଁ। ବିହାର ନିର୍ବାଚନ ପୂର୍ବରୁ ସୁଶାନ୍ତ ମୃତ୍ୟୁ ଘଟଣାକୁ ଅସ୍ତ୍ରଭାବେ ବ୍ୟବହାର କରାଯାଉଛି ଓ ମିଡିଆ ଏହାକୁ ଅତିରଞ୍ଜିତ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ମାମଲାର ଶୁଣାଣି ପୂର୍ବରୁ ରିଆ ସୁପ୍ରିମକୋର୍ଟ ଯିବା ସହ ତାଙ୍କ ବିରୋଧରେ ଥିବା ମାମଲା ପାଟନାରୁ ମୁମ୍ବାଇକୁ ସ୍ଥାନାନ୍ତର କରିବା ଲାଗି ଅନୁରୋଧ କରିଛନ୍ତି। ଏଥିସହ ବିହାରରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଉଥିବାରୁ ସୁରକ୍ଷା ଯୋଗାଇ ଦେବାକୁ ରିଆ ସୁପ୍ରିମକୋର୍ଟରେ ଅନୁରୋଧ କରିଛନ୍ତି। ପ୍ରକାଶଥାଉ କି, ରିଆଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ସୋମବାର ଜେରା କରାଯାଇଛି।


ରିଆ ଚକ୍ରବର୍ତ୍ତୀ


ଜନ୍ମାଷ୍ଟମୀ ପୂର୍ବରୁ ଅମୃତସରରେ ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି ମହିଳା କାରିଗର।

## ସୁସ୍ଥ ହେଲେ ୟେଦୁରପ୍ପା



ନୂଆଦିଲ୍ଲୀ, ୧୦।୮: କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କରୋନାରୁ ସୁସ୍ଥ ହୋଇ ସୋମବାର ଅପରାହ୍ନରେ ହସ୍ପିଟାଲରୁ ଫେରିଛନ୍ତି। ଅଗଷ୍ଟ ୨ରେ ୟେଦୁରପ୍ପାଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସେ ବେଙ୍ଗାଲୁରୁର ମନିପାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଏବେ ସେ ଘରେ କ୍ୱାରାଣ୍ଟାଇନରେ ରହିବେ ବୋଲି କହିଛନ୍ତି।

# ୨୪ ଘଣ୍ଟାରେ ୬୨ ହଜାର ଆକ୍ରାନ୍ତ

ନୂଆଦିଲ୍ଲୀ, ୧୦।୮



ମହାମାରୀ କରୋନା ଲୋକଙ୍କ ନିଦ ହଜାଇ ଦେଇଛି। ଗତ କିଛିଦିନ ହେବ ଦୈନିକ ୫୦ରୁ ୬୦ ହଜାର ନୂଆ ଆକ୍ରାନ୍ତ ଚିହ୍ନଟ ହେବା ଫଳରେ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟିହୋଇଛି। ଗତ ୨୪ ଘଣ୍ଟାରେ ଦେଶରେ ୬୨ ହଜାର ୬୪ ଲୋକ ସଂକ୍ରମିତ ହୋଇଥିବାବେଳେ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏଥିସହ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୨୨.୪୫ ଲକ୍ଷକୁ ବୃଦ୍ଧି ପାଇଛି। ମୋଟ ୪୪,୮୫୫ ଜୀବନ ଗଲାଣି। ଯଦିଓ ୧୫.୬୦ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି ୬.୩୮ ଲକ୍ଷ ଆକ୍ଟିଭ୍ ମାମଲା ଏବେ ବି ରହିଛି। ଗୋଟିଏ ଦିନରେ ରେକର୍ଡ ୫୪,୮୫୯ ଲୋକ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଏଥିସହ ଦେଶରେ ସୁସ୍ଥହାର ୬୮.୭୮% ରହିଛି। ଦିନକୁ ୭ ଲକ୍ଷରୁ ଅଧିକ ଲୋକଙ୍କ କରୋନା ପରୀକ୍ଷା କରାଯାଉଛି।

ମହାରାଷ୍ଟ୍ରରେ ୫.୧୫ ଲକ୍ଷ ଆକ୍ରାନ୍ତ ଥିବାବେଳେ ତାମିଲନାଡୁରେ ୩.୦୨ ଲକ୍ଷ, କର୍ଣ୍ଣାଟକରେ ୧.୭୮ ଲକ୍ଷ, ଆନ୍ଧ୍ରପ୍ରଦେଶରେ ୨.୩୫ ଲକ୍ଷ, ଉତ୍ତରପ୍ରଦେଶରେ ୧.୨୬ ଲକ୍ଷ, ଦିଲ୍ଲୀରେ ୧.୪୬ ଲକ୍ଷ, ପଶ୍ଚିମବଙ୍ଗରେ ୯୫ ହଜାରରୁ ଅଧିକ ରୋଗୀ ଅଛନ୍ତି। କରୋନାରୁ ମୁକୁଳିବା ଲାଗି ବିଶ୍ୱବ୍ୟାପୀ ଟିକା ଓ ଔଷଧ ପ୍ରସ୍ତୁତି ଚାଲିଥିବାବେଳେ ଉଗ୍ର ସଂକ୍ରମଣ ସ୍ଥିତି ଦେଶବାସୀଙ୍କୁ ନାକେଦମ କରି ରଖିଥିବା ପ୍ରକାଶ।

## ପାକିସ୍ତାନରେ ବିସ୍ଫୋରଣ: ୫ ମୃତ

ଇସ୍ଲାମାବାଦ, ୧୦।୮(ପି.ଟି.)

ଆଫଗାନିସ୍ତାନ ସୀମାନ୍ତବର୍ତ୍ତୀ ପାକିସ୍ତାନର ଏକ ସହରରେ ସୋମବାର ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ହେବା ସହ ୨୦ ଜଣ ଆହତ ହୋଇଛନ୍ତି। ବେଲୁଚିସ୍ତାନ ପ୍ରଦେଶର ଚମନ ସହର ଅନ୍ତର୍ଗତ ହାଜି ନିଡା ବଜାରରେ ଏହି ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ନିଶା ନିବାରଣ ବାହିନୀର ଏକ ଗାଡ଼ିକୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିଲା। ଦୁର୍ବୃତ୍ତମାନେ ରାସ୍ତାପାର୍ଶ୍ୱରେ ଥିବା ମୋଟରସାଇକେଲରେ ବିସ୍ଫୋରକ ଖଞ୍ଜିଥିଲେ। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ବିସ୍ଫୋରଣକୁ ନିନ୍ଦା କରିବା ସହ ମୃତକମାନଙ୍କ ପାଇଁ ଦୁଃଖପ୍ରକାଶ କରିଛନ୍ତି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ଗଣବଳାତ୍କାର

ଜୟପୁର, ୧୦।୮

ରାଜସ୍ଥାନର ଦୌସା ଜିଲା ଲାଲ୍ସଟ୍ ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ସେ ଘର ପାଖରେ ଥିବା ଏକ ଷ୍ଟୋରକୁ ପୂର୍ବାହ୍ନ ୧୧ଟାରେ ଯାଉଥିବାବେଳେ ସେହି ଗ୍ରାମର ୫ ଜଣ ଯୁବକ ତାଙ୍କୁ ଅପହରଣ କରି ଏକ ଗାଡ଼ି ଭିତରେ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ମା’ ଏ ସମ୍ପର୍କରେ ଜାଣିବା ପରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଆଉ ୨ ଜଣ ଫେରାର ଥିବା ଜଣାପଡ଼ିଛି। ଜୟପୁର ପୋଲିସ ଆଇଜି ଏସ୍. ସେଙ୍ଗାଥିର ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଟଣାଟି ଗତ ୫ ତାରିଖରେ ଘଟିଥିବାବେଳେ ପୋଲିସ ଶନିବାର ରାତିରେ ସୂଚନା ପାଇ ୫ ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆଇନରେ ମାମଲା ରୁଜୁ କରିଛି।

## ବାପାଙ୍କ ମୃତଦେହ ଦେଖିବାକୁ ୫୧ ହଜାର

**କୋଲକାତା, ୧୦।୮:** ପଶ୍ଚିମବଙ୍ଗର ଏକ ଘରୋଇ ହସ୍ପିଟାଲରେ କରୋନାରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ମରଶରୀର ଦେଖିବା ପାଇଁ ତାଙ୍କ ପୁଅଙ୍କଠାରୁ କର୍ତ୍ତୃପକ୍ଷ ୫୧ ହଜାର ଟଙ୍କା ଦାବିକରିଥିଲେ। ଶନିବାର ରାତିରେ ହରି ଗୁପ୍ତାଙ୍କର ଏକ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ରବିବାର ତାଙ୍କ ପରିବାର ହସ୍ପିଟାଲରେ ପହଞ୍ଚିବା ବେଳକୁ ମୃତଦେହକୁ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ତାଙ୍କୁ ୫୧ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ମୃତଦେହକୁ ଦେଖିବାକୁ ନ ଦେଇ ପୋତିଦିଆଯାଇଥିଲା।

## ‘ପିଲାଙ୍କୁ ସ୍କୁଲ୍କୁ ଫେରାଇ ଆଣିବା ଦେଶର ନୈତିକ କର୍ତ୍ତବ୍ୟ’


ବୋରିସ୍ ଜନ୍ସନ

ଲଣ୍ଡନ, ୧୦।୮(ପି.ଟି.)

କରୋନା ଜନିତ ଲକ୍ଡାଉନ ପରେ ପିଲାମାନଙ୍କୁ ସ୍କୁଲ୍କୁ ଫେରାଇ ଆଣିବା ଦେଶର ନୈତିକ କର୍ତ୍ତବ୍ୟ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ ସୋମବାର କହିଛନ୍ତି। ଏଥିସହିତ ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ମଧ୍ୟ ଅଗ୍ରାଧିକାର ଦେବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ରିଟେନରେ ସେପ୍ଟେମ୍ବରରୁ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ସବୁ ଛାତ୍ରୀଛାତ୍ର ଯେପରି ସ୍କୁଲ୍କୁ ଆସିବେ ସେ ଦିଗରେ କାର୍ଯ୍ୟ କରିବା ପାଇଁ ଜନ୍ସନ ଶିକ୍ଷକ ସଂଘଗୁଡ଼ିକୁ କହିଛନ୍ତି।

# ହିନ୍ଦୀକୁ ନେଇ ବର୍ଷିଲେ କୁମାରସ୍ୱାମୀ

**ଦକ୍ଷିଣ ଭାରତୀୟ ନେତା ପ୍ରଧାନମନ୍ତ୍ରୀ ହୋଇପାରୁନାହାନ୍ତି**

ବେଙ୍ଗାଲୁରୁ, ୧୦।୮

ନୂଆ ଶିକ୍ଷାନୀତିକୁ ନେଇ ବିତର୍କ ଚାଲିଥିବାବେଳେ ଭାଷାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ହିନ୍ଦୀ ଭାଷାକୁ ନେଇ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସମାଲୋଚନା କରିଛନ୍ତି। ହିନ୍ଦୀ ରାଜନୀତି ପାଇଁ ଦକ୍ଷିଣ ଭାରତୀୟ ନେତାମାନେ ପ୍ରଧାନମନ୍ତ୍ରୀ ହେବା ସୁଯୋଗରୁ ବଞ୍ଚିତ ହୋଇଥିବା ସେ କହିଛନ୍ତି।

ଡିଏମ୍କେ ଏମ୍ପି କାନିମୋଝି ହିନ୍ଦୀ ବୁଝିପାରୁ ନ ଥିବାରୁ ବିମାନବନ୍ଦରରେ ଅସୁବିଧାର ସମ୍ମୁଖୀନ ହୋଇଥିବା ସମ୍ପର୍କରେ ରବିବାର ଟ୍ୱିଟ୍ କରିଥିଲେ। ସେ ଭାରତୀୟ ନୁହନ୍ତି କି ବୋଲି ଜଣେ ସିଆଇଏସ୍ଏଫ୍ ଅଫିସର ପ୍ରଶ୍ନ କରିଥିଲେ। କାନିମୋଝି ଉକ୍ତ ଅଫିସରଙ୍କୁ ତାମିଲ କିମ୍ବା ଇଂଲିଶରେ କହିବାକୁ ପରାମର୍ଶ ଦେବାରୁ ସେ ଏଭଳି କହିଥିଲେ। କାନିମୋଝିଙ୍କ ଟ୍ୱିଟ୍ ପରେ କଂଗ୍ରେସ ଏମ୍ପି କନିକମ୍ ଟାଗୋର ଏବଂ କାର୍ତ୍ତି ଚିଦାମ୍ବରମ ଏଭଳି ଘଟଣାକୁ ନିନ୍ଦା କରିଥିଲେ। କୁମାରସ୍ୱାମୀ କାନିମୋଝିଙ୍କୁ ସମର୍ଥନ ଜଣାଇଛନ୍ତି। ବିମାନବନ୍ଦରରେ ଯାହା ଘଟିଲା ତାହା ଭଉଣୀ କାନିମୋଝିଙ୍କ ପାଇଁ ଅପମାନ ବୋଲି ସେ କହିଛନ୍ତି। ହିନ୍ଦୀ ରାଜନୀତି ପାଇଁ ଦକ୍ଷିଣୀ ନେତାମାନଙ୍କଠାରୁ କିପରି ସୁଯୋଗ ଛଡ଼ାଇ ନିଆଯାଉଛି, ତାହା ଉପରେ ବିତର୍କର ସମୟ ଆସିଛି ବୋଲି କୁମାରସ୍ୱାମୀ କହିଛନ୍ତି। ହିନ୍ଦୀ ରାଜନୀତି ଯୋଗୁ ଅନେକ ଦକ୍ଷିଣ ଭାରତୀୟ ନେତା ପ୍ରଧାନମନ୍ତ୍ରୀ ହେବାରୁ ବଞ୍ଚିତ ହୋଇଛନ୍ତି। ଏଚ୍.ଡି. ଦେବେଗୌଡା, କରୁଣାନିଧି, କାମରାଜ ଦକ୍ଷିଣ ଭାରତର ପ୍ରମୁଖ ନେତା। ଯଦିଓ ଦେବେଗୌଡ଼ା ଏହି ପ୍ରତିବନ୍ଧକକୁ ଭାଙ୍ଗିବାରେ ସଫଳ ହୋଇଥିଲେ, ତେବେ ଭାଷାକୁ ନେଇ ଅନେକ ସମୟରେ ତାଙ୍କୁ ସମାଲୋଚନା କରାଯିବା ସହ ବ୍ୟଙ୍ଗ କରାଯାଉଥିଲା। ଲାଲ୍କିଲ୍ଲାରେ ଦେବେଗୌଡ଼ାଙ୍କୁ ହିନ୍ଦୀରେ ଭାଷଣ ଦେବା ପାଇଁ ବାଧ କରାଯାଇଥିଲା ବୋଲି କୁମାରସ୍ୱାମୀ କହିଛନ୍ତି।



# ବର୍ଷକୁ ୧୦୦ ହାତୀଙ୍କ ଜୀବନ ଯାଉଛି

ନୂଆଦିଲ୍ଲୀ, ୧୦।୮(ପି.ଟି.)

ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ଲାଗି ରହିଛି। ଏହି ଲଢ଼େଇରେ ବର୍ଷକୁ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏବଂ ୧୦୦ ହାତୀ ପ୍ରାଣ ହରାଉଥିବା ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୧୨ ତାରିଖ ବିଶ୍ୱ ହସ୍ତୀ ଦିବସ ପୂର୍ବରୁ ମନ୍ତ୍ରଣାଳୟ ଏହି ସୂଚନା ଦେଇଛି। ୨୦୧୭ରେ ହୋଇଥିବା ଗଣନା ଅନୁଯାୟୀ ଭାରତରେ ୩୦ ହଜାର ହାତୀ ରହିଥିଲେ। ପରିବେଶ ସନ୍ତୁଳନରେ ହାତୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନଙ୍କର ସଂରକ୍ଷଣ ଅତି ଜରୁରୀ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ହାତୀ ଜନବସତିମୁହାଁ ନ ହୋଇ ଜଙ୍ଗଲ ମଧ୍ୟରେ ଯେପରି ରହିବେ ସେଥିପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଓ ଜଳ ଉପଲବ୍ଧ କରାଇବା ଲାଗି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଆସନ୍ତାବର୍ଷ ସୁଦ୍ଧା ଏହାର ଫଳାଫଳ ମିଳିଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଗତ ମେ’ ୨୭ରେ କେରଳରେ ସପୁରି ଭିତରେ ବାଣ ପୂରାଇ ଗର୍ଭିଣୀ ହାତୀକୁ ଖାଇବାକୁ ଦେଇ ମାରିବା ଘଟଣାକୁ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ନିନ୍ଦା କରିଛନ୍ତି। ହାତୀମାନଙ୍କୁ ସୁରକ୍ଷା ଦେବାକୁ ହେବ। କେରଳ ଘଟଣା ଅମାନବିକତାର ପରିଚୟ। ଏଭଳି ଅପରାଧ ବିରୋଧରେ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁପ୍ରିୟୋ କହିଥିଲେ। ଦେଶରେ ପ୍ରତିବର୍ଷ ଘଟୁଥିବା ହାତୀ-ମଣିଷ ସଂଘର୍ଷ ସମ୍ପର୍କରେ ଜଙ୍ଗଲ ବିଭାଗ ଅତିରିକ୍ତ ମହାନିର୍ଦ୍ଦେଶକ ସୌମିତ୍ର ଦାସଗୁପ୍ତା ସୂଚନା ଦେଇଥିଲେ। ସେ କହିଥିଲେ ଶହ ଶହ ହାତୀ ବାସସ୍ଥାନ ଛାଡ଼ି ଜନବସତିମୁହାଁ ହେଉଥିବାରୁ ଏଭଳି ସଂଘର୍ଷ ଘଟୁଛି। ଏଥିରେ ବର୍ଷକୁ ୫୦୦ରୁ ଅଧିକ ଲୋକଙ୍କ ଜୀବନ ଯିବା ସହ ୧୦୦ ହାତୀଙ୍କ ମୃତ୍ୟୁ ଘଟୁଛି। ହାତୀ ସଂରକ୍ଷଣ ଲାଗି ଗତ ୫ ବର୍ଷ ମଧ୍ୟରେ ଅନେକ ପଦକ୍ଷେପ ନିଆଯାଇଛି। ଅଧିକ ହାତୀ କରିଡର ଚିହ୍ନଟ ହେବା ସହ ଏଥିପାଇଁ ୩୦ ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି ବୋଲି ଦାସଗୁପ୍ତା କହିଥିଲେ। ଏହି ଅବସରରେ ମନ୍ତ୍ରୀ ଜାଭଡେକର ହାତୀ-ମଣିଷ ବିବାଦ ପରିଚାଳନା ଉପରେ ଏକ ପୁସ୍ତିକା ଉନ୍ମୋଚନ କରିବା ସହ ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ଉପରେ ଏକ ଜାତୀୟ ପୋର୍ଟାଲର ଶୁଭାରମ୍ଭ କରିଥିଲେ।

**ହାତୀ-ମଣିଷ ସଂଘର୍ଷ**



# ବିଶ୍ୱରେ ୪୫ ଦିନରେ ୧ କୋଟି ସଂକ୍ରମିତ

**ଜାନୁୟାରୀ-୨୨**
ଆକ୍ରାନ୍ତ: ୫୮୦
ମୃତ୍ୟୁ: ୧୭

**ମାର୍ଚ୍ଚ-୬**
ଆକ୍ରାନ୍ତ: ୧,୦୨,୦୫୨
ମୃତ୍ୟୁ: ୩,୪୯୩
ଆରୋଗ୍ୟ: ୫୭,୬୦୯

୪୫ ଦିନରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ଏପ୍ରିଲ-୨**
ଆକ୍ରାନ୍ତ: ୧୦,୨୦,୨୨୨
ମୃତ୍ୟୁ: ୫୫,୭୪୬
ଆରୋଗ୍ୟ: ୨,୧୨,୨୨୧

**ଜୁନ୍-୨୬**
ଆକ୍ରାନ୍ତ: ୯୮,୯୨,୫୯୫
ମୃତ୍ୟୁ: ୫,୦୦,୨୨୦
ଆରୋଗ୍ୟ: ୫୩,୯୧,୯୨୮

୮୬ ଦିନରେ ମୃତ୍ୟୁ ସଂଖ୍ୟା ପ୍ରାୟ ୯ ଗୁଣ

୧୫୮ ଦିନରେ ୧କୋଟିରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

୪୫ ଦିନରେ ୧କୋଟିରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ଜୁନ୍-୨୭**
ଆକ୍ରାନ୍ତ: ୧,୦୦,୭୧,୨୨୪
ମୃତ୍ୟୁ: ୫,୦୪,୮୯୭
ଆରୋଗ୍ୟ: ୫୪,୯୩,୩୦୬

**ଅଗଷ୍ଟ-୯**
ଆକ୍ରାନ୍ତ: ୨,୦୦,୧୭,୦୧୭
ମୃତ୍ୟୁ: ୭,୩୩,୬୧୯
ଆରୋଗ୍ୟ: ୧,୨୮,୯୨,୫୦୭

### କରୋନା ସଂକ୍ରମଣ ସ୍ଥିତି (ସୋମବାର ରାତି ୧୦ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୦୧,୨୦,୬୦୪ | ୭,୩୫,୬୬୭ | ୧,୨୯,୬୯,୬୬୭ |
| ଭାରତ | ୨୨,୫୭,୫୭୨ | ୪୫,୧୯୮ | ୧୫,୭୧,୭୧୨ |
| ଓଡ଼ିଶା | ୪୭,୪୫୫ | ୨୮୬(+୫୧) | ୩୩,୦୨୧ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

### ପ୍ରମୁଖ ୨୦ ଦେଶର ସ୍ଥିତି (ଅଗଷ୍ଟ ୯ ସୁଦ୍ଧା)

| ଦେଶ | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ୧-ଆମେରିକା | ୫୧,୯୯,୪୪୪ | ୧,୬୫,୬୧୭ | ୨୬,୬୪,୭୦୧ |
| ୨-ବ୍ରାଜିଲ | ୩୦,୩୫,୫୮୨ | ୧,୦୧,୧୩୬ | ୨୧,୧୮,୪୬୦ |
| ୩-ଭାରତ | ୨୨,୧୪,୧୩୭ | ୪୪,୪୬୬ | ୧୫,୩୪,୨୭୮ |
| ୪-ରୁଷିଆ | ୮,୮୭,୫୩୬ | ୧୪,୯୩୧ | ୬,୯୩,୪୨୨ |
| ୫-ଦ. ଆଫ୍ରିକା | ୫,୫୯,୮୫୯ | ୧୦,୪୦୮ | ୪,୧୧,୪୭୪ |
| ୬-ପେରୁ | ୪,୭୮,୦୨୪ | ୨୧,୦୭୨ | ୩,୨୪,୦୭୦ |
| ୭- ମେକ୍ସିକୋ | ୪,୭୫,୯୦୨ | ୫୨,୦୦୬ | ୩,୧୮,୬୩୮ |
| ୮-କଲମ୍ବିଆ | ୩,୮୭,୪୮୧ | ୧୨,୮୪୨ | ୨,୧୨,୬୮୮ |
| ୯-ଚିଲି | ୩,୭୩,୦୫୬ | ୧୦,୦୭୭ | ୩,୪୫,୮୨୬ |
| ୧୦-ସ୍ପେନ | ୩,୬୧,୪୪୨ | ୨୮,୫୦୩ | ............. |
| ୧୧-ଇରାନ | ୩,୨୬,୭୧୨ | ୧୮,୪୨୭ | ୨,୮୪,୩୭୧ |
| ୧୨-ବ୍ରିଟେନ | ୩,୧୦,୮୨୫ | ୪୬,୫୭୪ | ............. |
| ୧୩-ସାଉଦି ଆରବ | ୨,୮୮,୬୯୦ | ୩,୧୬୭ | ୨,୫୨,୦୩୯ |
| ୧୪-ପାକିସ୍ତାନ | ୨,୮୪,୧୨୧ | ୬,୦୮୨ | ୨,୬୦,୨୪୮ |
| ୧୫-ବାଲାଂଦେଶ | ୨,୫୭,୬୦୦ | ୩,୩୯୯ | ୧,୪୮,୩୭୦ |
| ୧୬-ଇଟାଲି | ୨,୫୦,୫୬୬ | ୩୫,୨୦୫ | ୨,୦୨,୦୯୮ |
| ୧୭-ଆର୍ଜେଣ୍ଟିନା | ୨,୪୬,୪୯୯ | ୪,୬୦୬ | ୧,୦୮,୨୪୨ |
| ୧୮-ତୁର୍କୀ | ୨,୪୦,୮୦୪ | ୫,୮୪୪ | ୨,୨୩,୭୫୯ |
| ୧୯-ଜର୍ମାନୀ | ୨,୧୭,୨୮୧ | ୯,୨୬୧ | ୧,୯୭,୪୦୦ |
| ୨୦-ଫ୍ରାନ୍ସ | ୧,୯୭,୯୨୧ | ୩୦,୩୨୪ | ୮୨,୮୩୬ |

# ପିଜି ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର(ବ୍ୟୁରୋ),୧୦।୮

- ୧୨ରୁ ଆବେଦନ ଆରମ୍ଭ
- ଡିସେମ୍ବର ୧ରୁ ହେବ ପାଠପଢ଼ା

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ କଲେଜର ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମରେ ନାମଲେଖା ଲାଗି ଆସନ୍ତା ୧୨ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। କରୋନା ସଂକ୍ରମଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତବର୍ଷ ଏକକ ପ୍ରବେଶିକା ପରୀକ୍ଷା କରାଯାଇ ଯୋଗ୍ୟତା ଭିତ୍ତିରେ ଛାତ୍ରୀଛାତ୍ରଙ୍କ ନାମଲେଖା ଅନୁଷ୍ଠିତ ହେବ। ଏନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଉକ୍ତ ବିଜ୍ଞପ୍ତି ଅନୁସାରେ, ପ୍ରବେଶିକା ପରୀକ୍ଷା ଲାଗି ଆସନ୍ତା ୧୨ ତାରିଖ ଅପରାହ୍ନ ୨ଟାରୁ ୩୧ ତାରିଖ ରାତି ୧୧ଟା ୪୫ ମଧ୍ୟରେ ଛାତ୍ରୀଛାତ୍ର www.samsodisha.gov.in ମାଧ୍ୟମରେ ଆବେଦନ କରିପାରିବେ। ସେପ୍ଟେମ୍ବର ୨୦ରେ ଇ-ସ୍ପେସ୍‌ରେ ହଲ୍ ଟିକେଟ୍ ଉପଲବ୍ଧ ହେବ ଏବଂ ଆବେଦନକାରୀ ସେଠାରୁ ନିଜର ହଲ୍ ଟିକେଟ୍ ଡାଉନ୍‌ଲୋଡ୍ କରିପାରିବେ। ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୭ ମଧ୍ୟରେ ସମଗ୍ର ରାଜ୍ୟରେ ଏକକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଅକ୍ଟୋବର ୧୦ ମଧ୍ୟରେ ଆବେଦନକାରୀ ସ୍ନାତକ ମାର୍କଶିଟ୍ ଦାଖଲ କରିବେ। ଅକ୍ଟୋବର ୨୦ ସୁଦ୍ଧା ପ୍ରବେଶିକା ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟର ୩ଟି ବିଶ୍ୱବିଦ୍ୟାଳୟ ଓକାକ୍‌କୁ ପ୍ରବେଶିକା ପରୀକ୍ଷା ମାର୍କ ହସ୍ତାନ୍ତର କରିବେ ଓ ୨୫ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ପିଜି ପାଠ୍ୟକ୍ରମ ଥିବା ସରକାରୀ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ନଭେମ୍ବର ୨୦ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ କରିବେ। ଡିସେମ୍ବର ପହିଲାରୁ ପିଜି ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି ଏହି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଯେଉଁ ଛାତ୍ରୀଛାତ୍ରଙ୍କର ଶେଷ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବ ସେମାନେ ମଧ୍ୟ ଏହି ପ୍ରବେଶିକା ପରୀକ୍ଷାଲାଗି ଅନ୍‌ଲାଇନରେ କମନ୍ ଆପ୍ଲିକେଶନ ଫର୍ମ ମାଧ୍ୟମରେ ଆବେଦନ କରିପାରିବେ। ଚୂଡ଼ାନ୍ତ ରାଜ୍ୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବା ପୂର୍ବରୁ ସେମାନଙ୍କୁ ସ୍ନାତକ ମାର୍କ ଦାଖଲ କରିବାକୁ ହେବ। ଯେଉଁମାନେ ଦାଖଲ ନ କରିପାରିବେ ସେମାନଙ୍କ ଆବେଦନକୁ ଗ୍ରହଣ କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଚଳିତ ବର୍ଷ ୭ ଲକ୍ଷ ପକ୍କାଘର ଟାର୍ଗେଟ୍

ଭୁବନେଶ୍ୱର,୧୦।୮(ବ୍ୟୁରୋ)

## ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୭ ଲକ୍ଷ ପକ୍କା ଘର ନିର୍ମାଣ କରାଯିବ। ଅଗଷ୍ଟ ୫ ସୁଦ୍ଧା ରାଜ୍ୟରେ ୧ ଲକ୍ଷ ଘର ନିର୍ମାଣ ଶେଷ ହୋଇଛି। ଗତ ଆର୍ଥିକ ବର୍ଷ ଏହି ସମୟ ସୁଦ୍ଧା ୪୪ ହଜାର ପକ୍କା ଘର ନିର୍ମାଣ ହୋଇଥିଲା। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି।

ରାଜ୍ୟରେ କୋଭିଡ୍ ମହାମାରୀ ଯୋଗୁ ଅନେକ ସମୟ ଶଟ୍‌ଡାଉନ ଓ ଲକ୍‌ଡାଉନ ପାଇଁ ଗୃହ ନିର୍ମାଣ କାର୍ଯ୍ୟରେ କିଛିଟା ବିଳମ୍ବ ହୋଇଥିଲା। ଏହାସତ୍ତ୍ୱେ ଗ୍ରାମାଞ୍ଚଳ ପକ୍କାଘର ଯୋଜନାରେ ଘର ନିର୍ମାଣ ଆଶାନୁରୂପ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ କରିବା ସହ ଅପେକ୍ଷାରତ ହିତାଧିକାରୀଙ୍କ ପାଇଁ ଗୃହ ତାଲିକା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ପଞ୍ଚାୟତିରାଜ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗୃହଗୁଡ଼ିକର ମାନ ଯେପରି ଠିକ୍ ରହିବ, ତା'ଉପରେ କଡ଼ା ନଜର ରଖିବା ପାଇଁ ବ୍ଲକସ୍ତରୀୟ ଅଧିକାରୀଙ୍କୁ କୁହାଯାଇଛି। ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପାଟିଲ ସୂଚନା ଦେଇ କହିଥିଲେ ଯେ, ଆହୁରି ୫୭ ହଜାର ପରିବାରଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ଏମାନଙ୍କର ଘର କରିବା ପାଇଁ ଡିହ ନ ଥିବାରୁ ସେମାନଙ୍କୁ ତୁରନ୍ତ ଘର ଉପଯୋଗୀ ଜମି ଯୋଗାଇଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ଅଗଷ୍ଟ ସୁଦ୍ଧା ରାଜ୍ୟରେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୈନିକ ୮.୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଚଳିତ ମାସ ଶେଷ ସୁଦ୍ଧା ଦିନକୁ ଆହୁରି ୧୫ ଶ୍ରମ ଦିବସ ସୃଷ୍ଟି କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ବର୍ଷା ଋତୁରେ ୫ରୁ ୬ଟି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂ ଯୋଗ ଦେଇଥିଲେ।

ଏକାଦଶାହ ଉପଲକ୍ଷେ
ସ୍ୱର୍ଗତ ଇଂ. ପିତାମ୍ବର ଧଳ
୫୮୫/୧, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ- ୨୪।୦୩।୧୯୩୫ । ତିରୋଧାନ- ୦୧।୦୮।୨୦୨୦
ବହୁତ ମନେପଡୁଛନ୍ତି ଆପଣ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ଉପରେ ପୂର୍ବପରି ରହିଥାଉ। ଆଜି ଏହି ପବିତ୍ର ଦିନରେ ଆପଣଙ୍କର ଅମର ଆତ୍ମା ଚିରଶାନ୍ତି ଲାଭକରୁ ଏହା ହିଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର- ବିକ୍ରମ, ସଂଗ୍ରାମ, ସୁଜିତ୍, ପୁତ୍ରବଧୂ - ପୁଷ୍ପଜା, ଝିଅ- ଲିପିକା, ଜ୍ୱାଇଁ- ସୁକୁମାର, ସମସ୍ତ ନାତିନାତୁଣୀ ଏବଂ ପରିବାରବର୍ଗ ।

# ଡାଲି, ତୈଳବୀଜ ସଂଗ୍ରହ ୨୦% ବୃଦ୍ଧି

- ୧୩ ଜିଲାରୁ ୯୧୨୭.୭୯୬ ମେଟ୍ରିକ ଟନ୍ କ୍ରୟ
- ଯାଜପୁର ଜିଲାରୁ ସର୍ବାଧିକ ୨୫.୨୪କୋଟିର ସଂଗ୍ରହ

**ଭୁବନେଶ୍ୱର,୧୦।୮(ବ୍ୟୁରୋ):** ଚଳିତ ବର୍ଷ ଡାଲି ଜାତୀୟ ଓ ତୈଳବୀଜ ସଂଗ୍ରହ ବୃଦ୍ଧି ପାଇଛି। ୨୦୧୮-୧୯ରେ ରାଜ୍ୟରେ ସମୁଦାୟ ୭୫୯୩.୨୮୦ ମେଟ୍ରିକ୍ ଟନ୍ ଡାଲି ଓ ତୈଳବୀଜ ଜାତୀୟ ଫସଲ ସଂଗ୍ରହ କରାଯାଇଛି। ୨୦୧୯-୨୦ ରବି ଋତୁରେ ୯୧୨୭.୭୯୬ ମେଟ୍ରିକ୍ ଟନ ସଂଗ୍ରହ କରାଯାଇଛି। ଗତ ବର୍ଷ ତୁଳନାରେ ୨୦ ପ୍ରତିଶତ ଅଧିକ ସଂଗ୍ରହ ହୋଇଛି। ସୋମବାର ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତୈଳବୀଜ ଫସଲ ଏବଂ ଡାଲି ଜାତୀୟ ଫସଲ ସଂଗ୍ରହ ନେଇ ସମୀକ୍ଷା କରିଛନ୍ତି। ମାର୍କଫେଡ୍ ଦ୍ୱାରା ଗତ ବର୍ଷ ରାଜ୍ୟର ୮ ଜିଲାରୁ ତୈଳ ଓ ଡାଲି ଜାତୀୟ ଫସଲ ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷ ୧୩ ଜିଲାରୁ ବିଭିନ୍ନ ପ୍ରାଥମିକ ସମବାୟ ସମିତି ଦ୍ୱାରା ମୁଗ, ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଞ୍ଜି ସଂଗ୍ରହ କରାଯାଇଛି। ଯାଜପୁରରୁ ୨୫କୋଟି ୨୪ଲକ୍ଷ ୪୯ହଜାର ୯୨୫ ଟଙ୍କା ମୂଲ୍ୟର ଡାଲି ଓ ତୈଳବୀଜ ସଂଗ୍ରହ କରାଯାଇଛି। ମାଲକାନଗିରିରୁ ୯ କୋଟି ୮୬ ଲକ୍ଷ ୭୩ ହଜାର ୪୪୦ ଟଙ୍କା, ଜଗତ୍‌ସିଂହପୁର ଜିଲାରୁ ୮କୋଟି ୯୮ଲକ୍ଷ ୪୭ହଜାର, ୩୧୫ ଟଙ୍କା ଏବଂ ପୁରୀରୁ ୬ କୋଟି ୬୬ ଲକ୍ଷ ୩୭ ହଜାର ୧୫୮ ଟଙ୍କାର ଡାଲି ଜାତୀୟ ଓ ତୈଳବୀଜ ସଂଗ୍ରହ କରାଯାଇଛି। ଗତ ବର୍ଷ ୫୦ କୋଟି ୮୩ ଲକ୍ଷ ୮୪ ହଜାର ୯୦୦ଟଙ୍କାର ଡାଲି ଓ ତୈଳବୀଜ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯାଇଥିବାବେଳେ ଚଳିତ ବର୍ଷ ୬୦କୋଟି ୨୩ଲକ୍ଷ ୯୨ହଜାର ୩୪୬ଟଙ୍କାର କିଣାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେଥିମଧ୍ୟରେ ୬୯୯୫.୩୮୨ ମେଟ୍ରିକ ଟନ୍ ମୁଗ, ୨୦୧୧.୩୩୫ ମେଟ୍ରିକ୍ ଟନ୍ ଚିନାବାଦାମ ଏବଂ ୧୨୧.୦୭୯ ମେଟ୍ରିକ ଟନ୍ ସୂର୍ଯ୍ୟମୁଖୀ ମଞ୍ଜି ସଂଗ୍ରହ କରାଯାଇଥିବା ବୈଠକରେ ଜଣାପଡ଼ିଛି।

# ୭ ଶିଳ୍ପୀଙ୍କୁ ଧର୍ମପଦ ପୁରସ୍କାର

ଭୁବନେଶ୍ୱର(ବ୍ୟୁରୋ),୧୦।୮

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଚିତ୍ରକଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟକଳା କ୍ଷେତ୍ରରେ ପ୍ରଦାନ କରାଯାଉଥିବା ରାଜ୍ୟର ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ସୋମବାର ପ୍ରଦାନ କରାଯାଇଛି। ଜୀବନବ୍ୟାପୀ ସାଧନା ଓ ରାଜ୍ୟର କଳାକ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୭ଜଣ ବରିଷ୍ଠ ଶିଳ୍ପୀଙ୍କୁ ଏହି ପୁରସ୍କାର ଦିଆଯାଇଛି। ବର୍ତ୍ତମାନର କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ କୌଣସି ଉତ୍ସବ କିମ୍ବା କାର୍ଯ୍ୟକ୍ରମର ଆୟୋଜନ କରାଯାଇନାହିଁ। ରାଜ୍ୟ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପୁରସ୍କୃତ ଶିଳ୍ପୀଙ୍କ ବାସଭବନକୁ ଯାଇ ସମ୍ମାନ ପ୍ରଦାନ କରିଛନ୍ତି।


ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୭ ବର୍ଷ ପାଇଁ ଧର୍ମପଦ ପୁରସ୍କାର ପ୍ରଦାନ କରୁଛନ୍ତି।

୨୦୦୯ ମସିହା ପାଇଁ ସ୍ୱର୍ଗତ ଗୋକୁଳି ବିହାରୀ ପଟ୍ଟନାୟକ, ୨୦୧୦ ପାଇଁ ଚିତ୍ର ଓ ମଞ୍ଚଶିଳ୍ପୀ ସ୍ୱର୍ଗତ ଅସୀମ ବସୁ, ୨୦୧୧ ପାଇଁ ଖଲ୍ଲିକୋଟ କଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସାଦ ଦାସ, ୨୦୧୨ ପାଇଁ ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁ, ୨୦୧୩ ପାଇଁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଯତୀନ ଦାସ, ୨୦୧୪ ପାଇଁ ଶିଳ୍ପୀ ଓ କଳା ସମାଲୋଚକ ସ୍ୱର୍ଗତ ଡ. ଦୀନନାଥ ପାଠୀ ଓ ୨୦୧୫ ପାଇଁ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ ସମ୍ମାନଜନକ ଧର୍ମପଦ ପୁରସ୍କାର ପ୍ରଦାନ କରାଯାଇଛି। ଗୋକୁଳି ବିହାରୀ ପଟ୍ଟନାୟକ, ଅସୀମ ବସୁ ଓ ଡ. ଦୀନନାଥ ପାଠୀଙ୍କୁ ଏହା ମରଣୋତ୍ତରଭାବେ ପ୍ରଦାନ କରାଯାଇଛି। ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ତ୍ରୀ ଅନସୂୟା ପଟ୍ଟନାୟକ, ସ୍ୱର୍ଗତ ବସୁଙ୍କ ସ୍ତ୍ରୀ ଗୀତା ବସୁ ଏବଂ ସ୍ୱର୍ଗତ ପାଠୀଙ୍କ ପୁତ୍ର ସୌଭାଗ୍ୟ କୁମାର ପାଠୀ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଡ. ଯତୀନ ଦାସ ଦିଲ୍ଲୀରେ ରହୁଥିବାବେଳେ କୋଭିଡ୍ କଟକଣା ଯୋଗୁ ଭୁବନେଶ୍ୱର ଆସିପାରି ନ ଥିଲେ। ଓଡ଼ିଶା ଲଳିତକଳା ଏକାଡେମୀର ଜଣେ ପ୍ରତିନିଧି ନୂଆଦିଲ୍ଲୀ ଯାଇ ତାଙ୍କୁ ସମ୍ମାନିତ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତକଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଏକାଡେମୀ ସଚିବ ଗଜେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୯ ମସିହାରୁ କୋର୍ଟରେ ମାମଲା ସହ ବିଭିନ୍ନ ବାଦବିବାଦ ଯୋଗୁ ଏହି ପୁରସ୍କାର ସ୍ଥଗିତ ହୋଇ ରହିଥିଲା।

SIKSHA 'O' ANUSANDHAN
DEEMED TO BE UNIVERSITY
BHUBANESWAR, ODISHA, INDIA

APPROVAL & RECOGNITIONS
Approved by UGC & AICTE
Re-accredited by NAAC with 'A' Grade
Accredited by NBA
International Accreditation by ABET, USA

MHRD India Ranking (NIRF) 2020
20th Best in University Category
34th Best in Engineering Category
23rd Best in Medical Category
12th Best in Dental Category

Admission to B.Tech. Programmes through SAAT

B.Tech. Programmes Offered
- Civil Engineering
- Computer Science & Engineering
- Computer Science and Information Technology
- Electronics & Communication Engineering
- Electrical & Electronics Engineering
- Electrical Engineering
- Mechanical Engineering

Major Recruiters
Amazon, Capgemini Digital, Cognizant, Deloitte, DXC Technology, IBM, Infosys, Informatica, ITC Infotech, Microsoft, Mu-Sigma, Robert Bosch, Reliance, TCS, Wipro

2019-20 Placement Highlights
- Number of companies visited - 104
- Highest Salary Offered - 31 Lakh
- Day one offer - 1164
- Companies offering more than 10 LPA - 17

Scholarship up to 35,000/-

Apply online at : www.soa.ac.in

**ଆଜିର ମନ୍ତବ୍ୟ**

ହିନ୍ଦୀ ରାଜନୀତି ଯୋଗୁ ଦକ୍ଷିଣ ଭାରତର ଅଧିକାଂଶ ନେତା ପ୍ରଧାନମନ୍ତ୍ରୀ ହେବାରୁ ବଞ୍ଚିତ ହେଉଛନ୍ତି।
– ଏଚ୍.ଡି. କୁମାରସ୍ୱାମୀ, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ...............................


ସରିତା
ପରିବାରବର୍ଗ


ରିଣ୍ଟୁ
ପରିବାରବର୍ଗ


ନାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୩ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୦।୮(ବ୍ୟୁରୋ)- ପଶ୍ଚିମ ବଙ୍ଗୋପସାଗରରେ ରବିବାର ସୃଷ୍ଟି ହୋଇଥିବା ଲଘୁଚାପ ଧୋକା ଦେଇଛି। ଅନୁକୂଳ ପାଗ ନ ହେବାରୁ ଲଘୁଚାପ ମାତ୍ର କେଇଘଣ୍ଟା ପରେ ଓଡ଼ିଶା ଅତିକ୍ରମ କରିଯାଇଛି। ସୋମବାର ଉତ୍ତର ମଧ୍ୟପ୍ରଦେଶରେ ଏହା କେନ୍ଦ୍ରୀଭୂତ ହୋଇଛି। ଫଳରେ ରାଜ୍ୟରେ ଲଘୁଚାପ ଯୋଗୁ ଯେତିକି ପରିମାଣରେ ବର୍ଷା ହେବାକଥା ହୋଇ ନାହିଁ। ଏବେ ବି ରାଜ୍ୟରେ ସ୍ୱାଭାବିକଠାରୁ ୧୩ ପ୍ରତିଶତ କମ୍ ବର୍ଷା ହୋଇଛି। ରାଜ୍ୟର ୧୨ଟି ଜିଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଥିବା ଜଣାପଡ଼ିଛି। ତେବେ ଆସନ୍ତା ୧୩ ତାରିଖରେ ଆଉ ଏକ ଲଘୁଚାପ ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଉକ୍ତ ଲଘୁଚାପ ପ୍ରଭାବରେ ମଧ ସେତେ ବର୍ଷା ଦେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍.ଆର୍.ବିଶ୍ୱାସ କହିଛନ୍ତି। ଅପରପକ୍ଷରେ ରାଜ୍ୟରେ ମୌସୁମୀ ସ୍ୱାଭାବିକ ରହିଛି।

## ପ୍ରଥମ ପୃଷ୍ଠାରୁ...

### ଦିନକରେ ଗଲା...

ରାୟଗଡ଼ାର ୪୬ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଥିବାବେଳେ ସମସ୍ତଙ୍କର କରୋନା ବ୍ୟତୀତ ଡାଇବେଟିସ୍, ହାଇପରଟେନ୍ସନ ସମେତ ଅନ୍ୟ କେତେକ ରୋଗ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେହିପରି ଅଣକରୋନାରେ ୨ ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲାର ଜଣେ ୨୭ବର୍ଷୀୟ ଯୁବକ ଓ ସୁନ୍ଦରଗଡ଼ର ଜଣେ ୪୫ବର୍ଷୀୟ ମହିଳା ରହିଛନ୍ତି। ଉଭୟେ କରୋନା ସଂକ୍ରମିତ ହୋଇଥିଲେ ମଧ ଅନ୍ୟ ରୋଗରେ ମରିଥିବା କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟର ୨୯ ଜିଲାରୁ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୯୪୮ଜଣ ସଙ୍ଗରୋଧରେ ଥିବାବେଳେ ୫୮୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଦୈନିକ ସଂକ୍ରମଣରେ ଗଞ୍ଜାମ ଓ ଖୋର୍ଦ୍ଧା ଜିଲା ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି। ୩ ଦିନ ଧରି ଖୋର୍ଦ୍ଧା ଆଗରେ ରହିଥିବାବେଳେ ଶେଷ ଦିନକରେ ଗଞ୍ଜାମରେ ସର୍ବାଧିକ ୨୩୩ଜଣ ପଜିଟିଭ୍ ବାହାରିଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତ ସଂଖ୍ୟା ୧୩,୦୮୮କୁ ବୃଦ୍ଧି ପାଇଛି। ଖୋର୍ଦ୍ଧାରୁ ଦ୍ୱିତୀୟ ସର୍ବାଧିକ ୨୧୮ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଏଠାରେ ସଂକ୍ରମଣ ୬୬୬୩ ଛୁଇଁଛି। ଏହା କିନ୍ତୁ ସମ୍ବଲପୁରରେ ସପ୍ତାହକ ମଧ୍ୟରେ କ୍ରମାଗତ ଭାବେ ସଂକ୍ରମିତ ସଂଖ୍ୟା ହୁହୁ ହୋଇ ବଢ଼ି ଚାଲିଛି। ଏଠାରେ ଆଉ ୧୬୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୧୨୬, ଢେଙ୍କାନାଳ ୧୦୭, କଟକ ୭୨, ଭଦ୍ରକ ୭୦, କୋରାପୁଟ ୬୭, ବଲାଙ୍ଗୀର ୫୯, ବାଲେଶ୍ୱର ୪୩, ମାଲକାନାଗିରି ୩୮, ଯାଜପୁର ୩୩, ନୟାଗଡ଼ ୩୨, ଗଜପତି ଓ କଳାହାଣ୍ଡିରୁ ୩୧, ରାୟଗଡ଼ା ୨୭, ପୁରୀ ୨୬, ନବରଙ୍ଗପୁର ୨୩, ଜଗତ୍‌ସିଂହପୁର ଓ ମୟୂରଭଞ୍ଜରୁ ୨୨ଜଣ ଲେଖାଏ, କନ୍ଧମାଳ ଓ କେନ୍ଦ୍ରାପଡ଼ାରୁ ୧୭ଜଣ ଲେଖାଏ, ବରଗଡ଼ ୧୦, ଝାରସୁଗୁଡ଼ା ୯, ଅନୁଗୋଳ ୮, ବୌଦ୍ଧ ୭, କେନ୍ଦୁଝର ଓ ସୋନପୁରରୁ ୫ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୭,୪୫୫ରେ ପହଞ୍ଚିଛି।

ସେପଟେ ପ୍ରତିଦିନ ପରି ସୋମବାର ମଧ ୧୨୩୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୪୬୧ଜଣ ସୁସ୍ଥ ହୋଇଥିବାବେଳେ ଗଞ୍ଜାମରୁ ୧୮୨, ରାୟଗଡ଼ା ୮୩, କନ୍ଧମାଳ ୭୪, ମାଲକାନଗିରି ୫୧, ଅନୁଗୋଳ ୩୯, କୋରାପୁଟ ୩୬, ବାଲେଶ୍ୱର ୩୫, ବରଗଡ଼ ୩୪, ଜଗତ୍‌ସିଂହପୁର ଓ ସୁନ୍ଦରଗଡ଼ରୁ ୩୨ ଲେଖାଏ, ଭଦ୍ରକ ୩୧, ଯାଜପୁର ୨୯, ଗଜପତି ୨୮, ମୟୂରଭଞ୍ଜ ୨୩, ନବରଙ୍ଗପୁର ୧୫, ପୁରୀ ୧୪, କେନ୍ଦ୍ରାପଡ଼ା ୧୧, ବୌଦ୍ଧ ୯, ଝାରସୁଗୁଡ଼ା ୮, ନୟାଗଡ଼ ୬ ଓ କଟକରୁ ୩ ଜଣ ରହିଛନ୍ତି। ଏହାକୁ ମିଶାଇ ଆରୋଗ୍ୟ ସଂଖ୍ୟା ୩୩,୦୨୦ରେ ପହଞ୍ଚିଛି।

### ଭରସା ହରାଉଛି...

ଝଗଡ଼ା, କରୋନା ସନ୍ଦିଗ୍ଧ ବାହାରେ ବୁଲିବା ଆଦି ଛୋଟ ଅଭିଯୋଗ ରହିଛି। ଏନେଇ ଜଣେ ଅଭିଯୋଗକାରୀ ରୋହିତ ସେଠୀ କୁହନ୍ତି, ଥାନାରେ ଝୁଲୁଥିବା ବାକ୍ସରେ ଅଭିଯୋଗ କଲେ ପୋଲିସ କାଳେ ଶୁଣିବେ କି ନାହିଁ, ତେଣୁ ଏହା ଉପରେ ଭରସା ପାଉନି। ଯେତେବେଳେ ଅନେକ ସମୟରେ ପୋଲିସକୁ ବାରମ୍ବାର ଭେଟି ଏତଲା ଦେଲେ କାର୍ଯ୍ୟାନୁଷ୍ଠାନ ହେଉନି, ସେତେବେଳେ ଅଭିଯୋଗ ବାକ୍ସରୁ କେମିତି ନ୍ୟାୟ ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଥାନା ଅଧିକାରୀ ସୋସିଆଲ ମିଡ଼ିଆ ଯଥା ଫେସବୁକ୍ ଓ ଟୁଇଟର ମାଧ୍ୟମରେ ଅଭିଯୋଗ ପାଇଁ ସ୍ୱତନ୍ତ୍ର ଫୋନ୍ ନମ୍ବର ଜାରି କରିବାକୁ କୁହାଯାଇଛି। ଏଥିସହ ପ୍ରତ୍ୟେକ ଥାନାର ଲ୍ୟାଣ୍ଡ୍ ଫୋନ୍, କ୍ଲୋଜ୍‌ଡ୍ ୟୁଜର ଗ୍ରୁପ୍ (ସିୟୁଜି) ସହ ଇ-ମେଲରେ ମଧ ଅଭିଯୋଗ ଗ୍ରହଣ ପାଇଁ ଡିଜିପି କହିଛନ୍ତି। ହେଲେ ବାସ୍ତବତା କିନ୍ତୁ ଭିନ୍ନ ରହୁଛି। ଅନେକ ସମୟରେ ଥାନାର ଲ୍ୟାଣ୍ଡଲାଇନ୍ ଅଚଳ ହୋଇଯାଉଥିବାବେଳେ ଥାନା ଅଧିକାରୀ ଧରୁଥିବା ସିୟୁଜି ନମ୍ବରକୁ କଲ୍ କଲେ ରିସିଭ୍ କରୁନାହାନ୍ତି। ଅଭିଯୋଗ ବାକ୍ସ ଉପରେ ରହିଥିବା ଫୋନ୍ ନମ୍ବରରେ କଲ୍ କଲେ ମଧ ସହଯୋଗ ମିଳୁ ନ ଥିବା ମଧ ଅନେକ ସମୟରେ ଅଭିଯୋଗ ଉଠୁଛି। ଥାନାଧିକାରୀଙ୍କ ଟୁଇଟର ଆକାଉଣ୍ଟକୁ କିପରି ଅଭିଯୋଗ ପଠାଇବେ ତାହା ଲୋକେ ଜାଣିପାରୁ ନାହାନ୍ତି।

ଜଣେ ଥାନା ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ପ୍ରତି ସନ୍ଧ୍ୟାରେ ଉକ୍ତ ବାକ୍ସ ଖୋଲାଯାଇ ଅଭିଯୋଗକୁ ଦେଖାଯାଉଛି। ଗୁରୁତ୍ୱ ଅନୁସାରେ ମାମଲା ରୁଜୁ ହେଉଛି। ଅଧିକ ଛୋଟ ଅଭିଯୋଗ ଆସୁଥିବାରୁ ଫୋନ୍ କରି ସମାଧାନ କରୁଛୁ। ବଡ଼ ଅଭିଯୋଗ ଆମ ନିକଟକୁ ସିଧା ଆସୁଥିବାରୁ ମାମଲା ରୁଜୁ କରି ତଦନ୍ତ କରୁଛୁ। ଭୁବନେଶ୍ୱର ଡିସିପି ଡ. ଉମାଶଙ୍କର ଦାଶ କହିଛନ୍ତି, ଥାନା ଆଗରେ ଝୁଲୁଥିବା ବାକ୍ସରେ ଅଭିଯୋଗ କରିବା ବାଧ୍ୟତାମୂଳକ ନୁହେଁ। ଥାନା କର୍ମଚାରୀଙ୍କୁ ଲୋକଙ୍କ ସଂସ୍ପର୍ଶରେ ନ ଆସିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏହାସହ ଥାନାର କର୍ମଚାରୀ ଗ୍ଲୋଭ୍ସ ପିନ୍ଧି ଥାନା ଗେଟ ଭିତରୁ ଅଭିଯୋଗ ଗ୍ରହଣ କରିପାରିବେ। ସେଥିରେ କିଛି ଅସୁବିଧା ନାହିଁ। ଲୋକଙ୍କ ଅଭିଯୋଗକୁ କମିଶନରେଟ ପୋଲିସ ସବୁବେଳେ ଗୁରୁତ୍ୱ ଦେଇ ଆସିଥିବା ଓ ଅଭିଯୋଗ ଗ୍ରହଣ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସେ କହିଛନ୍ତି।

### ଆଣ୍ଠେଇଲେ ପାଇଲଟ

ଅନୁଯାୟୀ ସଚିନଙ୍କୁ ପୂର୍ବଭଳି ଉପମୁଖ୍ୟମନ୍ତ୍ରୀ ପଦ ମିଳିବ। ଏଥିସହିତ ତାଙ୍କ ସମର୍ଥକ ମନ୍ତ୍ରୀମାନେ କ୍ୟାବିନେଟରେ ରହିବେ କିମ୍ବା ସେମାନଙ୍କୁ ଅନ୍ୟ ପଦବୀରେ ଥଇଥାନ କରାଯିବ। ବିଦ୍ରୋହୀ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ସରକାରଙ୍କ ବିରୋଧରେ ପାଇଲଟ ଉଠାଇଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ପାଇଁ ୩ ଜଣିଆ କମିଟି ଗଠନ କରିବାକୁ ରାହୁଲ କହିଛନ୍ତି। ସୋମବାର ଅପରାହ୍ନରେ ରାହୁଲଙ୍କ ବାସଭବନରେ ଉଭୟ ନେତା ପରସ୍ପରକୁ ଭେଟିଥିଲେ। କଂଗ୍ରେସ ଶୀର୍ଷ ନେତୃତ୍ୱ ସହ ପାଇଲଟ ଯୋଗାଯୋଗରେ ଥିଲେ। ମିଳିଥିବା ସୂଚନା ଅନୁଯାୟୀ ରାହୁଲଙ୍କୁ ଭେଟିବା ଲାଗି ସଚିନ ପୂର୍ବରୁ ସମୟ ମାଗିଥିଲେ। ରାହୁଲ ଓ ପ୍ରିୟଙ୍କାଙ୍କ ସହ ସଚିନଙ୍କ ଆଲୋଚନା ସଫଳ ହୋଇଛି। ଫଳରେ ରାଜସ୍ଥାନ କଂଗ୍ରେସର ଦୁଇଗୋଷ୍ଠୀ ମଧ୍ୟରେ ପୁଣିଥରେ ମିଶ୍ରଣ ହେବାକୁ ଯାଉଛି। ପାଇଲଟଙ୍କ ସହ ଆଲୋଚନା ପରେ ରାହୁଲ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ କଥା ହୋଇଥଲେ। ରାଜ୍ୟ ବାହାରେ ରହୁଥିବା ପାଇଲଟ କ୍ୟାମ୍ପର ବିଧାୟକମାନେ ଜୟପୁର ଫେରିବା ଆରମ୍ଭ କରିଛନ୍ତି। ଜୟପୁର ଫେରି ବିଧାୟକ ଭଁୱରଲାଲ ଶର୍ମା ମୁଖ୍ୟମନ୍ତ୍ରୀ ଗେହଲଟଙ୍କୁ ଭେଟିଛନ୍ତି। ଅଶୋକ ଗେହଲଟ ଆମ ନେତା ଓ ଆମେସବୁ ଗୋଟିଏ ପରିବାର ବୋଲି ଶର୍ମା କହିଛନ୍ତି। ସରକାର ପ୍ରତି କୌଣସି ବିପଦ ନ ଥିବା ସେ ସ୍ପଷ୍ଟ କରିଦେଇଛନ୍ତି। ସଚିନ ପାଇଲଟ ଓ ତାଙ୍କ ଅନୁଗତ ୧୮ ବିଧାୟକ ଗେହଲଟ ସରକାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିବାରୁ ରାଜସ୍ଥାନ ରାଜନୀତିରେ ସଙ୍କଟ ସୃଷ୍ଟି ହୋଇଥିଲା। ହ୍ୱିପ୍ ଜାରି ସତ୍ତ୍ୱେ ସଚିନ ଓ ବିଦ୍ରୋହୀ ବିଧାୟକମାନେ କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗ ଦେଇ ନ ଥିଲେ। ଫଳରେ ସଚିନଙ୍କୁ ଉପମୁଖ୍ୟମନ୍ତ୍ରୀ ଓ ପ୍ରଦେଶ କଂଗ୍ରେସ ସଭାପତି ପଦରୁ ବିଦା କରାଯାଇଥିଲା। ଆସନ୍ତା ୧୪ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାକୁ ଯାଉଥିଲାବେଳେ ମୁଖ୍ୟମନ୍ତ୍ରୀ ଗେହଲଟ ଗୃହରେ ଆସ୍ଥାଭୋଟ ଲୋଡ଼ିଥାନ୍ତେ। ରବିବାର ଜୟସାଲମେରସ୍ଥିତ ଶୌର୍ଯ୍ୟଗଡ଼ ହୋଟେଲରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିଥିଲା। ପାଇଲଟ ଓ ଅନ୍ୟ ବିଦ୍ରୋହୀ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଗେହଲଟଙ୍କ ଅନୁଗତ ବିଧାୟକମାନେ ଦାବି କରିଥିଲେ। ଦୀର୍ଘଦିନର ବିଦ୍ରୋହ ପରେ ପାଇଲଟ ନରମିବାକୁ ବାଧ ହୋଇଛନ୍ତି। କାରଣ ଗେହଲଟ ସରକାର ଭାଙ୍ଗିବା ପାଇଁ ତାଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲା। ତାଙ୍କ ସହିତ ୧୮ କଂଗ୍ରେସ ବିଧାୟକଙ୍କ ସହ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିଲା। ସେ ଭାଜପାରେ ଯୋଗଦେବାକୁ କିମ୍ବା ଆଞ୍ଚଳିକ ଦଳ ଗଢ଼ିବାକୁ ଚାହୁଁ ନ ଥିଲେ। ତେଣୁ ସରକାରକୁ ଫେରିବା ବ୍ୟତୀତ ତାଙ୍କର ଅନ୍ୟ ବିକଳ୍ପ ନ ଥିଲା ବୋଲି କୁହାଯାଉଛି।

### ୧୨ରେ ଯୁକ୍ତ...

କିପରି ଯୁକ୍ତ ୨ ପିଲାଙ୍କ ପରୀକ୍ଷାଫଳ ପ୍ରକାଶ କରିବେ ସେନେଇ ଜୋର୍‌ଦାର ପ୍ରସ୍ତୁତି ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି। କିଛିଦିନ ତଳେ ସିବିଏସ୍‌ଇ ପକ୍ଷରୁ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ରାଜ୍ୟ ସରକାର କେବଳ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷା ଫଳ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, କରୋନା ମହାମାରୀ ନିମନ୍ତେ ସାରା ଦେଶରେ ଶିକ୍ଷାନୁଷ୍ଠାନ ବନ୍ଦ ହେବା ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ପରୀକ୍ଷାରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଛି। ବର୍ତ୍ତମାନ ସୁଦ୍ଧା ସମସ୍ତ ପରୀକ୍ଷା ଫଳ ପ୍ରକାଶ ପାଇବା ସହ ପିଲାମାନେ ଉଚ୍ଚଶିକ୍ଷା ଲାଗି ନାମ ଲେଖାଇ ସାରିବା କଥା ହେଲେ କରୋନା ସେଥିରେ ବାଧକ ସାଜିଛି। ଯୁକ୍ତ ୨ର ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ମୋଟ ୨୨ଟି ପରୀକ୍ଷା ମଧ ହୋଇପାରି ନାହିଁ। ତେଣୁ ଏଭଳି ସ୍ଥିତିରେ ଯେଉଁ ବିଷୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଛନ୍ତି ତାକୁ ନେଇ ମୂଲ୍ୟାୟନ କରାଯାଉଛି। ଅନ୍ୟପଟେ ଚଳିତ ଥର ରାଜ୍ୟରେ ପ୍ରାୟ ୫ଲକ୍ଷ ୩୪ ହଜାର ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିବାବେଳେ ସେଥିରୁ ୧ଲକ୍ଷ ୧୨ହଜାର ୫୭୫ ପିଲା ଫେଲ୍ ହୋଇଛନ୍ତି। ୧୦ତାରିଖଠାରୁ ଏହି ପିଲାମାନଙ୍କ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସେପ୍ଟେମ୍ବର ୧୪ରୁ ୨୨ତାରିଖ ପର୍ଯ୍ୟନ୍ତ ଦଶମ ଶ୍ରେଣୀର ସପ୍ଲିମେଣ୍ଟାରି ପରୀକ୍ଷା କରାଯିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ଏହାସହ ସେପ୍ଟେମ୍ବର ୧୪ରୁ ୨୪ ମଧ୍ୟରେ ଓପନ ଲର୍ନିଂ ସ୍କୁଲର ସପ୍ଲିମେଣ୍ଟାରୀ ପରୀକ୍ଷା ହେବ ବୋଲି ସେ କହିଛନ୍ତି। ତେବେ ସପ୍ଲିମେଣ୍ଟାରି ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ଲାଗି କେତୋଟି ପରୀକ୍ଷା କେନ୍ଦ୍ର ହେବ ଏବଂ କେତେ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ହେବେ ତାହା ସ୍ଥିର ହୋଇନାହିଁ। ଏହାସହ ପିଲାମାନଙ୍କ ପରୀକ୍ଷାଫଳ ପ୍ରକାଶ ସମ୍ବନ୍ଧରେ ମଧ ନିର୍ଦ୍ଦିଷ୍ଟଭାବେ ସୂଚନା ଦିଆଯାଇନାହିଁ।

### ପଦୋନ୍ନତି ପାଇବେ...

ବିଭାଗର ପ୍ରମୁଖ ଶାସନ ସଚିବ ବରିଷ୍ଠ ଅଧିକାରୀଙ୍କ ସହିତ ବିଭାଗର ସମସ୍ୟା ସମ୍ପର୍କରେ ବୁଝିବେ। ସୋମବାର ଏନେଇ ସଚିବ ସାହୁ ବିଭାଗର ସମସ୍ତ ନିର୍ଦ୍ଦେଶକ, ଅତିରିକ୍ତ ଯୁଗ୍ମ ଶାସନ ସଚିବଙ୍କ ସହିତ ବିଭାଗୀୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ବିଭିନ୍ନ ପଦୋନ୍ନତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହାସହ ଖାଲିଥିବା ପଦବୀଗୁଡ଼ିକୁ ପଦୋନ୍ନତି ଦିଆଯାଇ ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ଚିଠା ପ୍ରସ୍ତୁତ କରାଯାଇଛି । ଚଳିତ ବର୍ଷ କୋଭିଡ୍-୧୯ ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ପାଠ୍ୟକ୍ରମକୁ ଚଳିତ ବର୍ଷ କମ୍ କରିବା ପାଇଁ ପ୍ରମୁଖ ଶାସନ ସଚିବ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ସଂସ୍ଥା (ଓସେପା), ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ନିର୍ଦ୍ଦେଶକ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ସମସ୍ତ ଅତିରିକ୍ତ ଶାସନ ସଚିବ ଓ ଅର୍ଥ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ ।

### ସଂଗ୍ରହାଳୟ ପାଇଁ...

ସଂଗ୍ରହାଳୟ ସ୍ଥାପନ ଦିଗରେ ଆବଶ୍ୟକ ଦୃଷ୍ଟି ଦିଆଯାଇ ନାହିଁ। ଏପରି କି ବିଭିନ୍ନ ସ୍ଥାନରୁ ଖୋଦେଇ ବେଳେ ମିଳିଥିବା ପୁରାତନ ସାମଗ୍ରୀମାନ କେଉଁଠି ଅଛି ସେ ନେଇ ଜାଣିବାକୁ ପ୍ରଶାସନ ଉଦ୍ୟମ କରୁନାହିଁ। କିଛି ବର୍ଷ ତଳେ ବଅଁରପାଳ ବ୍ଲକ ସାନକେରଜାଙ୍ଗ ଗାଁରୁ ପ୍ରାକ୍ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ରର ସନ୍ଧାନ ମିଳିଥିଲା। ସେହିପରି ତଳମୂଳ ଓ ଜୁକୁବୁ ଗାଁରୁ ମିଳିଥିବା ପୁରୁଣା ତାମ୍ରଫଳକ ଓ ନବୋଦୟ ବିଦ୍ୟାଳୟ ନିର୍ମାଣ ବେଳେ ଚମ୍ପତିମୁଣ୍ଡାଠାରୁ ଉଦ୍ଧାର ହୋଇଥିବା ପଥର ମୂର୍ତ୍ତି ମଧ ବେଶ୍ ପୁରାତନ ବୋଲି କୁହାଯାଉଥିଲା। ସେଥିରୁ କିଛି ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଥିବାବେଳେ ବଳକା କେଉଁଠି ଅଛି ତାହାର ଖୋଜଖବର ନାହିଁ। ଜୁକୁବୁ ଗାଁରୁ ମିଳିଥିବା ତାମ୍ରଫଳକରେ ଖୋଦେଇ ହୋଇଥିବା ଭାଷା ଜାଣିବା ପାଇଁ ଜଣେ ଶିକ୍ଷାବିତ୍‌ଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଉକ୍ତ ତାମ୍ରଫଳକ କେଉଁଆଡ଼େ ଗଲା ସେ ସମ୍ପର୍କରେ ସଂସ୍କୃତି ବିଭାଗ, ଅନୁଗୋଳ ପାଖରେ ଖବର ନାହିଁ। କେବଳ ମିଳିଥିବା ଏସବୁ ସାମଗ୍ରୀ ନୁହେଁ, ତାଳଚେର ରାଜବାଟିସ୍ଥିତ ରାଜାଙ୍କ ସଂଗ୍ରହାଳୟରେ ଏମିତି କିଛି ବିରଳ କୀର୍ତ୍ତିରାଜି ରହିଛି ଯାହା ରାଜ୍ୟ ସଂଗ୍ରହାଳୟରେ ମଧ ଦେଖିବାକୁ ମିଳେ ନାହିଁ। କିନ୍ତୁ ସେଗୁଡ଼ିକ ପ୍ରଦର୍ଶନ ହୋଇପାରୁ ନାହିଁ। ଜିଲା ସଂସ୍କୃତି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାନବ ସମ୍ବଳ ଓ ଅର୍ଥ ଅଭାବରୁ ପୁରାତନ ସାମଗ୍ରୀ ସମ୍ପର୍କରେ ତଥ୍ୟ ସଂଗ୍ରହ ଲାଗି ଉଦ୍ୟମ ହେଉନାହିଁ। ସେସବୁ ଏବେ କାହା ପାଖରେ ରହିଛି, ସେ ନେଇ ବିଭାଗ ନିକଟରେ କୌଣସି ତଥ୍ୟ ମଧ ନାହିଁ। ଏ ବାବଦରେ ଖର୍ଚ୍ଚ କରିବାକୁ ସରକାର ଟଙ୍କାଟିଏ ଦେଉ ନ ଥିବାରୁ ଏହି କାର୍ଯ୍ୟରେ ବାଧା ଉପୁଜିଛି। ଏ ନେଇ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ସଂଗ୍ରହାଳୟ ସ୍ଥାପନ ଦିଗରେ ଥିବା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରାଯିବ। ସଂସ୍କୃତି ବିଭାଗ, ଅନୁଗୋଳ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଉଳ ତୋଳାଇଲେ ନାଁ ପଡ଼େ**
**ବାଟରେ ହଗିଲେ ନାଁ ପଡ଼େ ।**
ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ସୁନାମ ଓ ଦୁର୍ନାମ ହାତ ଧରାଧରି ହୋଇ ଚାଲନ୍ତି । ଦେଉଳ ତୋଳିବା ଭଳି ଭଲ କାମ କଲେ ଯେମିତି ନାଁ ହୁଏ ସେମିତି ଖରାପ କାମ କଲେ ନାଁ ପଡେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦାରୁରେ ନ ଯାଏ,**
**ଦୂବରେ ଯାଏ ।**
ବେଳେ ବେଳେ ବଡ଼ ଦାମିକା ଔଷଧରେ ରୋଗ ଭଲ ନ ହୋଇ ସାମାନ୍ୟ ଟୁଟ୍‌କା ଔଷଧରେ ଭଲ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ବହୁ ଚେଷ୍ଟା ସତ୍ତ୍ୱେ ନ ହେଉଥିବା କାର୍ଯ୍ୟ ସାମାନ୍ୟ ଚେଷ୍ଟାରେ ସାଧିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds Everyday
0674-2580101, 2549302




**SALE**

1700sqft. yellowzone residential with commercial plot for sale at Baramunda, Bhubaneswar. (No Brokers) Price 74 lakhs. Contact : 7504392698. D-69717

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

4/5BHK Duplex with Gated Community at Balianta. Construction- 2200 @ 60-65lakhs/ 2600 @ 70-75lakhs. MPlanets: 9938219397/ 9861022055. D-17905

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




1BR with Drawing, Kitchen, Toilet, garage in Rasulgarh, Bhubaneswar. Contact: 8336937795. D-38574




Herbal full body massage by smart/expert therapist. Contact: 8338067247. D-69713

Newly open SPA Centre full body massage Bamikhal, Bhubaneswar. 7205187702. D-59955

Newly open SPA centre full body massage, Rasulgarh, Bhubaneswar. 7846814019. D-59956

Newly open full body massage by Lady/ Gents therapists - 8018656899. D-60885

Relaxing body massage by Lady/ Gents therapists - 7008773793. D-60886




ଏବର୍ଷର ଲାଭଉଠାନ୍ତୁ ଏବଂ ଘରେ ରହି course କରନ୍ତୁ। BAMS, BHMS, BUMS, D.Pharma, GNM, WhatsApp. 9893869473 (Agent Excuse). D-69716




Build Income for Life, work from Home has never been so Interesting. Log on to www.odisha.ws. Contact: 9437068052. D-17907

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, PRANTI BALA SEN ( Existing Name of Spouse as per change of next-of-kin POR/Service Document/Pension Certificate), spouse of SATRUGHNA PRADHAN ( Name of husband), resident of AT/PO- SORAN, PS - TANGI, DIST . KHORDHA, ODISHA, PIN - 752027 (Address) have changed my name from PRANTI BALA SEN ( Existing Name of spouse as per change of Next - of - Kin POR/ Service Document/ Pension Certificate) to PRANATI BALA PRADHAN ( Proposed/ Adopted/Corrected new name ) as per Affidavit C.F. No :- 33/07/08/2020 dated - 07/08/2020. D-17922

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି କୃତ୍ତିକା ନକ୍ଷତ୍ର ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ, ଭୂମି, ଗାଡିମୋଟର ପ୍ରଭୃତିକୁ କେନ୍ଦ୍ରକରି କଳହ ଦେଖାଦେଇପାରେ। ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ**

ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ମୃଗଶିରା ନକ୍ଷତ୍ରର କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ।

**ମିଥୁନ**

ପୁନର୍ବସୁ ନକ୍ଷତ୍ରର ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଅତୀତ ଘଟଣା ସକାଶେ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ**

ଆତ୍ମୀୟଙ୍କ ପାଇଁ ଯେଉଁ ଆଶା ନେଇ କାମ କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ପୁଷ୍ୟା ନକ୍ଷତ୍ର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**

ପାରିବାରିକ ଅଶାନ୍ତି ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ପୂର୍ବାଫାଲଗୁନୀର ସକାଳୁ ସକାଳୁ କିଛି ଶୁଭ ଖବର ସଙ୍ଗକୁ ଅର୍ଥଲାଭରୁ ମନଟା ଖୁସୀ ଯାଇପାରେ। ନିକଟସ୍ଥ ବ୍ୟକ୍ତିବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ରଚନାତ୍ମକ କାମ, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି କରିବେ।

**କନ୍ୟା**

ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହାତ ନିଶ୍ଚୟ ପାଇବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅଭିଳାଷ ପୂରଣ ହେତୁ ମହିଳାମାନଙ୍କ ମନ ପ୍ରଫୁଲ୍ଲ ରହିବ।

**ତୁଳା**

କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଯାତ୍ରା ସମୟରେ ସହଯାତ୍ରୀଙ୍କ କାର୍ଯ୍ୟକଳାପରୁ ବାଧାବିଘ୍ନ ଘଟିପାରେ। ସ୍ୱାତୀ ନକ୍ଷତ୍ର ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ। ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢିପାରେ।

**ବିଛା**

ଆଜି ବନ୍ଧୁଙ୍କ ସହ ସକାଳୁ ସକାଳୁ ଯାତ୍ରା କରିବାକୁ ପଡିବ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଆଶା ଦୁର୍ଲଭ ହୋଇପଡିବ। ଫେରନ୍ତା ବାଟରେ ବନ୍ଧୁଙ୍କ ସାହାଯ୍ୟରୁ ଶତ୍ରୁ କବଳରୁ ବିପଦ ମୁକ୍ତ ହେବେ। ଅନୁରାଧା କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ।

**ଧନୁ**

ପରିବାରର ପରିସ୍ଥିତି ଆପଣଙ୍କ ସକାଶେ ଦୁଶ୍ଚିନ୍ତାର କାରଣ ହେବ। କିନ୍ତୁ ପୂର୍ବାଷାଢା ନକ୍ଷତ୍ରର ବନ୍ଧୁ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷା କରିଥିବା ଶୁଭଖବରଟି ପାଇ ଉଲ୍ଲସିତ ହେବେ। ବିଳାସ ବ୍ୟସନ କିମ୍ବା ସଭାସମିତିରେ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**ମକର**

ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବା ପାଇଁ ଆପ୍ରାଣ ଉଦ୍ୟମ କରିପାରନ୍ତି। ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣି ହତଚକିତ ହେବେ।

**କୁମ୍ଭ**

ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବା ଦିଗରେ ବନ୍ଧଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଶତଭିଷା ନକ୍ଷତ୍ର ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**ମୀନ**

କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ରେବତୀ ନକ୍ଷତ୍ର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନତୁବା ହଜିଯାଇପାରେ। ଆପଣ ଆଜି ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

ଆଜି ସ୍ମାର୍ତ୍ତସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ, ଭାଦ୍ରବ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ମଙ୍ଗଳବାର, ଅଗଷ୍ଟ ୧୧ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୦୨ମି.ଗତେ ଘ.୧୦.୩୫ମି. ମଧ୍ୟେ, ଘ.୦୧.୦୮ମି.ଗତେ ଘ.୦୨.୫୦ମି.ମଧ୍ୟେ, ଘ.୦୩.୪୧ମି.ଗତେ ଘ.୦୫.୨୩ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୩ମି. ଗତେ ଘ.୦୬.୫୯ମି. ମଧ୍ୟେ, ରାତ୍ରି ଘ.୦୯.୧୪ମି. ଗତେ ଘ.୧୧.୨୯ମି. ମଧ୍ୟେ, ଘ.୦୧.୪୪ମି.ଗତେ ଘ.୦୩.୧୪ମି. ମଧ୍ୟେ ଅମୃତବେଳେ। ଦିବା ଘ.୦୩.୦୨ମି. ଗତେ ଘ.୦୪.୩୮ମି. ମଧ୍ୟେ ରାହୁକାଳ।

## ୨୩୪ ବସ୍ତା ଗୁଟ୍‌ଖା ଜବତ

ଛତ୍ରପୁର,(ଡି.ଏନ.ଏ)– ଚମାଖଣ୍ଡି ଥାନା ପୋଲିସ ମାଣ୍ଡିଆପଲ୍ଲୀ ନିକଟ ଏକ ଘରୁ ପୋଲିସ ସୋମବାର ୨୩୪ ବସ୍ତା ଗୁଟ୍‌ଖା ଜବତ ପୋଲିସ କରିଛି । ଯାହାର ମୁଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗୋପାଳପୁର ଓ ଚମାଖଣ୍ଡି ଥାନା ପୋଲିସ ମିଳିତ ଭାବେ ଚଢାଉ କରି ଗୁଟ୍‌ଖା ଜବତ କରିଛନ୍ତି। ମାତ୍ର କାହାରିକୁ ଗିରଫ କରାଯାଇନି। ଏହାର ତଦନ୍ତ ଚାଲିଥିବା ଛତ୍ରପୁର ଏସଡିପିଓ ଗୌତମ କିଶାନ କହିଛନ୍ତି।

## ସଂକ୍ଷେପରେ

### ଆଜି ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ

ଫୁଲବାଣୀ ଅଫିସ/ ଶଙ୍କରାଖୋଲ (ଡି.ଏନ୍.ଏ), ୧୦।୮- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ ମଙ୍ଗଳବାର ପାଳନ କରାଯିବ। କୋଭିଡ୍ କଟକଣା ମାନି ଏହା ପାଳନ ହେବ । କେବଳ ଆଶ୍ରମବାସୀଙ୍କୁ ନେଇ କୋଭିଡ୍ ନିୟମ ମାନି କାର୍ଯ୍ୟକ୍ରମ କରିବାକୁ ପ୍ରଶାସନ ଅନୁମତି ଦେଇଛି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସ୍ୱାମିଜୀଙ୍କ ଚକାପାଦ ଓ ତୁମୁଡିବନ୍ଧ ଜଲେଶପଟା ଆଶ୍ରମ ଅଞ୍ଚଳରେ ୫ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ଜିଲାର ସମସ୍ତ ଥାନାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି ବିନିତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୦୮ ଅଗଷ୍ଟ ୨୩ ଜନ୍ମାଷ୍ଟମୀରେ ତୁମୁଡିବନ୍ଧ ଜଲେଶପଟା ଆଶ୍ରମରେ ଜନ୍ମାଷ୍ଟମୀ ଉତ୍ସବ ଚାଲିଥିବା ବେଳେ କେତେଜଣ ଦୁର୍ବୃତ୍ତ ସ୍ୱାମୀଜୀଙ୍କୁ ଗୁଳିକରି ହତ୍ୟା କରିଥିଲେ । ଏହି ଘଟଣାକୁ ନେଇ ସେ ସମୟରେ କନ୍ଧମାଳ ସମେତ ସାରା ଓଡିଶାରେ ଉତ୍ତେଜନା ପ୍ରକାଶ ପାଇଥିଲା। କନ୍ଧମାଳ ଜିଲାରେ ଦଙ୍ଗା ସୃଷ୍ଟି ହୋଇଥିଲା।

### କରୋନା ଆକ୍ରାନ୍ତ ଇଞ୍ଜିନିୟରଙ୍କ ମୃତ୍ୟୁ

ଦିଗପହଣ୍ଡି,୧୦।୮(ଡି.ଏନ.ଏ.)- ଦିଗପହଣ୍ଡି ବଜାର ସାହିର କରୋନା ଆକ୍ରାନ୍ତ ଜଣେ ଯୁବ ସଫ୍ଟୱେର ଇଞ୍ଜିନିୟରଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ୟୁ.ସତ୍ୟନାରାୟଣ ରାଓ (୩୭)। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ସତ୍ୟନାରାୟଣଙ୍କ ବାପା ୟୁ. ଶଙ୍କର ରାଓଙ୍କ ଗତ ୧୪ ତାରିଖରେ ମୃତ୍ୟୁ ଘଟିଥିଲା। ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ବେଙ୍ଗାଲୁରସ୍ଥିତ ସି.ଏ. ଟେକ୍ନୋଲୋଜିରେ ସିନିୟର ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଥିବା ସତ୍ୟନାରାୟଣ ଗାଁକୁ ଆସିଥିଲେ। ଶୁଦ୍ଧିକ୍ରିୟା ସରିବା ପରେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର କରୋନା ଟେଷ୍ଟ କରାଯାଇଥିବା ବେଳେ ରିପୋର୍ଟ ପଜିଟିଭ୍ ଆସିଥିଲା। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ପୋଖରୀରେ ବୁଡ଼ି ୨ ଯୁବକ ମୃତ

ଦିଗପହଣ୍ଡି(ଡି.ଏନ.ଏ.)/ଗୋଷାଣୀ (ସ୍ୱ.ପ୍ର.),୧୦।୮-ପୋଖରୀରେ ବୁଡ଼ି ଗଞ୍ଜାମ ଓ ଗଜପତି ଜିଲାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଆଙ୍କୋରଡା ଗ୍ରାମର ସନ୍ତୋଷ ବଳିୟାର ସିଂ ସୋମବାର ଜମିରୁ କାମସାରି ପୋଖରୀରେ ଗାଧୋଉଥିବା ବେଳେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନା ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଗଜପତି ଜିଲା ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତ ଦେବିତୀ ଗ୍ରାମର ଜି. କୃଷ୍ଣ (୩୦) ରବିବାର ଶୌଚ ପାଇଁ ପୋଖରୀକୁ ଯାଇ ବୁଡି ଯାଇଥିଲେ। ପାରଳାଖେମୁଣ୍ଡି ଅଗ୍ନିଶମ କର୍ମଚାରୀ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ । ପାରଳାଖେମୁଣ୍ଡି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା ।

# କୋଭିଡ୍ ପରିଚାଳନାରେ ଗଞ୍ଜାମ ଜିଲା ଦେଶର ଆଦର୍ଶ ହେବ

ଭଞ୍ଜନଗର,୧୦।୮(ଡି.ଏନ.ଏ.)


ଭିଡିଓ କନ୍‌ଫରେନ୍ସରେ ଭଞ୍ଜନଗରରେ ଉପସ୍ଥିତ ପ୍ରତିନିଧି।

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ କିଛିଦିନ ହେବ ଏଥିରେ ରୋକ୍ ଲାଗିଛି। ପୂର୍ବ ଅପେକ୍ଷା ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁ ହାର କମୁଛି। କରୋନା ମୁକାବିଲାରେ ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କୋଭିଡ୍ ପରିଚାଳନାରେ ଗଞ୍ଜାମ ଦେଶରେ ଏକ ଆଦର୍ଶ ଜିଲା ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗଞ୍ଜାମ ଜିଲା କୋଭିଡ୍ ଯୋଦ୍ଧା ତଥା ସରପଞ୍ଚମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସରେ କଥା ହେବାବେଳେ ଏହା କହିଛନ୍ତି। ଏଥି ସହ ସେ କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ ଭଞ୍ଜନଗର ବ୍ଲକ କୁଲାଡ଼ ପଞ୍ଚାୟତ ସରପଞ୍ଚ ପ୍ରକାଶ ପାଣିଗ୍ରାହୀ, ସାନଖେମୁଣ୍ଡି, ହିଞ୍ଜିଳିକାଟୁ ବ୍ଲକର ଗୋଟିଏ ଲେଖାଏ ପଞ୍ଚାୟତ ସରପଞ୍ଚଙ୍କ ସହ କଥା ହୋଇଥିଲେ। ଜିଲାରେ କୋଭିଡ୍ ପରିଚାଳନା ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ଦିଆଯିବା ଦ୍ୱାରା କରୋନା ମୁକାବିଲାରେ ତାହା ସଫଳ ହୋଇଛି। କରୋନା ଲଢ଼େଇରେ ଗଞ୍ଜାମ ଜିଲା ଆଗରେ ଅଛି। ସରପଞ୍ଚମାନଙ୍କ ପାଇଁ ମୁଁ ଆଜି ଗର୍ବୀତ। କରୋନାକୁ ସମ୍ପୂର୍ଣ୍ଣ ନିପାତ କରିବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ସରପଞ୍ଚମାନଙ୍କୁ ଆହ୍ୱାନ ଦେଇଥିଲେ।

ଭିଡ଼ିଓ କନ୍‌ଫରେନ୍ସରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ, ସରକାରଙ୍କ ଠିକ୍ ପରିଚାଳନା ଯୋଗୁ ଗଞ୍ଜାମ ଜିଲା କରୋନା ସ୍ଥିତିରେ ଉନ୍ନତି ଆସିଛି। ଜଙ୍ଗଲ, ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ, ମୁଖ୍ୟମନ୍ତ୍ରୀ ସରପଞ୍ଚମାନଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ଜିଲାପାଳ କ୍ଷମତା ଦେଇଥିବା ଯୋଗୁ ଆଜି ତା'ର ସୁଫଳ ମିଳିଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କୋଭିଡ୍ ପରିଚାଳନାରେ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୁଲାଡ଼ ସରପଞ୍ଚ ପାଣିଗ୍ରାହୀ ମୁଖମନ୍ତ୍ରୀଙ୍କ ସହ ଆଲୋଚନା କରିବା ସମୟରେ କୋଭିଡ୍‌କୁ କିଭଳି ପଞ୍ଚାୟତରେ ପରିଚାଳନା କରିଥିଲେ ସେନେଇ କହିଥିଲେ। ପାଣିଗ୍ରାହୀ କୋଭିଡ୍ ପରିଚାଳନା କରିବା ସମୟରେ ସେ ନିଜେ ଆକ୍ରାନ୍ତ ହୋଇଥିଲେ। ୭ ତାରିଖରେ ସୁସ୍ଥ ହେବାପରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ସହ ଭିଡ଼ିଓ କନ୍‌ଫରେନ୍ସରେ କଥା ହୋଇଥିଲେ। ଭଞ୍ଜନଗର ବ୍ଲକରେ ହେଉଥିବା ଭିଡ଼ିଓ କନ୍‌ଫରେନ୍ସରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଏଡ଼ିଏମ୍ ବିଶାଲ ସିଂ, ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚମାନେ ଉପସ୍ଥିତ ଥିଲେ ।

**କୁଲାଡ଼ ସରପଞ୍ଚଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ**

# ଆରୋଗ୍ୟରେ ଗଞ୍ଜାମର ରେକର୍ଡ

ଛତ୍ରପୁର,୧୦।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ପାଖାପାଖି ୧୦,୫୦୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଜିଲାରେ ଆରୋଗ୍ୟ ହାର ୮୦ %ରେ ପହଞ୍ଚି ସାରା ଭାରତରେ ରେକର୍ଡ ସୃଷ୍ଟି କରିପାରିଛି। ସେହିପରି ଜିଲାର ବହୁତ ଗ୍ରାମ ରେଡରୁ ଗ୍ରୀନ ଜୋନ ହୋଇପାରିଛି ବୋଲି ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନଫରେନ୍ସରେ ଅବଗତ କରାଇଛନ୍ତି। ଟେଷ୍ଟ ସଂଖ୍ୟା ବୃଦ୍ଧିକରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ଯେଉଁ ବ୍ଲକରେ ଟେଷ୍ଟିଂ କମିଛି ସେଠାରେ ଏହା ବୃଦ୍ଧି କରିବାକୁ ଜିଲାପାଳ କହିଛନ୍ତି। ସବୁ ପଞ୍ଚାୟତରେ ପୁଣି ଗୋଟିଏ ରାଉଣ୍ଡ ଟେଷ୍ଟ ନିହାତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣ୍ଟିଜେନ ଟେଷ୍ଟ କିଟ୍ ରହିଛି। ସେଠାରେ ମଧ ଲୋକେ ନିଜ ଟେଷ୍ଟ କରିପାରିବେ। ଯେଉଁ ଦୋକାନୀ ନିଜ କୋଭିଡ୍ ଟେଷ୍ଟ କରିନାହାନ୍ତି ସେମାନଙ୍କ ଦୋକାନ ବନ୍ଦ ରହିବ। ପ୍ଲାଜ୍ମା ସଂଗ୍ରହ ନିମନ୍ତେ ଜଣେ ଜଣେ ବିଡିଓ ଅନ୍ତତଃପକ୍ଷେ ୧୦ ଜଣଙ୍କୁ ପ୍ରୋତ୍ସାହନ ଦେଇ ପୂର୍ବ ପ୍ରସ୍ତୁତି କରି ରଖିବାକୁ କୁହାଯାଇଛି। କୋଭିଡ୍ ପରିଚାଳନା ଦିଗରେ ଭଲ କାମ କରୁଥିବା ବିଡିଓ ଓ ତହସିଲଦାରମାନଙ୍କୁ ଜିଲାପାଳ ପ୍ରଶଂସା କରିଥିଲେ । ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ କରୋନା ସଂକ୍ରମିତ ହେବ ଘରେ ସଙ୍ଗରୋଧରେ ରହି କାର୍ଯ୍ୟ କରିଥିବାରୁ ଜିଲାପାଳ ପ୍ରଶଂସା କରିଥିଲେ।

# ଏମ୍‌କେସିଜି ଓପିଡି ଖୋଲାକୁ ନେଇ ଜନସ୍ୱାର୍ଥ ମାମଲା

ବ୍ରହ୍ମପୁର ଅଫିସ ,୧୦।୮

ବ୍ରହ୍ମପୁର ବଡ ମେଡିକାଲ (ଏମ୍‌କେସିଜି) ଓପିଡି ୧ମାସ ବିତିଯାଇଥିଲେ ମଧ ଖୋଲିଲା ନାହିଁ। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବଡ ମେଡିକାଲ ପରିଦର୍ଶନରେ ଆସି ଏହି ସୂଚନା ପାଇଥିଲେ। ବିଭିନ୍ନ ବିଭାଗ ଡାକ୍ତରମାନଙ୍କ ସହ ଆଲୋଚନା କରି ଓପିଡି ଖୋଲିବା ନେଇ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଗତ ୬ ତାରିଖରେ ୮ ବିଭାଗ ସମେତ ଅଧକ୍ଷ ଓ ଉପାଧକ୍ଷଙ୍କ ଉପସ୍ଥିତିରେ ଓପିଡି ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲେ ମଧ ଆଜି ସୁଦ୍ଧା ଖୋଲାଯାଇ ନାହିଁ। ଏ ନେଇ ସାମାଜିକ କର୍ମୀ ଅନନ୍ତ ମହାନ୍ତି ସୋମବାର ଉଚ୍ଚନ୍ୟାୟାଳୟରେ ଓପିଡି ସମେତ ବେସରକାରୀ ହସ୍‌ପିଟାଲରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏକ ଜନ ସ୍ୱାର୍ଥ ମାମଲା ଦାଏର କରିଛନ୍ତି।

**GOVERNMENT COLLEGE OF ENGINEERING, KEONJHAR**
(A Constituent College of BPUT, Rourkela)
At : Jamunalia, P.O. : Old Town, Dist : Keonjhar, Pin : 758002(Odisha)
Tel.: 06766-213180 (O), Website : www.gcekjr.ac.in, Mail Id : principal@gcekjr.ac.in

No.775 Date: 10.08.2020

**WALK-IN-INTERVIEW FOR ENGAGEMENT OF FACULTIES ON CONTRACT BASIS**

The walk-in-interview for engagement of faculty on contract basis (purely temporary for Odd Semester 2020-21) will be conducted in video conferencing mode from **24.08.2020** to **26.08.2020** for Civil Engineering, Computer Science & Engg., Mining Engineering, Mineral Engineering, Metallurgical Engineering, Chemistry, Physics, English, Economics and Management.

The applicants are required to fill up the Google Form after depositing an application fee online of Rs.500/- in the college account. A/C Name - Government College of Engineering, Keonjhar, A/C No. 37140179346, IFSC Code : SBIN0000113 by **Dt.17.08.2020** positively.

For more details and Google Form Link visit the college website : **www.gcekjr.ac.in**

Sd/-
Principal

# ଆରଡିସିଙ୍କ ଅଫିସ ଆଗରେ ଧାରଣା

ବ୍ରହ୍ମପୁର ଅଫିସ,୧୦।୮



ଆରଡିସିଙ୍କ ଅଫିସ ଆଗରେ ବିକାଶ ପରିଷଦ କର୍ମକର୍ତ୍ତାମାନେ ଧାରଣା ଦେଇଛନ୍ତି।

ଗଞ୍ଜାମ ଜିଲାରେ କରୋନା ପରିଚାଳନାରେ ପ୍ରଶାସନିକ ଅବହେଳା ପ୍ରତିବାଦରେ ସୋମବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ବ୍ରହ୍ମପୁର ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଧାରଣା ଦିଆଯାଇଥିଲା । ଅନିୟମିତତା ହୋଇଥିବା ପରିଷଦ ଅଭିଯୋଗ କରିଥିଲା । ଜିଲାରେ ଆଣ୍ଟିଜେନ ଓ ସବ୍ ଟେଷ୍ଟ ରୋପୋର୍ଟରେ ବିଳମ୍ବ ଯୋଗୁ ସଂକ୍ରମଣ ବୃଦ୍ଧି ପାଉଥିବା ପରିଷଦ ଅଭିଯୋଗ କରିଥିଲା। ୨୪ ଘଣ୍ଟା ମଧରେ ସ୍ୱାବ୍ ନମୁନା ଓ ଆଣ୍ଟିଜେନ ଟେଷ୍ଟ ରିପୋର୍ଟ ପ୍ରଦାନ କରାଯିବା ସହ ଏମ୍‌କେସିଜି ମେଡିକାଲ ଓପିଡ଼ି ତୁରନ୍ତ ଖୋଲିବା, ଟାଟା କୋଭିଡ୍ ହସ୍ପିଟାଲ ଚିକିତ୍ସା ଅବହେଳା ଅଭିଯୋଗରେ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ୩ ଡାକ୍ତରଙ୍କ ବିରୋଧରେ ଦିଆଯାଇଥିବା ଏତଲାର ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ୭ ଦଫା ଦାବି ନେଇ ବିକ୍ଷୋଭ କରିଥିଲା। ଏଥିରେ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।

**କୋଭିଡ୍ ପରିଚାଳନାରେ ଅନିୟମିତତା ଅଭିଯୋଗ**

# ସିସିସିରେ ଜଳଖିଆ ଖାଇଲେନି ରୋଗୀ

## ବରାରୁ ବାହାରିଲା ତାର

ଦାରିଙ୍ଗବାଡ଼ି,୧୦।୮(ଡି.ଏନ.ଏ)

ଦାରିଙ୍ଗବାଡ଼ିର ଗ୍ରୀନବାଡ଼ିଠାରେ ହୋଇଥିବା କୋଭିଡ୍ କେୟାର ସେଣ୍ଟର (ସିସିସି)ରେ ଥିବା କରୋନା ଆକ୍ରାନ୍ତମାନେ ସୋମବାର ସକାଳେ ଜଳଖିଆ ଖାଇନାହାନ୍ତି। ସବୁଦିନ ଭଳି ରୋଗୀଙ୍କୁ ସୋମବାର ସକାଳେ ଜଳଖିଆରେ ବରା ଦିଆଯାଇଥିଲା। ଜଣେ ରୋଗୀଙ୍କୁ ଦିଆଯାଇଥିବା ବରାରେ ଏକ ଆଲୁମିନିୟମ ତାର ଗୁଡ଼ାଇ ହୋଇଥିବା ଦେଖି ସେ ଅନ୍ୟମାନଙ୍କୁ ଏହା ଦେଖାଇଥିଲେ । ଫଳରେ କୌଣସି ରୋଗୀ ଉକ୍ତ ଜଳଖିଆ ଖାଇ ନ ଥିଲେ। ସେମାନେ ଏ ନେଇ ବିଡିଓ ଏବଂ କୋଭିଡ୍ କେୟାର ସେଣ୍ଟର ଦାୟିତ୍ୱରେ ରହିଥିବା ଡାକ୍ତରଙ୍କୁ ଫୋନ ଯୋଗେ ଜଣାଇଥିଲେ। ଖାଦ୍ୟ ପ୍ରଦାନ କରୁଥିବା ସଂସ୍ଥାର ତ୍ରୁଟି ଯୋଗୁ ଏପରି ହୋଇଛି। ଖୁବ୍‌ଶୀଘ୍ର ଏହି ଦାୟିତ୍ୱ ଅନ୍ୟ କାହାରିକୁ ଦିଆଯିବ ବୋଲି କହିଥିଲେ। ରୋଗୀଙ୍କୁ ଆଉ କିଛି ଜଳଖିଆ ଦେବା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ହେଲେ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଜଳଖିଆ ଦିଆଯାଇ ନ ଥିଲା। ସାଢ଼େ ୧ଟାରେ ମିଲ୍ସ ଦିଆଯାଇଥିଲା। ଏ ସମ୍ପର୍କରେ ସେମାନେ ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ଏ ନେଇ କେୟାର ସେଣ୍ଟରର ନୋଡାଲ ଅଫିସର ଅମିୟ କୁମାର ନାୟକଙ୍କୁ ପଚାରିବାରୁ ଆଗକୁ ଯେଭଳି ଆଉ ଏପରି ନ ହେବ ସେ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଯେଉଁ ରୋଗୀଙ୍କ ଖାଦ୍ୟରେ ତାର ବାହାରିଥିଲା ତାଙ୍କୁ ଡାକ୍ତରମାନେ ଅନ୍ୟ ଖାଦ୍ୟ ଦେଇଥିଲେ ବୋଲି ଜଣାଇଛନ୍ତି।

# କନ୍ଧମାଳରେ ୯୦୦ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ଫୁଲବାଣୀ ଅଫିସ, ୧୦।୮

କନ୍ଧମାଳ ଜିଲାରେ ମଙ୍ଗଳବାର ଆଉ ୧୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୦ ମହିଳା ଓ ୭ ପୁରୁଷ ଅଛନ୍ତି। ଫୁଲବାଣୀରୁ ୫ ଜଣ ଚିହ୍ନଟ ହୋଇଥିବା ବେଳେ ଜି.ଉଦୟଗିରିରୁ ଜଣେ, ଦାରିଙ୍ଗିବାଡିରୁ ୩, କ. ନୂଆଗାଁରୁ ଜଣେ, ତୁମୁଡିବନ୍ଧରୁ ୪, ବାଲିଗୁଡାରୁ ଜଣେ ଓ ଫିରିଙ୍ଗିଆରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ଏହି ୧୭କୁ ମିଶାଇ ଜିଲାରେ ବର୍ତ୍ତମାନ ସୁଦ୍ଧା ୯୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଜିଲାରେ କୋଭିଡ୍ ସଂକ୍ରମିତ ଚିହ୍ନଟ ପାଇଁ ସାମ୍ପୁଲ ପରୀକ୍ଷାକୁ ବୃଦ୍ଧି କରାଯାଇଛି। ଅଧିକ ସଂଖ୍ୟାରେ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ତେଣୁ ଏଥିପାଇଁ ଭୟଭୀତ ନ ହୋଇ କୋଭିଡ୍ ନିୟମ ମାନି ଚଳିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ କହିଛନ୍ତି। ଏବେ ଦୈନିକ ପ୍ରାୟ ୧୦୦୦ ଜଣଙ୍କର ପରୀକ୍ଷା କରିବା ବ୍ୟବସ୍ଥା ହୋଇଛି। ତେଣୁ ଯାହାର ସଂକ୍ରମଣ ସନ୍ଦେହ ରହୁଛି କିମ୍ବା ଲକ୍ଷଣ ପ୍ରକାଶ ପାଉଛି ସେ ସଙ୍ଗେ ସଙ୍ଗେ ନିଜର ପରୀକ୍ଷା କରାଇ ପାରିବେ। ଏଥିସହ ଯେଉଁମାନଙ୍କର ଲକ୍ଷଣ ନ ଥାଇ କିମ୍ବା ସାମାନ୍ୟ ଲକ୍ଷଣ ଥାଇ ପଜିଟିଭ୍ ବାହାରୁଛି ସେମାନେ ଚାହିଁଲେ ନିଜ ଘରେ ସଂଗରୋଧରେ ରହିପାରିବେ। ଏ ପର୍ଯ୍ୟନ୍ତ ଜିଲାରେ ଆରଟିପିସିଆର ଟେଷ୍ଟ ୭,୧୮୩ ଜଣଙ୍କର କରାଯାଇଥିବା ବେଳେ ଆଣ୍ଟିଜେନ ଟେଷ୍ଟ ୨୬୭୯ ଏବଂ ଟ୍ରୁନଟ ଟେଷ୍ଟ ୩୩ଟି କରାଯାଇଥିବା ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି।

## ଗଜପତିରେ ୩୧ ପଜିଟିଭ୍:୨୦୧୯ ଛୁଇଁଲା ସଂଖ୍ୟା

ପାରଳାଖେମୁଣ୍ଡି,୧୦।୮(ସ୍ୱ.ପ୍ର.)

ଗଜପତିରେ କରୋନା ସଂକ୍ରମଣ ଥମୁନି । ସୋମବାର ପୁଣି ୩୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୧୯ରେ ପହଞ୍ଚିଛି । ନୂଆ ସଂକ୍ରମିତଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳର ୧୦ଜଣ, ଗୁମ୍ମା ବ୍ଲକର ୭, ଗୋଷାଣୀ ବ୍ଲକର ୪, କାଶୀନଗର ବ୍ଲକର ୬, ନୂଆଗଡ ଓ ରାୟଗଡ଼ ବ୍ଲକର ୨ ଜଣ ଲେଖାଏ ଅଛନ୍ତି। ଏମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ ବେଳେ ୨୪ଜଣ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୭ଜଣ ସଂକ୍ରମିତ ହୋଇଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି । ଯେ କୌଣସି କରୋନାଜନିତ ସୂଚନା ମିଳିଲେ ପ୍ରଶାସନକୁ ତୁରନ୍ତ ଜଣାନ୍ତୁ ବୋଲି ଜିଲାପାଳ କହିଛନ୍ତି।

**FAKIR MOHAN UNIVERSITY**
Vyasavihar, Nuapadhi, Balasore, Odisha - 756089
Website: www.fmuniversity.nic.in
No. FMU/R&D/126/2020/4780 Date: 10.08.20

**INDICATIVE NOTICE INVITING TENDER**

Sealed quotations are invited from interested Dealers, Suppliers and Manufacturers with valid GSTIN Certificate, PAN Card and Authorised Dealer Certificate for supply of **Lab Equipments/Chemicals/Lab. Consumables (Glassware, Plastic ware and Miscellaneous items)** for a Science & Technology, Govt. of Odisha project operating in the PG Dept. of Environmental Science, F.M. University, Balasore. The quotations completed in all respect should reach to **Dr. P.C. Mishra, Principal Investigator,** Science & Technology, Govt. of Odisha Project, PG Dept. of Environmental Science, F.M. University, Vyasa Vihar, Nuapadhi, Balasore - 756089 by Regd./Speed Post on or before **03.09.2020 by 03.00 P.M.** For details please visit the university Website **www.fmuniversity.nic.in**.

Sd./- (Principal Investigator)

# କୋଭିଡ୍ ହସ୍ପିଟାଲ,ସେଣ୍ଟରରେ ଅଗ୍ନି ନିରାପତ୍ତା ଯାଞ୍ଚ

ବ୍ରହ୍ମପୁର ଅଫିସ,୧୦।୮

- ତ୍ରୁଟି ସୁଧାରିବାକୁ କେନ୍ଦ୍ର ମୁଖ୍ୟଙ୍କୁ ଚିଠି
- ଅଗ୍ନିଶମ ଅଧିକାରୀଙ୍କୁ ପଠାଗଲା ରିପୋର୍ଟ

ଗଞ୍ଜାମ ଜିଲାରେ କରୋନା ସାଙ୍ଘାତିକ ସ୍ଥିତିରେ ରହିଛି। ଏହାର ମୁକାବିଲା ପାଇଁ ଜିଲାରେ ଏବେ ୧୬ କୋଭିଡ୍ ହସ୍ପିଟାଲ, କେୟାର ସେଣ୍ଟର ଓ ଡେଡିକେଟେଡ୍ କୋଭିଡ୍ ହେଲଥ ସେଣ୍ଟର ରହିଛି। ଗୁଜରାଟର ଅହମ୍ମଦାବାଦ କୋଭିଡ୍ ହସ୍ପିଟାଲରେ ଗତ ୬ ତାରିଖରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ତାହାର ୩ ଦିନ ପରେ ଅର୍ଥାତ ଗତ ରବିବାର ଆନ୍ଧ୍ରପ୍ରଦେଶ ବିଜୟୱାଡାର କୋଭିଡ୍ କେୟାର ସେଣ୍ଟରରେ ଭୟାବହ ଅଗ୍ନିକାଣ୍ଡ ଘଟି କେତେକ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ଜିଲା କୋଭିଡ୍ ସେଣ୍ଟର ଓ ହସ୍ପିଟାଲଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଅଧିକାଂଶ କୋଭିଡ୍ କେୟାର ସେଣ୍ଟରଗୁଡିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ୍ ନ ଥିବା ଯାଞ୍ଚ ବେଳେ ଜଣାପଡିଛି। ସେହିପରି ନିକଟରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ଏମ୍‌କେସିଜି ମେଡିକାଲ କୋଭିଡ୍ ହସ୍ପିଟାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପନ ହୋଇଥିଲେ ମଧ ତାହା ବ୍ୟବହାର ନ ହୋଇ ସେଠାରେ ତାଲା ପଡିଛି। ସେହିଭଳି ରଣ୍ଡା ନିକଟ ଅଶ୍ୱିନୀ ଓ ଟାଟା କୋଭିଡ୍ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ସାମାନ୍ୟ ତ୍ରୁଟି ରହିଥିବା ଯାଞ୍ଚ ବେଳେ ଜଣାପଡିଛି। ଅନ୍ୟପଟେ ଶୀତଳାପଲ୍ଲୀ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ପରିସରରେ ଥିବା ୨ କୋଭିଡ୍ କେୟାର ସେଣ୍ଟରରେ ରୋଗୀମାନେ ରହୁଥିବା ବେଳେ ସେଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଆଦୌ ନାହିଁ। କୋଭିଡ୍ ସେଣ୍ଟର ଗୁଡିକରେ ନିରାପତ୍ତା ବ୍ୟବସ୍ଥାରେ ଏଭଳି ତ୍ରୁଟି ଥିବା ଦୃଷ୍ଟିକୁ ଆସିବା ପରେ ସେଠାରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେହି ହସ୍ପିଟାଲ ଓ କେୟାର ସେଣ୍ଟର ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ ସୋମବାର ସୂଚନା ଦେଇଛନ୍ତି। ଅନ୍ୟପଟେ ଯାଞ୍ଚ ରିପୋର୍ଟ ଅଗ୍ନିଶମ ମହାନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି ବୋଲି ମଧ ସେ କହିଛନ୍ତି। କୋଭିଡ୍ ହସ୍ପିଟାଲ ଓ କେୟାର ସେଣ୍ଟରରେ କାମ କରୁଥିବା ନର୍ସ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଆଁ ଲିଭାଇବା ପାଇଁ ଥିବା ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ତାଲିମ ଦିଆଯିବ ବୋଲି ମଧ ସେ କହିଛନ୍ତି।

No. N-20

**Government of Odisha**
**Higher Education Department**

**Dateline for Common PG Entrance Test-2020 (CPET-2020) for State Public Universities and Colleges**

Dateline for Common PG Entrance Test-2020 (CPET-2020) for State Public Universities and Colleges with PG Courses under project Student Academic Management System (SAMS) is given below. Any change in the dateline will be published in the newspapers as well as in the website www.dheodisha.gov.in / www.samsodisha.gov.in . Common Prospectus (CP) for CPET-2020 is available in the said websites. Kindly refer the CP before filling up the CAF.

| Sl# | Items | Timeline |
|---|---|---|
| 1) | Availability of online Common Application Form (CAF) in the website www.samsodisha.gov.in | 12-Aug-2020 (2.00 pm) |
| 2) | Last date of applying online CAF through www.samsodisha.gov.in | 31-Aug-2020 (11:45 pm) |
| 3) | Available of Hall Ticket in applicant e-Space for downloading | 20-Sept.-2020 (2:00 pm) |
| 4) | Commencement of Entrance Examination (CPET-2020) | 30th Sept to 7th Oct-2020 |
| 5) | Updation of Graduation/Equivalent mark by applicant till | 10-Oct-2020 (11:45 pm) |
| 6) | Handing over the entrance marks to OCAC by the Entrance Exam Conducting Universities | 20-Oct-2020 |
| 7) | Publication of State wide merit list | 25-Oct-2020 |
| 8) | Completion of Admission Process by the respective Universities and Colleges, offering PG teaching facility | 20-Nov-2020 |
| 9) | Commencement of PG 1st Year Classes | 01-Dec-2020 |

**For more details please contact**
**e-Admission "SANJOG" Helpline (Toll Free) Number 155335 / 1800-345-6770**

*N.B. : Candidates, whose final U.G. results are awaited (not published) can also apply on-line in the Common Application Form to appear CPET-2020. But, they must upload their marks prior to preparation of Final State Merit List within the dateline, failing which, their applications will not be considered.*

Sd./- Officer-in-Charge, PTC
OIPR-11001/11/0010/2021

**PUBLIC NOTICE**

It has come to our Notice that some of the newspapers are publishing false news without verifying facts behind the reduction of rebate days from 15 to 7 days.

It is for the general Public, we hereby inform that the reduction of rebate days from 15 to 7 days is as per Odisha Electricity Regulatory Commission (Conditions of Supply) Code 2019, vide Odisha Gazette Notification dated 27th Aug'2019 for the entire state of Odisha. It has already been implemented by other three utilities in Odisha. In TPCODL License area it has been implemented in Puri, Khurda, Balugaon & Nayagarh Electrical Division since Oct'2019. It was to be implemented for the balance area from 1st April'20 but was deferred due to lock down on account of COVID-19 in April & May'20. Consequently, it was finally implemented in June'20 onwards in line with OERC Supply Code 2019. Hence, the changes in rebate days is on account of the implementation of OERC (Condition of Supply) Code 2019. TP Central Odisha Distribution Limited has not taken any decision unilaterally to implement reduction in rebate days from 15 to 7 days and has only complied with OERC Supply Code, 2019.

**(Puneet Munjal)**
**CFO & Chief (Regulatory Affairs)**
**TP Central Odisha Distribution Ltd.Limited**

କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ- ଅମଙ୍ଗଳ ମଧ୍ୟରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ- ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା- ଏହା ହିଁ ଯଥାର୍ଥ ଧର୍ମ ଓ ନୀତି । -ଶ୍ରୀଅରବିନ୍ଦ

# ହିନ୍ଦୀ ଓ ହିନ୍ଦୁତ୍ୱ

ଗତ କିଛିମାସର ବିରତିପରେ ଏବେ ସମ୍ଭବତଃ କେନ୍ଦ୍ରସରକାରଙ୍କ 'ନୂତନ ଭାରତ'ରେ ପୁରୁଣା କଥା ଓ କାର୍ଯ୍ୟକଳାପର ଆବିର୍ଭାବ ହେବା ଭଳି ମନେ ହେଲାଣି । ମୋଦି ସରକାରଙ୍କ ପ୍ରଥମ ପାଳିର ଶାସନରେ ହିନ୍ଦୁତ୍ୱ ଚିନ୍ତାଧାରା ଲୋକମାନଙ୍କ ଉପରେ ଲଦି ଦିଆଯିବା ଦେଖାଯାଇଥିଲା । ଏଠାରେ ମନେରଖିବାକୁ ହେବ ଯେ, ହିନ୍ଦୁ ଧର୍ମରେ ଉଦାରତା ଓ ସହନଶୀଳତା ହେଉଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ସେଥିପାଇଁ ଏହି ଚିନ୍ତାଧାରା ସର୍ବପୁରାତନ ହୋଇ ବଞ୍ଚିରହିଛି । ଅନ୍ୟପଟେ 'ହିନ୍ଦୁତ୍ୱ' ଏକ ଚିନ୍ତାଧାରା ଯେଉଁଥିରେ ସହନଶୀଳତା ଏବଂ ଉଦାରତାର କୌଣସି ସ୍ଥାନ ନାହିଁ । ଅନ୍ୟସବୁ ଧର୍ମର ସଂକୀର୍ଣ୍ଣ ଚିନ୍ତାଧାରା ଭଳି ହିନ୍ଦୁତ୍ୱ ଚିନ୍ତାଧାରାରେ ଅନୁରୂପ ପ୍ରତିଫଳନ ଦେଖିବାକୁ ମିଳିଥାଏ । ଆମେ ସମସ୍ତେ ହିନ୍ଦୁ । କିନ୍ତୁ ହିନ୍ଦୁତ୍ୱରେ ଥିବା ଘୃଣାଭାବକୁ ସ୍ୱୀକାର କରିପାରୁ ନାହୁଁ । କେବଳ ଉଚ୍ଚ ଜାତିର ମାନସିକତାକୁ ନେଇ ସୃଷ୍ଟି ହୋଇଥିବା ହିନ୍ଦୁତ୍ୱ ଚିନ୍ତାଧାରାରେ ସବୁ ହିନ୍ଦୁ ସାମିଲ ହେବା ସମ୍ଭବପର ନୁହେଁ ଏବଂ ଏହା ହିନ୍ଦୁ ସମାଜରେ ବିଭେଦ ସୃଷ୍ଟି କରୁଛି ।

ବିଗତ ଦିନକୁ ଦେଖିଲେ ସେତେବେଳେ ଯେଉଁମାନେ ହିନ୍ଦୁତ୍ୱ ପ୍ରୟାସକୁ ବିରୋଧ କରିଥିଲେ ସେମାନଙ୍କୁ କଳେବଳେ କୌଶଳେ ଦମନ କରାଯାଉଥିଲା ଏବଂ ସ୍ଥଳବିଶେଷରେ ପ୍ରତିବାଦର ସ୍ୱର ବଦଳାଉ ନ ଥିବା ବ୍ୟକ୍ତିଙ୍କୁ ଜୀବନରୁ ମାରି ଦିଆଯାଉଥିଲା । ହେତୁବାଦୀ ନରେନ୍ଦ୍ର ଡାଭୋଲକରଙ୍କଠାରୁ ଆରମ୍ଭକରି ସାମ୍ବାଦିକା ଗୌରୀ ଲଙ୍କେଶଙ୍କ ପର୍ଯ୍ୟନ୍ତ ଅନେକଙ୍କ ପ୍ରାଣ ଯିବା କଥା ଦେଶବାସୀ ଦେଖିଛନ୍ତି । ନିକଟରେ ଅଯୋଧ୍ୟାରେ ରାମ ମନ୍ଦିର ଭୂମିପୂଜନ ସରିବା ପରେ ପୁନଶ୍ଚ ହିନ୍ଦୁତ୍ୱ ରୂପକ ଚାରାଟି ପାଣି ପାଇଲା ଭଳି ମନେହେଉଛି । ଦୁଇ ଦିନ ତଳେ ରାଜସ୍ଥାନର ଜଣେ ଅଟୋ ରିକ୍ସା ଡ୍ରାଇଭର ଗଫର ମହମ୍ମଦ କାଚ୍ଛୱାଙ୍କୁ ଦୁଇ ଜଣ ବ୍ୟକ୍ତି 'ମୋଦି ଜିନ୍ଦାବାଦ୍' ଓ 'ଜୟ ଶ୍ରୀରାମ' ଉଚ୍ଚାରଣ କରିବାକୁ ବାଧ କରିଥିଲେ । ସେମାନଙ୍କ କଥାରେ ରାଜି ନ ହେବାରୁ ତାଙ୍କୁ ନିର୍ଘୁମ ମାଡ଼ ଖାଇବାକୁ ପଡ଼ିଥିଲା । ଏ ହେଉଛି ଗୋଟିଏ ତରିକା, ଯେଉଁଥିରେ ଲୋକଙ୍କୁ ଭୟଭୀତ କରାଇ ବିଶୃଙ୍ଖଳା ସୃଷ୍ଟି କରାଯାଉଛି । ଦ୍ୱିତୀୟ ସଦ୍ୟ ଘଟଣା ହେଉଛି ଡିଏମ୍‌କେ ଏମ୍‌ପି କାନିମୋଝିଙ୍କୁ ଚେନ୍ନାଇ ବିମାନବନ୍ଦରଠାରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବଳ (ସିଆଇଏସ୍‌ଏଫ୍)ର ଜଣେ ଅଧିକାରୀ ହିନ୍ଦୀ ଜାଣିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ । ଉତ୍ତରରେ କାନିମୋଝି କହିଥିଲେ ତାମିଲ ବା ଇଂଲିଶ ବୁଝିପାରିବେ । ଏହାର ଜବାବରେ ସିଆଇଏସ୍‌ଏଫ୍‌ର ଅଧିକାରୀ ଆକ୍ଷେପ କରି କାନିମୋଝିଙ୍କୁ ଭାରତୀୟ କି ବୋଲି ପଚାରିଥିଲେ । ଅର୍ଥାତ୍ ହିନ୍ଦୀ ଜାଣି ନ ଥିବା ବ୍ୟକ୍ତି ଭାରତୀୟ ହୋଇପାରିବେ ନାହିଁ ବୋଲି ସଂକେତ ଦିଆଗଲା । କାନିମୋଝି ଏସବୁକୁ ଟୁଇଟ୍ କରିବା ପରେ ସିଆଇଏସ୍‌ଏଫ୍ ପକ୍ଷରୁ ଘଟଣାର ଅନୁସନ୍ଧାନ କରାଯିବ ବୋଲି ତତ୍‌କ୍ଷଣାତ୍ ଜବାବ ଦିଆଯାଇଛି ।

ଉପରବର୍ଣ୍ଣିତ ଦ୍ୱିତୀୟ ଘଟଣାକୁ ଦେଖିଲେ ସମଗ୍ର ଦେଶ ଉପରେ ହିନ୍ଦୀ ଭାଷା ଲଦି ଦିଆଯିବାର ଧାରା ଉପର ସ୍ତରରୁ ତଳକୁ ନିଗିଡ଼ି ଚାଲିଛି ବୋଲି ବୁଝାପଡ଼ୁଛି । ଉତ୍ତର ଭାରତରେ ଅଧିକ ଲୋକ ହିନ୍ଦୀ କହୁଥିବାରୁ ଓ ଜାତୀୟ ରାଜନୀତିରେ ଏହି ଭାଷାଭାଷୀ ଲୋକଙ୍କ ଦଖଲ ଥିବାରୁ ହିନ୍ଦୀକୁ ସର୍ବତ୍ର ପ୍ରଚଳନ କରିବା ଲାଗି ଜୋରଜବରଦସ୍ତ ପଦକ୍ଷେପ ନିଆଯାଉଛି । ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଘୋଷଣା କରାଯାଇଥିବା ନୂଆ ଶିକ୍ଷା ନୀତି-୨୦୨୦ରେ ହିନ୍ଦୀକୁ ପ୍ରାଧାନ୍ୟ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଧରାଯାଉ ସିଆଇଏସ୍‌ଏଫ୍‌ର ଅଧିକାରୀଙ୍କୁ ତାମିଲ ଜଣା ନାହିଁ ଓ ସେ ଇଂଲିଶରେ ପାରଙ୍ଗମ ନୁହନ୍ତି, ତାହା ହେଲେ କାନିମୋଝିଙ୍କୁ ପଚାରିବାରେ ଅନ୍ୟ ଅଧିକାରୀଙ୍କ ସହାୟତା ନେଇପାରିଥାଆନ୍ତେ । କିନ୍ତୁ ହିନ୍ଦୀ ଭାଷା କହୁଥିବା କିଛି ଭାରତୀୟଙ୍କ ମନରେ ଏଭଳି ଏକ ବିଶ୍ୱାସ ସୃଷ୍ଟି କରିଦିଆଗଲାଣି ଯେ, ଭାରତୀୟତାର ପ୍ରଥମ ସଂଜ୍ଞା ହେଉଛି ହିନ୍ଦୀ ଭାଷା । ଏପରି ବିକୃତ ମନୋଭାବକୁ ଓଡ଼ିଶାରେ ମୁଷ୍ଟିମେୟ ଆଦରରେ କୋଳେଇ ନେଇପାରନ୍ତି, କିନ୍ତୁ ଦେଶବ୍ୟାପୀ ଏବଂ ଓଡ଼ିଶାରେ ମଧ୍ୟ ଅନେକ ଏଭଳି ଭାଷାପ୍ରେମୀ ଅଛନ୍ତି ଯେଉଁମାନେ ନିଜ ଭାଷାକୁ ମରିବାକୁ ଦେବେ ନାହିଁ । କାରଣ ସେମାନେ ଜାଣନ୍ତି ଯେ, ଭାଷା ମରିଗଲେ ସଂସ୍କୃତି ଓ ଜାତି ମରିଯିବ ।

ଭାରତୀୟ ସମ୍ବିଧାନରେ ରହିଛି ଯେକୌଣସି ନାଗରିକ ତାଙ୍କ ଇଚ୍ଛା ଅନୁଯାୟୀ ଭାଷା ବ୍ୟବହାର କରିପାରିବେ । ମାତ୍ର ସମ୍ପୃକ୍ତ ଭାଷା ଜାଣି ନ ଥିବା ଜଣେ କହିବା ପରେ ତାଙ୍କ ନାଗରିକତ୍ୱକୁ ନେଇ ପ୍ରଶ୍ନ ଉଠାଯିବା ଗ୍ରହଣୀୟ ନୁହେଁ । ରାଜସ୍ଥାନରେ ଡ୍ରାଇଭରଙ୍କୁ 'ମୋଦି ଜିନ୍ଦାବାଦ୍' ଓ 'ଜୟ ଶ୍ରୀରାମ' ଉଚ୍ଚାରଣ କରି ନ ଥିବାରୁ ଆକ୍ରମଣ କରାଯିବା ହେଉ ବା କାନିମୋଝିଙ୍କୁ ହିନ୍ଦୀ ଜାଣି ନ ଥିବାରୁ ଅପଦସ୍ଥ କଲା ଭଳି ସ୍ଥିତି ସୃଷ୍ଟି କରାଯାଉଥିବାରୁ ଭାରତୀୟ ସମ୍ବିଧାନ ତା'ର ଧର୍ମନିରପେକ୍ଷତା ହରାଇ ବସୁଛି । ଯେପର୍ଯ୍ୟନ୍ତ ଜନସାଧାରଣ କୌଣସି ପ୍ରସଙ୍ଗ ବା ଘଟଣାକୁ ହୃଦୟରୁ ସମର୍ଥନ କରିନାହାନ୍ତି, ସେପର୍ଯ୍ୟନ୍ତ କେବଳ 'ଚାପ' ପକାଯାଇ ଲୋକଙ୍କ ମନକୁ ପରିବର୍ତ୍ତନ କରାଯାଇପାରିବ ନାହିଁ । ଯେହେତୁ ଭାରତବ୍ୟାପୀ ଏକ ଭୟର ବାତାବରଣ ସୃଷ୍ଟି କରିଦିଆଯାଉଛି, ଅନେକେ ଅନନ୍ୟୋପାୟ ହୋଇ ଭୁଲ ଦେଖୁଥିଲେ ମଧ୍ୟ ପ୍ରତିବାଦ କରିବାକୁ ଢ଼ୁ ପାଉନାହାନ୍ତି । ବାସ୍ତବରେ ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶ ସକାଶେ ଏଭଳି ଚିନ୍ତାଧାରା ବିକାଶରେ ବାଧା ସୃଷ୍ଟି କରିବ ।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଅଗଷ୍ଟ ୧୯୯୫

- ବର୍ଷା ଯୋଗୁ ଗୁଏଟ୍‌ମାଲାରେ ଏକ ବିମାନ କେନ୍ଦ୍ରୀୟ ଏଲ୍‌ସାଲଭାଡରରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୬୦ ଜଣ ଯାତ୍ରୀଙ୍କ ପ୍ରାଣହାନୀ ।
- ପାଟନା ଜିଲାରେ ଗଙ୍ଗାନଦୀର ବକ୍ତିୟାରପୁରଠାରେ ନୌକା ଦୁର୍ଘଟଣା ଘଟି ୭୫ ଜଣ ପ୍ରାଣ ହରାଇଛନ୍ତି ।
- ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନ ତାଙ୍କର ବଡ଼ ଜାମାତାଙ୍କୁ ଦେଶର ଶିଳ୍ପମନ୍ତ୍ରୀ ପଦରୁ ବରଖାସ୍ତ କରିଦେବା ପରେ ସଦ୍ଦାମଙ୍କ ୨ ଝିଅ ଓ ତାଙ୍କ ସ୍ୱାମୀମାନେ ଇରାକରୁ ଖସିଆସି ଜୋର୍ଡାନରେ ରାଜନୈତିକ ଆଶ୍ରୟ ଲୋଡ଼ିଛନ୍ତି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 4 | 2 | | | | | | | | D |
| | | | | C | 7 | E | B | | 2 | 3 | D | | 0 | |
| | | A | | 2 | | | 8 | 6 | E | | | | | |
| 2 | | | A | | | | | 3 | C | | 1 | 5 | 8 | |
| | | | | | 6 | A | 0 | 7 | | | 5 | B | | |
| | | | C | | E | | | | 0 | | | 8 | 5 | |
| 9 | A | | | | | | C | | | | | 1 | | |
| | | 6 | | A | D | | 9 | | | | 4 | 7 | | 3 |
| 0 | 2 | | | 7 | 3 | 5 | | | | C | | 4 | | |
| | 5 | | | 0 | | | | A | D | | E | | | |
| 8 | | 0 | E | | 5 | 3 | | | 1 | 9 | | | | 7 |
| C | 3 | D | | 4 | | B | | E | | | | | | |
| | | | 0 | | B | 8 | D | | | 6 | 3 | | 1 | |
| B | | 7 | | | C | | | | | | | E | | |
| | | | | | | 9 | | | | | 8 | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 2 | C | E | 4 | A | 0 | 1 | D | 9 | 6 | 5 | B | 7 | 3 |
| 9 | 0 | 6 | 5 | 1 | B | 7 | 4 | 3 | D | E | A | C | 8 | 2 |
| 3 | 5 | E | C | D | 9 | B | 2 | 8 | 7 | 1 | 0 | 6 | A | 4 |
| 4 | D | 1 | 8 | 7 | 2 | 6 | 9 | A | B | C | 3 | 0 | 5 | E |
| B | A | 7 | 0 | 6 | 3 | C | E | 5 | 2 | 8 | 4 | 1 | D | 9 |
| 1 | 4 | 3 | 7 | 8 | 0 | 2 | 6 | E | A | D | 9 | 5 | B | C |
| 6 | 8 | D | 2 | 9 | E | 3 | C | 7 | 4 | 5 | B | A | 1 | 0 |
| 0 | B | 9 | A | C | D | 8 | 5 | 4 | 1 | 7 | 2 | E | 3 | 6 |
| A | E | 5 | 4 | 3 | 6 | D | B | 1 | 8 | 0 | C | 9 | 2 | 7 |
| 7 | C | 2 | 1 | B | 5 | 9 | A | 0 | 6 | 3 | E | 8 | 4 | D |
| D | 3 | A | 9 | E | 8 | 4 | 0 | C | 5 | 2 | 1 | 7 | 6 | B |
| 5 | 6 | 0 | B | 2 | 1 | E | 7 | 9 | 3 | 4 | 8 | D | C | A |
| 2 | 9 | B | 3 | 0 | 7 | 1 | 8 | 6 | C | A | D | 4 | E | 5 |
| E | 1 | 4 | 6 | A | C | 5 | D | 2 | 0 | B | 7 | 3 | 9 | 8 |
| C | 7 | 8 | D | 5 | 4 | A | 3 | B | E | 9 | 6 | 2 | 0 | 1 |

ଗତକାଲିର ଉତ୍ତର

# ବୃଦ୍ଧାବସ୍ଥା ଓ ସାର୍ବଜନୀନ ପେନ୍‌ସନ



ଇଂ. ଶକ୍ତି ପ୍ରସାଦ ଦାସ

ଭାରତରେ ବୟସ୍କଙ୍କ ପାଇଁ ନିଆଯାଉଥିବା କାର୍ଯ୍ୟକ୍ରମଗୁଡ଼ିକ ପ୍ରାୟତଃ ସ୍ୱଳ୍ପ । ଏହି ପୃଷ୍ଠଭୂମିରେ ସେମାନଙ୍କ ଲାଗି ସାମାଜିକ ସୁରକ୍ଷାର ଗୁରୁତ୍ୱ ରହିଛି । ବୟସ୍କଙ୍କ ପାଇଁ ଆୟ-ସୁରକ୍ଷା ସାଧାରଣ ପେନ୍‌ସନ ବ୍ୟବସ୍ଥାର ମୂଳଦୁଆ ଉପରେ ନିର୍ମାଣ କରାଯିବା ଆବଶ୍ୟକ । ଭାରତରେ ସାର୍ବଜନୀନ ନୀତିକୁ ଆଧାର କରି ବ୍ୟାପକ ପେନ୍‌ସନ ବ୍ୟବସ୍ଥା କରିବା ଦରକାର, ଯେପରି କି ଜଣେ ହେଲେ ବୟସ୍କ ଅଲୋଡ଼ା ରହି ନ ଯିବେ । ଦେଶରେ ସମୁଦାୟ କାର୍ଯ୍ୟବଳର ୮୦ ପ୍ରତିଶତରୁ ଅଧିକ ସ୍ୱଳ୍ପ ମଜୁରିଯୁକ୍ତ ଅନୌପଚାରିକ କ୍ଷେତ୍ରରେ କାର୍ଯ୍ୟରତ । ସେମାନଙ୍କ ପାଇଁ ପେନ୍‌ସନ କିମ୍ବା ଅବସରକାଳୀନ ସୁବିଧା କିଛି ନ ଥାଏ । ବିନା ସଞ୍ଚୟ ଓ ବିନା ପେନ୍‌ସନରେ ଅବସର ସମୟ କାଟନ୍ତି । ଅବସର ପରେ ଯୌଥ ପରିବାର ହେଉଛି ସେମାନଙ୍କ ପାଇଁ ଏକମାତ୍ର ଭରସା । ମୁକ୍ତ ଅର୍ଥନୀତିର ପ୍ରଭାବରେ ବ୍ୟାପକ ସାମାଜିକ ତଥା ଅର୍ଥନୈତିକ ପରିବର୍ତ୍ତନର ଫଳ ସ୍ୱରୂପ ଶ୍ରମଯୋଗ୍ୟ ଲୋକଙ୍କ ସମୂହ ପ୍ରବାସନ ବୟସ୍କଙ୍କୁ ସମୟକ୍ରମେ ଅସହାୟ କରିଦେଉଛି । ଏଣୁ ବୟସ୍କମାନଙ୍କ ଅବସର ପରବର୍ତ୍ତୀ ସାଧାରଣ ଜୀବନଯାପନକୁ ସୁଗମ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ବୃଦ୍ଧାବସ୍ଥା ପେନ୍‌ସନ ବାବଦରେ ସମ୍ବଳ ଓ ବ୍ୟୟ ମଧ୍ୟରେ ଦୀର୍ଘମିଆଦୀ ସନ୍ତୁଳନ ଆଣିବାରେ ସରକାରଙ୍କୁ ଦାୟିତ୍ୱ ମୁଣ୍ଡାଇବାକୁ ହେବ ।

ବୟସ୍କଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥାକୁ ବ୍ୟାପକ କରିବାରେ ମୁଖ୍ୟ ଅନ୍ତରାୟ ହେଉଛି ରାଜନୈତିକ ଇଚ୍ଛାଶକ୍ତିର ଅଭାବ । ଦୀର୍ଘକାଳୀନ ଭିତ୍ତିରେ ଏକ ସୁସଙ୍ଗଠିତ ପେନ୍‌ସନ ବ୍ୟବସ୍ଥା ପାଇଁ ଆର୍ଥିକ ବ୍ୟୟବରାଦକୁ ପ୍ରାଥମିକତା ଦେବାରେ ଇଚ୍ଛାଶକ୍ତିର ଅଭାବ ମଧ୍ୟ ପରିଲକ୍ଷିତ । ରୋଜଗାର କ୍ଷେତ୍ରରେ ଉଚ୍ଚସ୍ତରର ଅନୌପଚାରିକତା ଏବଂ ଅଂଶଦାନକାରୀ ଓ ହିତାଧିକାରୀଙ୍କ ଆତ୍ମବିଶ୍ୱାସର ଅଭାବ ବୃଦ୍ଧାବସ୍ଥା ପେନ୍‌ସନ ବ୍ୟବସ୍ଥାର ମୁଖ୍ୟ ଆହ୍ୱାନ ରୂପେ ଛିଡ଼ା ହୋଇଛି । ତେଣୁ, ଶ୍ରମ-ବଜାର ନୀତିକୁ ସୁଦୃଢ଼ କରି ଔପଚାରିକତାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଅଣ-ଅଂଶଦାନ ଓ ଆଂଶିକ-ଅଂଶଦାନ ଯୋଜନାଗୁଡ଼ିକ ପାଇଁ ପୂର୍ବରୁ ଦିଆଯାଇଥିବା ଆର୍ଥିକ ପ୍ରାବଧାନକୁ ସୁରକ୍ଷା ଦେଇ ସାମାଜିକ ବୀମା ବ୍ୟବସ୍ଥାକୁ ବ୍ୟାପକ କରିବାକୁ ପ୍ରୟାସ ଜାରି ରଖିବାକୁ ହେବ । ସାମାଜିକ ସୁରକ୍ଷା କ୍ଷେତ୍ରରେ ବିଶ୍ୱ ସ୍ତରୀୟ ଅଗ୍ରଗତି ସତ୍ତ୍ୱେ, ଆମ ଦେଶରେ ଅବସର କାଳୀନ ପେନ୍‌ସନର ପର୍ଯ୍ୟାପ୍ତତା ଏକ ପ୍ରମୁଖ ଆହ୍ୱାନ ହୋଇ ରହିଛି । ଅଣ-ଅଂଶଦାନ ପେନ୍‌ସନ ପରିମାଣ ଜାତୀୟ ଦାରିଦ୍ର୍ୟ ସୀମାରେଖାର ୪୦ ପ୍ରତିଶତରୁ କମ୍ ରହିଥିବାର ଦେଖାଯାଏ । ସେଥିପାଇଁ ସାମାଜିକ ପେନ୍‌ସନ ଗ୍ରହଣ କରୁଥିବା ବୟସ୍କମାନେ ଦାରିଦ୍ର୍ୟର କଷାଘାତ ସହୁଛନ୍ତି । ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ଜନସଂଖ୍ୟାରେ ପରିବର୍ତ୍ତନ ସହିତ ପେନ୍‌ସନ ପରିମାଣକୁ ସମଯୋଚିତ କରିବାକୁ ହେବ ।

ଦେଶରେ ପ୍ରଚଳିତ ପ୍ରମୁଖ ବୃଦ୍ଧାବସ୍ଥା ପେନ୍‌ସନ ଯୋଜନାସବୁର ସାମ୍ପ୍ରତିକ ସ୍ଥିତିକୁ ଟିକିଏ ପରଖିନେବା । ସରକାରୀ ଚାକିରିଆଙ୍କ ପାଇଁ କେନ୍ଦ୍ର କିମ୍ବା ସମ୍ପୃକ୍ତ ରାଜ୍ୟ ସରକାର ପରିଭାଷିତ ସୁବିଧା(ଡିଫାଇଣ୍ଡ ବେନିଫିଟ) ଭିତ୍ତିରେ ନିଜର ଚଳନ୍ତି ରାଜସ୍ୱରୁ ପେନ୍‌ସନ ଦିଅନ୍ତି । ୨୦୦୪ ପରଠାରୁ ନୂତନ କର୍ମଚାରୀଙ୍କ ପାଇଁ ପରିଭାଷିତ ସୁବିଧା, ପରିଭାଷିତ ଅଂଶଦାନ(ଡିଫାଇଣ୍ଡ କଣ୍ଟ୍ରିବ୍ୟୁଶନ)ରେ ପରିବର୍ତ୍ତିତ ହୋଇଛି । କର୍ମଚାରୀ ଭବିଷ୍ୟନିଧି ସଂଗଠନ ଯୋଜନା (ଇପିଏଫ୍‌ଓ) 'କର୍ମଚାରୀ ଭବିଷ୍ୟନିଧି ଅଧିନିୟମ-୧୯୫୨' ଦ୍ୱାରା ପରିଚାଳିତ ହୁଏ । ଏହା ସଂଗଠିତ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ଅଂଶଦାନ କୃତ ଭବିଷ୍ୟନିଧି, ପେନ୍‌ସନ ଯୋଜନା ଏବଂ ଏକ ବୀମା ଯୋଜନାକୁ ପରିଚାଳନା କରିଥାଏ । ଅକ୍ଟୋବର, ୨୦୧୯ ସୁଦ୍ଧା ୪.୫୦କୋଟି ସଦସ୍ୟଙ୍କ ସହିତ ୬୫ ଲକ୍ଷ ପେନ୍‌ସନଭୋଗୀ ଏହି ଯୋଜନା ଅଧୀନରେ ସକ୍ରିୟ ଥିବାର ଜଣାଯାଏ । ସ୍ୱଚ୍ଛତାର ଅଭାବରୁ ହିତାଧିକାରୀ ଓ ବିଶେଷଜ୍ଞମାନେ ଏହାକୁ 'ବ୍ଲାକ ହୋଲ୍' ବା 'କୃଷ୍ଣ ଗୌହର' ନାମରେ ଅଭିହିତ କରୁଛନ୍ତି । ପ୍ରାୟ ୪.୫୦କୋଟି ବେତନପ୍ରାପ୍ତ କର୍ମଚାରୀଙ୍କ ୧୦ ଲକ୍ଷ କୋଟି ଟଙ୍କାର ଅବସରକାଳୀନ ସଞ୍ଚିତ ପାଣ୍ଠିର ପରିଚାଳନାରେ ଅଧିକ ସ୍ୱଚ୍ଛତା ଆବଶ୍ୟକ । ଇପିଏଫ୍‌ଓ ତା'ର ସମ୍ପତ୍ତି ଓ ଆର୍ଥିକ ଦେୟକୁ ଆଧାର କରି ନିଜର କାର୍ଯ୍ୟଦକ୍ଷତାକୁ ସାଧାରଣରେ ପ୍ରକାଶ କରି ଆର୍ଥିକ ବଜାରରେ ନିଜର ଏକ ସ୍ୱଚ୍ଛ ପରିଚୟ ସୃଷ୍ଟି କଲେ ସାଧାରଣରେ ଏହାର ବିଶ୍ୱସନୀୟତା ବଢ଼ିବ ।

ବିଭିନ୍ନ ମାମଲାରେ ସରକାରଙ୍କ ନୀତିରେ ସ୍ୱଚ୍ଛତା ଅଭାବରୁ ସଂଗଠନ ଅନେକ କ୍ଷେତ୍ରରେ କାମଚଳା ନୀତି ଆପଣାଇବା ପରି ମନେହୁଏ । ଅଂଶଦାନକାରୀଙ୍କ ସଞ୍ଚିତ ଅର୍ଥର ପରିଚାଳନା କରିବା ବାବଦରେ ଅର୍ଥ ପାଉଥିଲେ ମଧ୍ୟ ଗ୍ରାହକ-ସେବାରେ ସଂଗଠନର ଉତ୍ତରଦାୟିତ୍ୱ ଉତ୍ସାହପ୍ରଦ ନୁହେଁ । ସମୁଦାୟ ୪.୫୦କୋଟି ସକ୍ରିୟ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୩୭ ନିୟୁତ କର୍ମଚାରୀ ମାସକୁ ୧୫,୦୦୦ ଟଙ୍କାରୁ କମ୍ ବେତନ ପାଉଛନ୍ତି । ଏହି ସ୍ୱଳ୍ପ ବେତନଭୋଗୀ ଶ୍ରମିକମାନଙ୍କ ବେତନରୁ ଏକ ବଡ଼ ଅଂଶ(୧୨ପ୍ରତିଶତ) ବାଧ୍ୟତାମୂଳକ ଭବିଷ୍ୟନିଧି ଅଂଶଦାନ ହିସାବରେ ଦେଲାବେଳକୁ ସେମାନଙ୍କୁ ଘର ଚଳାଇବା କାଠିକରପାଠ ହେଉଛି । ବୃଦ୍ଧାବସ୍ଥା ଉଦ୍ଦେଶ୍ୟରେ ସଞ୍ଚୟ କରିବା ଅପେକ୍ଷା ବର୍ତ୍ତମାନର ବେତନ ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହାର ନ୍ୟୂନତମ ୧୦୦୦ ଟଙ୍କା ପେନ୍‌ସନ ବୃଦ୍ଧାବସ୍ଥାରେ ପେନ୍‌ସନଗ୍ରାହୀଙ୍କୁ ବିଦ୍ରୂପ କଲାଭଳି ସ୍ଥିତି । ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟ ନ୍ୟୂନତମ ପେନ୍‌ସନର ପୁନଃ ନିର୍ଦ୍ଧାରଣ ପାଇଁ ରାୟ ଦେଇଥିଲେ ମଧ୍ୟ ସରକାର ଅର୍ଥାଭାବର କାରଣ ଦର୍ଶାଇ କୋର୍ଟରେ ସମୟ ଗଡାଇ ଚାଲିଛନ୍ତି । ନିଜର କାର୍ଯ୍ୟ ଦକ୍ଷତାକୁ ଉନ୍ନତ କରି ୬୫ଲକ୍ଷ ପେନ୍‌ସନଭୋଗୀଙ୍କୁ ଏକ ସମ୍ମାନଯୋଗ୍ୟ ଜୀବନଯାପନ ପାଇଁ ଉପଯୁକ୍ତ ପରିମାଣର ମାସିକ ପେନ୍‌ସନ ଉପଲବ୍ଧ କରାଇବା ସଂଗଠନର ଦାୟିତ୍ୱ ନୁହେଁ କି ?

ଏହା ବାଦ୍, ବୃତ୍ତିଗତ ପେନ୍‌ସନ ଯୋଜନା, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍), ରାଷ୍ଟ୍ରୀୟ ପେନ୍‌ସନ ଯୋଜନା(ଏନ୍‌ପିଏସ୍) ଇତ୍ୟାଦି ବ୍ୟକ୍ତିଗତ ଅଂଶଦାନ କୃତ ଅବସର ଯୋଜନା ସରକାରୀ କିମ୍ବା ସରକାରୀ-ଘରୋଇ ମିଳିତ ଯୋଜନା ମାଧ୍ୟମରେ ଚାଲୁରହିଥିଲେ ମଧ୍ୟ ଏସବୁ ଯୋଜନା ସାର୍ବଜନୀନ ଭାବରେ ଆଦୃତ ହୋଇପାରିନାହିଁ । 'ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନ୍‌ସନ ଯୋଜନା' ଅଧୀନରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ୬୦ ବର୍ଷ ବୟସ୍କ ସମସ୍ତ ବ୍ୟକ୍ତି ବୃଦ୍ଧାବସ୍ଥା ପେନ୍‌ସନ ପାଇବାକୁ ଯୋଗ୍ୟ । ଏହା ଏକ ସରକାରୀ ଅନୁଦାନପ୍ରାପ୍ତ ଅଣ-ଅଂଶଦାନ ସାମାଜିକ ପେନ୍‌ସନ ବ୍ୟବସ୍ଥା । ଏହି ବ୍ୟବସ୍ଥାରେ ମାସିକ କେନ୍ଦ୍ରୀୟ ଯୋଗଦାନ ବ୍ୟକ୍ତିପିଛା ୨୦୦ଟଙ୍କା(୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ୫୦୦ ଟଙ୍କା) ଗତ ୨୦୦୭ ମସିହାରୁ ସଂଶୋଧିତ ହୋଇନାହିଁ । ମୁଦ୍ରାସ୍ଫୀତିକୁ ସମଯୋଚିତ କରିବା ମଧ୍ୟ ଦେଖାଯାଇ ନାହିଁ । ୨୦୦୭ରୁ ୨୦୨୦ ମଧ୍ୟରେ ଗ୍ରାହକ ମୂଲ୍ୟ ସୂଚକାଙ୍କ(ସିପିଆଇ)ର ବାର୍ଷିକ ହାରାହାରି ୭.୫ ପ୍ରତିଶତ ହ୍ରାସକୁ ହିସାବକୁ ନେଲେ ୨୦୦ ଟଙ୍କାର ଆଜିର ମୂଲ୍ୟ ୭୩ ଟଙ୍କା । 'ଆଇଏଲଓ'ର ସାମାଜିକ ସୁରକ୍ଷା ମାନକ ଅନୁସାରେ ଜଣେ ସାଧାରଣ ଅଣକୁଶଳୀ ଶ୍ରମିକର ହାରାହାରି ରୋଜଗାରର ଏକ ନିର୍ଦ୍ଦିଷ୍ଟ ଅନୁପାତ ଅବସର ପରେ ସର୍ବନିମ୍ନ ଆୟ-ସ୍ତର ହେବା ବିଧେୟ ।

ଭାରତରେ ପ୍ରଚଳିତ ଭବିଷ୍ୟନିଧି ଯୋଜନାଗୁଡ଼ିକ ଇଚ୍ଛାମୂଳକ ଅଥବା ସ୍ୱେଚ୍ଛାକୃତ ହୋଇଥିବାରୁ ଏସବୁ ଯୋଜନା ଦେଶରେ ବ୍ୟାପକ ହୋଇପାରିନାହିଁ । ତେଣୁ, ଭାରତରେ ଏକ ଭିନ୍ନ ଧରଣର ସର୍ବନିମ୍ନ ପେନ୍‌ସନ ଯୋଜନାର ଆବଶ୍ୟକତା ରହିଛି, ଯାହା ଦେଶ ଉପରେ ଆର୍ଥିକ ବୋଝ ହ୍ରାସ କରି ଅଧିକାଂଶ ଶ୍ରମିକଙ୍କୁ ସୁବିଧା ପହଞ୍ଚାଇବାକୁ ଚେଷ୍ଟା କରିପାରିବ । ଏହାକୁ 'ବିଭରେଜିଆନ୍' ପେନ୍‌ସନ କୁହାଯାଉଛି । ପ୍ରଦାନ କରାଯାଇଥିବା ଅଂଶଦାନ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ବ୍ୟବସ୍ଥାରେ ସମାନ ପେନ୍‌ସନ ସୁବିଧା ପ୍ରଦାନ କରାଯାଇଥାଏ । ମିଳିତ ଜାତିସଂଘର ଜନସଂଖ୍ୟା ପାଣ୍ଠି ଦ୍ୱାରା ପ୍ରକାଶିତ ବିଶ୍ୱ ଜନସଂଖ୍ୟା ସ୍ଥିତି ରେପୋର୍ଟ-୨୦୧୯ ଅନୁଯାୟୀ ଭାରତର ପ୍ରାୟ ୮ କୋଟି ଲୋକ ୬୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ଅଟନ୍ତି । ମୋଟାମୋଟି ଭାବରେ ଯଦି ୬୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାସିକ ୫୦୦ଟଙ୍କା ହିସାବରେ ପେନ୍‌ସନ ପ୍ରଦାନ କରାଯାଏ ତେବେ ସରକାରୀ ତହବିଲ ଉପରେ ଏହାର ଆର୍ଥିକ ପ୍ରଭାବ ୪୮,୦୦୦ କୋଟି ଟଙ୍କା ରହିବ । ୨୦୨୦-୨୧ରେ ଭାରତ ସରକାରଙ୍କ ସମୁଦାୟ ଖାଦ୍ୟ ସବ୍‌ସିଡି ପରିମାଣ(ଏଫ୍‌ସିଆଇ କ୍ଷତି ସହିତ) ପ୍ରାୟ ୧.୬୬ ଲକ୍ଷ କୋଟି ରହିଛି । ସାର୍ବଜନୀନ ପେନ୍‌ସନ ଖର୍ଚ୍ଚ ସମୁଦାୟ ଖାଦ୍ୟ ସବ୍‌ସିଡିର ଏକ-ତୃତୀୟାଂଶରୁ କମ୍ ହେବ ।

ଦେଶରେ କାର୍ଯ୍ୟରତ ଶ୍ରମବଳର ପ୍ରାୟ ୮୦ ପ୍ରତିଶତ କୌଣସି ପେନ୍‌ସନ ପାଆନ୍ତିନି । 'କ୍ରେଡିଟ୍ ସୁଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ'ର ଅଧ୍ୟୟନରୁ ଜଣାଯାଏ ଯେ, ବୃଦ୍ଧାବସ୍ଥା ପେନ୍‌ସନ ବାବଦରେ ଭାରତର ଖର୍ଚ୍ଚ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ଏକ ପ୍ରତିଶତ । ଅଂଶଦାନ କୃତ ପେନ୍‌ସନ ସହିତ ଅଣ-ଅଂଶଦାନ ପେନ୍‌ସନର ଯୁକ୍ତିଯୁକ୍ତ ସମ୍ମିଶ୍ରଣରେ ଏକ ସାର୍ବଜନୀନ ପେନ୍‌ସନ ଯୋଜନା ଲକ୍ଷ ଲକ୍ଷ ଶ୍ରମଜୀବୀଙ୍କ ଅବସର ପରବର୍ତ୍ତୀ ଜୀବନକୁ ସହଜ କରିପାରିବ । ଆର୍ଜେଣ୍ଟିନା, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଓ ଥାଇଲାଣ୍ଡ ଭଳି ବହୁ ବିକାଶଶୀଳ ଦେଶ ଏହା ମଧ୍ୟରେ ସାର୍ବଜନୀନ ପେନ୍‌ସନରେ ସଫଳତା ହାସଲ କରିଛନ୍ତି । ତେଣୁ, ଆମ ଦେଶରେ ଏହା ସମ୍ଭବ । ଆବଶ୍ୟକ କେବଳ ଇଚ୍ଛାଶକ୍ତି ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ: ୯୪୩୭୦୬୪୬୧୧, Email: saktiprasadd@yahoo.in

# ଖାପ୍ ପଞ୍ଚାୟତ ଓ ପୋଲିସ ସଂସ୍କାର



ଯୁଧିଷ୍ଠିର ମହାରଣା

ଜାତି, ଗୋଷ୍ଠୀ ବା ପରିବାରର ମାନସମ୍ମାନ ରକ୍ଷା ନାଁରେ ଅନେକ ଅପରାଧ ସଂଘଟିତ ହୋଇଥାଏ । ଏଥିପାଇଁ ଭାରତୀୟ ସମାଜରେ ପ୍ରଚଳିତ ଘୃଣ୍ୟ ଜାତିପ୍ରଥା ହୁଏତ ଅନେକାଂଶରେ ଦାୟୀ, କିନ୍ତୁ ଏହା ବାଦ୍ ଆହୁରି କେତେକ କାରଣ ମଧ୍ୟ ରହିଛି । ସେଗୁଡ଼ିକ ହେଲା ଭାରତୀୟ ସମାଜର ସାମନ୍ତବାଦୀ ସଂରଚନା, ମନରେ ବଦ୍ଧମୂଳ ହୋଇ ରହିଥିବା ଘୃଣା ବା ଅସହିଷ୍ଣୁତା ଏବଂ ପିତୃକେନ୍ଦ୍ରିକ ମନୋବୃତ୍ତି ଏପରି କି'ଅନର କିଲିଂ' ବା 'ପରିବାରର ମାନ ଇଜ୍ଜତ ରକ୍ଷା କରିବା ପାଇଁ ହତ୍ୟା । ଆଇନକାନୁନ୍ ତିଆରି କରି ଏଭଳି ମାନସିକତାକୁ ରାତାରାତି ହଟାଇ ଦେବା ତ ସମ୍ଭବପର ନୁହେଁ, ତଥାପି ଏକ କଠୋର ଆଇନ ବ୍ୟବସ୍ଥା ମାନସମ୍ମାନ ବା ଇଜ୍ଜତ ନାଁରେ ସମାଜରୁ ସଂଘଟିତ ହେଉଥିବା ହତ୍ୟା ବା ସାମାଜିକ ବାସନ୍ଦ କରିବା ଭଳି ମଧ୍ୟଯୁଗୀୟ ମାନସିକତାକୁ ଦୂର କରିବାରେ ଅନେକ ପରିମାଣରେ ସହାୟକ ହେବ । ଏହି ପରିପ୍ରେକ୍ଷୀରେ ତେଣୁ ଆନ୍ତଃଜାତି ବା ସମାନ ଗୋତ୍ରରେ ବିବାହକୁ ବିରୋଧ କରୁଥିବା ବୟସ୍କ ଲୋକମାନଙ୍କୁ ନେଇ ଗଠିତ ଖାପ୍ ପଞ୍ଚାୟତଗୁଡ଼ିକ ସମ୍ବନ୍ଧରେ ସୁପ୍ରିମକୋର୍ଟଙ୍କ କଟୁ ମନ୍ତବ୍ୟ ପ୍ରଦାନ ଏବଂ ସେମାନଙ୍କୁ କାବୁ କରିବା ପାଇଁ ଦୃଢ଼ହସ୍ତରେ ସେମାନଙ୍କୁ ଦମନ କରିବାକୁ ଫତୱା ଜାରି କରିବା ବା ନିର୍ଦ୍ଦେଶ ଦେବା ବେଶ୍ ଗୁରୁତ୍ୱ ରଖେ । ପରସ୍ପରକୁ ଭଲ ପାଉଥିବା ଯୁବକ ଯୁବତୀଙ୍କ ବିବାହ କରିବାର ଯୋଜନାକୁ ପଣ୍ଡ କରିଦେବା, ପୁଣି ଜାତିଆଣ ଭାବ ଭଳି ଏକ ପୁରୁଣାକାଳିଆ ପ୍ରଥା ଆଳରେ କନ୍ୟା ବା ବରକୁ ହତ୍ୟା କରିବାଠାରୁ ଘୃଣ୍ୟ କାମ କିଛି ନାହିଁ । ସାମ୍ପ୍ରତିକ ସମୟର ବିଜ୍ଞାନ ଯୁଗରେ ଏହାର ଆଦୌ ସ୍ଥାନ ନ ଥିବା ବେଳେ ସମାନତାର ଅଧିକାର ବହନ କରୁଥିବା ଏକ ଗଣତାନ୍ତ୍ରିକ ଦେଶରେ ଏପରି କାର୍ଯ୍ୟ ଉପରୋକ୍ତ ନୀତିର ମୂଳଦୁଆ ପ୍ରତି ଆହ୍ୱାନ ସୃଷ୍ଟି କରିଥାଏ । ତେଣୁ ଆନ୍ତଃଜାତି ଦମ୍ପତିଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ପୋଲିସକୁ କୋର୍ଟଙ୍କର ନିର୍ଦ୍ଦେଶ ପ୍ରଦାନ କରିବାର ଆବଶ୍ୟକତା ରହିଛି । ଏହା ହୋଇ ପାରିଲେ ଆନ୍ତଃଜାତି ବିବାହ ବା ସମାନ ଗୋତ୍ରରେ ବିବାହ ପ୍ରତି ରହିଥିବା ଘୃଣା ଭାବ ଅନେକାଂଶରେ ହ୍ରାସ ପାଇବ । ପୁନଶ୍ଚ, କେବଳ ଖାପ୍ ପଞ୍ଚାୟତଗୁଡ଼ିକ ଉପରେ ଲଗାମ କଷିଦେଲେ ହେବନାହିଁ, ଦେଶର ଅନ୍ୟାନ୍ୟ ବହୁ ରାଜ୍ୟ ଯେଉଁଠି ଜାତିପ୍ରଥାର ଏବେ ସୁଦ୍ଧା ସମାଜ ବ୍ୟବସ୍ଥା ଉପରେ ଯଥେଷ୍ଟ ପ୍ରଭାବ ରହିଛି, ସେସବୁ ରାଜ୍ୟରେ ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରାଯିବା ଉଚିତ । ଖାପ୍ ପଞ୍ଚାୟତ କେବଳ ଭାରତର ଅନ୍ୟ କେଉଁ ରାଜ୍ୟ ନୁହେଁ ଓଡ଼ିଶାର କେବଳ ଗ୍ରାମାଞ୍ଚଳ ବା ଉପାନ୍ତ ଅଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ନିୟମିତ ଭାବେ ସଂଗଠିତ ହେଉଛି । ବଡ଼ ଦୁଃଖଦ କଥା ହେଉଛି ଏଥିରୁ କଟକ ଭୁବନେଶ୍ୱର ପରି ଦ୍ୱୈତନଗରୀରେ ଘଟୁଥିଲେ ବି ଅଧିକାଂଶ କ୍ଷେତ୍ରରେ ପୋଲିସର ଉଦାସୀନତା ଏହାର ନିରପେକ୍ଷ ତଦନ୍ତ ପ୍ରତି ପ୍ରଶ୍ନ ଉଠାଉଛି ।

ଖାପ୍ ପଞ୍ଚାୟତଗୁଡ଼ିକ ବିରୁଦ୍ଧରେ ପ୍ରଥମ ଥର ପାଇଁ ସର୍ବୋଚ୍ଚ ଅଦାଲତ ମୁହଁ ଖୋଲିଛନ୍ତି, ତା ନୁହେଁ । ପୂର୍ବ ରାୟଗୁଡ଼ିକ ମଧ୍ୟ ଏକଥା ସ୍ପଷ୍ଟ କରିସାରିଛି ଯେ ପ୍ରାପ୍ତବୟସ୍କମାନଙ୍କର ପସନ୍ଦ କରିବାର ବିଶେଷକରି ପ୍ରେମ ଓ ବିବାହ ବ୍ୟାପାରରେ ଅଧିକାରରେ କୌଣସି କ୍ଷେତ୍ରରୁ ହସ୍ତକ୍ଷେପ ହେବା ଉଚିତ ନୁହେଁ । ସୁପ୍ରିମକୋର୍ଟର ତିନିଜଣିଆ ଖଣ୍ଡପୀଠ ତାଙ୍କର ସାମ୍ପ୍ରତିକ ରାୟରେ ଏହି ସମସ୍ୟାଟିକୁ ନିରୂପଣ କରିଛନ୍ତି, ଯାହା ବ୍ୟକ୍ତିବିଶେଷଙ୍କର ସ୍ୱାଧୀନତା ଓ ମର୍ଯ୍ୟାଦାର ଉଲ୍ଲଂଘନ କରୁଛି ଏବଂ ଏହାର ସୁରକ୍ଷା ନିମନ୍ତେ ପ୍ରତିଷେଧମୂଳକ, ପ୍ରତିକାରମୂଳକ ତଥା ଦଣ୍ଡବିଧାନ ଭଳି ପଦକ୍ଷେପମାନ ନିଆଯିବାର ଆବଶ୍ୟକତା ରହିଛି । ଏ କ୍ଷେତ୍ରରେ ସୁପ୍ରିମକୋର୍ଟ ଆହୁରି ପାଦେ ଆଗେଇ ଯାଇ ବିପଦାପନ୍ନ ଦମ୍ପତିଙ୍କୁ ସୁରକ୍ଷା ଗୃହ ଯୋଗାଇ ଦେବାକୁ ପୋଲିସକୁ କହିଛନ୍ତି । ପୁଣି ଖାପ୍ ପଞ୍ଚାୟତଗୁଡ଼ିକୁ ଏଭଳି ବେଆଇନ ନିଷ୍ପତ୍ତି ନେବାରୁ ନିବୃତ୍ତ କରିବା ଲାଗି ପ୍ରବର୍ତ୍ତାଇବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଆପାତତଃ ଏକ ନରମ ପନ୍ଥା ଭଳି ମନେହୁଏ । କିନ୍ତୁ ସଙ୍ଗେ ସଙ୍ଗେ କୋର୍ଟ ଏଭଳି ନିଷ୍ପତ୍ତି ନେବା ପାଇଁ ହେଉଥିବା ମେଳିକୁ ପ୍ରତିହତ କରିବା ପାଇଁ ଏପରି କି ଏହାକୁ ରୋକିବା ଲାଗି ଗିରଫ କରିବା ନିମନ୍ତେ ମଧ୍ୟ ପୋଲିସକୁ କ୍ଷମତା ଦେଇଛନ୍ତି । ତେବେ ଏଭଳି ବିବାହ ପ୍ରତି ସମର୍ଥନ ହାସଲ କରିବା ନିମନ୍ତେ ସମାଜର କେତେକ ବର୍ଗଙ୍କ ହୃଦୟରେ ପ୍ରକୃତ ପରିବର୍ତ୍ତନ ଆସିବା ପାଇଁ ହୁଏତ ଆହୁରି ଅନେକ ବର୍ଷ ଲାଗିଯାଇ ପାରେ । କାରଣ, ସହରାଞ୍ଚଳରେ ମିଳୁଥିବା ଅନେକ ପ୍ରକାରର ସୁବିଧା ସୁଯୋଗ ବିଶେଷକରି ମୌଳିକ ସମାନତାରୁ ବଞ୍ଚିତ ଗ୍ରାମାଞ୍ଚଳର ଲୋକମାନଙ୍କ ଭିତରୁ ଅନେକେ ଏବେ ବି ବିଶ୍ୱାସ କରନ୍ତି ଯେ ନିଜ ପାଇଁ ଆଇନ ତିଆରି କରିବାର ଦାୟିତ୍ୱ ସେମାନଙ୍କର । ତେଣୁ ଏ କ୍ଷେତ୍ରରେ ପ୍ରକୃତ ଆହ୍ୱାନ ହେଉଛି ସମାଜରେ ସଂସ୍କାର ଆଣିବା । ସମାଜରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶାବଳୀର କିଛି ଉଲ୍ଲେଖନୀୟ ପ୍ରଭାବ ପକାଇବାର ସମ୍ଭାବନା ରଖୁଥିବାବେଳେ ରାଜ୍ୟମାନେ ଏହାକୁ ପାଳନ କରିବେ ବୋଲି ଧରିନେଇ କେନ୍ଦ୍ର ସରକାର ସନ୍ତୁଷ୍ଟ ହେଲେ ଚଳିବ ନାହିଁ । ଅନର କିଲିଂ ଏବଂ ବିବାହ କ୍ଷେତ୍ରରେ ପସନ୍ଦ କରିବାର ଅଧିକାର ସୁରକ୍ଷା ପ୍ରଦାନ କରିବା ନିମନ୍ତେ କେନ୍ଦ୍ର ସରକାର ମଧ୍ୟ ତତ୍ପରତା ପ୍ରକାଶ କରିବା ଆବଶ୍ୟକ । ସେହିପରି ଖାପ୍ ପଞ୍ଚାୟତ ପ୍ରସଙ୍ଗରେ ଆମ ବଳୁଆ ପୋଲିସର ନୀରବତା ଓ ଅପାରଗତା ନିଶ୍ଚିତ ବଡ଼ ବିସ୍ମୟ ସୃଷ୍ଟି କରେ । କାରଣ ୧୫୦ ବର୍ଷରୁ ଢେର ବର୍ଷ ତଳୁ ଆମ ଦେଶରେ ବର୍ତ୍ତମାନ ପ୍ରଚଳିତ ପୋଲିସ ବ୍ୟବସ୍ଥା ଇଂରେଜୀ ଉପନିବେଶବାଦୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଛି । ସେ ସମୟର ଉପନିବେଶବାଦ ବିରୁଦ୍ଧରେ ନିର୍ଭୀକ ସ୍ୱର ଉଠାଉଥିବା ଯେ କେହି ନାଗରିକଙ୍କୁ ଦୃଢ଼ ଦମନ କରାଯାଉଥିବାରୁ ବର୍ତ୍ତମାନ ପୋଲିସ ସେହି ରାସ୍ତାରେ ଚାଲିଛି । ନିକଟରେ ପ୍ରକାଶିତ 'ଷ୍ଟାଟସ ଅଫ ପୋଲିସ ଇନ୍ ଇଣ୍ଡିଆ'ର ତଥ୍ୟ ଅନୁଯାୟୀ ଭାରତରେ ପୋଲିସକୁ ପାଖାପାଖି ୧୫ଘଣ୍ଟିଆ ଡ୍ୟୁଟି ଦିଆଯାଉଛି । ଏବେ ପାଖାପାଖି ୭୭ପ୍ରତିଶତ ପୋଲିସ କର୍ମଚାରୀଙ୍କୁ ନେଇ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା କରୁଥିବା ପୋଲିସ ବାହିନୀ କାର୍ଯ୍ୟ କରୁଛି । ତେଣୁ ଏ କ୍ଷେତ୍ରରେ ପୋଲିସ ଦକ୍ଷତା ଓ ଆଧୁନିକ ସୂଚନା ପ୍ରଯୁକ୍ତିର ସହଯୋଗ ନେଇ ସଂସ୍କାର ଅତ୍ୟନ୍ତ ଜରୁରୀ ମନେହୁଏ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୧୬୩୫୨୮

## ଏଇ ଭାରତରେ

ଯେଉଁ ଦେଶ କୃଷି ଆଧାରିତ ଅର୍ଥବ୍ୟବସ୍ଥାରୁ ଆରମ୍ଭ କରି ଆର୍ଥିକ ମହାଶକ୍ତି ହେବା ଯାଏ ଏକ ଅଭିଯାନ ଚଳାଇଛି ; ସେଠାରେ ସ୍ୱଦେଶୀ, ସ୍ୱରାଜ ଓ ଆତ୍ମନିର୍ଭରତାର ମହାମନ୍ତ୍ର ସେତେ ଗଭୀରତାକୁ ଯିବାରେ ଲାଗିଛି । ଏହା ଆଜି ବି ପ୍ରାସଙ୍ଗିକ ମନେହେଉଛି ଓ ଆଗକୁ ମଧ୍ୟ ରହିବ, ଯାହା ଦେଖାଯାଇଛି ମଧ୍ୟପ୍ରଦେଶର ବେଟୁଲ ଜିଲା ଅନ୍ତର୍ଗତ ମଲିୟାଟାଣା ଗାଁରେ । ଏହି ଆଦିବାସୀ ବହୁଳ ଗାଁର ଲୋକେ ଦୃଢ଼ ସଂକଳ୍ପ ନେଇ ୩ କିଲୋମିଟର ରାସ୍ତା ନିର୍ମାଣ କରିବାରେ ଲାଗିଛନ୍ତି । ଉକ୍ତ ରାସ୍ତା ସେମାନଙ୍କୁ ଆତ୍ମନିର୍ଭର କରିବା ତଥା ବିକାଶର ମୁଖ୍ୟଧାରାରେ ଯୋଡ଼ିବାରେ ସହାୟକ ହେବ । ସଙ୍କଳ୍ପ ପୂରଣ କରିବାକୁ ଗାଁର ପିଲାଠୁ ବୁଢ଼ାଯାଏ ସଭିଏଁ କାମରେ ଲାଗିଛନ୍ତି । କାମ ଏତେ ସହଜ ନୁହେଁ, ହେଲେ ସେମାନେ ପାହାଡ଼କୁ ଭାଙ୍ଗି ସମତଳ କରି ରାସ୍ତା ନିର୍ମାଣ କରୁଛନ୍ତି । ବେଟୁଲ ଜିଲା ଭୀମପୁର ବ୍ଲକର ଚୁନାଲୋହମା ପଞ୍ଚାୟତର ଏହି ଗାଁ ତାପ୍ତି ନଦୀ କୂଳରେ ଅବସ୍ଥିତ । ମଲିୟାଟାଣାରୁ ଚୁନାଲୋହମା ପହଞ୍ଚିବାକୁ କୌଣସି ରାସ୍ତା ନାହିଁ । ଲୋକମାନେ ପାହାଡ଼ ଚଢ଼ି ନଈ ପାର ହୋଇ ଯାଇଥାନ୍ତି । ରୋଗୀମାନଙ୍କୁ ମେଡ଼ିକାଲ ନେବାରେ ବି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଗାଁକୁ ରାସ୍ତା ନ ଥିବାରୁ ଆଜିଯାଏ କୌଣସି ଲୋକପ୍ରତିନିଧି ଗାଁରେ ପହଞ୍ଚି ପାରିନାହାନ୍ତି । ସବୁ ଅସୁବିଧା ଦୂର କରିବା ଲାଗି ସେମାନେ ରାସ୍ତା ତିଆରି କରିବାରେ ଲାଗିଛନ୍ତି । ଗାଁଲୋକେ ଚାନ୍ଦା କରି ହାତୁଡ଼ି ଓ ଶାବଳ କିଣିଛନ୍ତି । ଏମାନେ ଏବେ ୧ କି.ମି. ରାସ୍ତା ନିର୍ମାଣ କରିସାରିଲେଣି ।

## ଚିରନ୍ତନୀ

ସେହି ମୋର ହେଲା ପ୍ରିୟ
ସବୁଠାରୁ କମନୀୟ
ସେହି ମୋର ଅନାଗତ ରାଗିଣୀ
ଯାହା କେବେ ଏ ଜୀବନେ ବାଜିନି ।
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସେବକ ପାଇଁ ପ୍ରତିଯୋଗିତା ଚାଲିଛି

ମହାଶୟ,

ଏହି ଅଭିମତଟି ଲେଖିବା ସମୟରେ ପିଲାଦିନେ ଲେଖୁଥିବା ରଚନା କଥା ମନେପଡ଼େ ଯେପରି ନଈବଢ଼ିର ଅପକାର ଏବଂ ଉପକାର ବିଷୟରେ ଲେଖ । ମନରେ ପ୍ରଶ୍ନ ଆସୁଥିଲା ନଈବଢ଼ି ତ ଘରଦ୍ୱାର, ରାସ୍ତାଘାଟ ଭସାଇ ନିଏ, ସୁନାର ଫସଲକୁ ମାରିଦେଇ ଧନଜୀବନ ନଷ୍ଟଭ୍ରଷ୍ଟ କରିଦିଏ । ତା'ହେଲେ ଉପକାର କ'ଣ କଲା ! ଶିକ୍ଷକ କହିଥିଲେ ପଟୁମାଟି ଜମିର ଉର୍ବରତା ବଢ଼ାଇଦେବାରୁ ନଈକୂଳିଆ ଜମିରେ ନଈବଢ଼ି ପରେ ପ୍ରଚୁର ଫସଲର ସମ୍ଭାର ସୃଷ୍ଟି ହୋଇଥାଏ । ଏହି ପରିପ୍ରେକ୍ଷୀରେ କରୋନାକୁ ବିଚାର କରିବା- ଚାଇନାର ଉହାନ ସହରରୁ ସୃଷ୍ଟ କରୋନା ମାତ୍ର କେତେ ମାସ ମଧ୍ୟରେ ପୃଥିବୀ ତମାମ କାୟା ବିସ୍ତାର କରି ଯନ୍ତ୍ରଣା ଏବଂ ମୃତ୍ୟୁର ଭୟରେ କବଳିତ କରିଛି । ମଣିଷ ରକ୍ଷା ପାଇବା ପାଇଁ ଲକ୍‌ଡାଉନ୍, ଶଟ୍ ଡାଉନ୍, କଣ୍ଟେନ୍‌ମେଣ୍ଟ ଆଦି ପ୍ରୟୋଗ କରି ମହାମାରୀ ଗତିରୋଧ କରିପାରୁ ନାହିଁ । ଫଳରେ ଜୀବନ ସହିତ ଜୀବିକା ମଧ୍ୟ ପ୍ରଭାବିତ ହେଉଛି । ଏବେ ଉପକାର କଥା ହିସାବ କରିବା- ସବୁ ସମୟରେ ସରକାର ଦାଦନ ବା ପ୍ରବାସୀ ଶ୍ରମିକ ହିସାବକୁ ଜାଣିଶୁଣି ଭୁଲ ପ୍ରକାଶିତ କରି ଦାରିଦ୍ର୍ୟ ଏବଂ କର୍ମନିଯୁକ୍ତିକୁ ଲୁଚାଉଥିଲେ । ଏବେ ତାହା ହାଟରେ ପଡ଼ି ବାଟରେ ଗଡୁଛି । ସ୍ୱାସ୍ଥ୍ୟ ବିଭାଗ ହିଁ ନାହିଁ ମଧ୍ୟରେ ଅନେକ ଦୋଷ ଦୁର୍ବଳତା ଧରି ତିଷ୍ଠିଥିଲା, ଯାହାର ସଂଶୋଧନ ହେଲା । ସାଧାରଣ ପୋଲିସଠାରୁ ଜିଲାପାଳ, ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜକୁ ସେବକ ନ ଭାବି ଶାସକ ଭାବୁଥିଲେ । ଏବେ ସେମାନେ ସେବକ ପାଇଁ ପ୍ରତିଯୋଗିତା କରୁଛନ୍ତି । ବିଧାୟକ, ମନ୍ତ୍ରୀମାନେ ଅନାବଶ୍ୟକ ମନେ ହେଉଛନ୍ତି । ଜନତା ସରକାରୀ ଖାଦ୍ୟ ଖାଇ ବଞ୍ଚୁଛନ୍ତି ।

ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ହତ୍ୟା

**କପ୍ତିପଦା,୧୦।୮(ଡି.ଏନ.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ମଝିଗଡ଼ିଆ ପଞ୍ଚାୟତ ବାରଖଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗଳା କାଟି ହତ୍ୟା କରାଯାଇଛି। ମୃତକ ହେଲେ ଜଗବନ୍ଧୁ ମିରିଡ଼ିଆ। କପ୍ତିପଦା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି। ମୃତକଙ୍କ ସ୍ତ୍ରୀ ଅମ୍ବିକା ମିରିଡ଼ିଆଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(୨୦୩/୨୦) ରୁଜୁ କରିଛି। ମୃତ ଜଗବନ୍ଧୁ ସୋମବାର ତାଙ୍କ ଭଉଣୀ ଘର ବାଲେଶ୍ୱରର ଅଗିରାପଡ଼ା ଯିବାକୁ ବାହାରିଥିଲେ। ସେ ବାଇକ୍‌ରେ ଯାଉଥିବା ବେଳେ ଗମ୍ଭୀରାଖୁଣ୍ଟା ଜଙ୍ଗଲ ମଝି ହରିଡ଼ାଡାହି ବାଙ୍କ ନିକଟରେ କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ହତ୍ୟା କରିଥିବା ଜଣାଯାଇଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଥାନାଧିକାରୀ ସଞ୍ଜୟ କୁମାର ପ୍ରଧାନ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସୂଚନା ଦେଇଛନ୍ତି।

### ପୋଖରୀରେ ବୁଡ଼ିଗଲେ ଭଉଣୀଭାଇ

**ଛତ୍ରପୁର,୧୦।୮(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଛତ୍ରପୁରରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ବିରେଶ୍ୱର ମନ୍ଦିର ନିକଟ ପୋଖରୀରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବିରେଶ୍ୱର କଲୋନୀର ଶିବ ମହାପାତ୍ରଙ୍କ ପୁଅ ବାଦଲ (୭) ଓ ଝିଅ ବର୍ଷା (୪)। ସୋମବାର ଅପରାହ୍ନରେ ବାଦଲ ଓ ବର୍ଷା ଖାଇ ସାରିବା ପରେ ପୋଖରୀ ନିକଟକୁ ଶୌଚ ପାଇଁ ଯାଇଥିଲେ। ଦୀର୍ଘ ସମୟ ପରେ ବି ସେମାନେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମନ୍ଦିର ନିକଟ ପୋଖରୀରେ ଉଭୟେ ଭାସୁଥିବା ବାପା ଶିବ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ବର୍ଷା ଓ ବାଦଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଛତ୍ରପୁର ପୋଲିସ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ୨ଟିକୁ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ‘ସରପଞ୍ଚଙ୍କ ଭଲ କାମ ଦେଶକୁ ବାଟ ଦେଖାଇବ’

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

## କୋଭିଡ୍ ପରିଚାଳନା ନେଇ ଗଞ୍ଜାମ ଜିଲାର ସରପଞ୍ଚମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ସରପଞ୍ଚମାନଙ୍କ ନିଷ୍ଠା ଓ ପରିଶ୍ରମ ଯୋଗୁ କରୋନା ପଜିଟିଭ୍ ସଂଖ୍ୟା କମୁଛି। ଆରୋଗ୍ୟ ହାର ବଢୁଛି। ମୃତ୍ୟୁହାର ମଧ୍ୟ କମିବାରେ ଲାଗୁଛି। ସରପଞ୍ଚମାନଙ୍କ ଭଲ କାମ ପାଇଁ ସେ ଗର୍ବିତ। ସେମାନଙ୍କ ଭଲ କାମ ଆଗକୁ କୋଭିଡ୍ ପରିଚାଳନାରେ ସାରା ଦେଶକୁ ବାଟ ଦେଖାଇବ। ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଗଞ୍ଜାମ ଜିଲାର ସରପଞ୍ଚମାନଙ୍କ ସହ କଥା ହେବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। କରୋନା ସମ୍ପୂର୍ଣ୍ଣ ନିପାତ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ସରପଞ୍ଚମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଚାୟତକୁ ସଶକ୍ତ କରିବା ପାଇଁ ବିଜୁବାବୁଙ୍କ ଉଦ୍ୟମକୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୁବାବୁଙ୍କ ଆଦର୍ଶରେ ବର୍ତ୍ତମାନର ସରକାର ପଞ୍ଚାୟତକୁ ଅଧିକ କ୍ଷମତା ଦେଇଛନ୍ତି। ଜିଲାରେ କରୋନା ସଂକ୍ରମଣର ନିୟନ୍ତ୍ରଣ ପାଇଁ ସରପଞ୍ଚମାନେ ଯେଉଁଭଳି ଦକ୍ଷ ନେତୃତ୍ୱର ପରିଚୟ ଦେଇ ବିପତ୍‌କାଳୀନ ପରିସ୍ଥିତିରେ ଉନ୍ନତି ଆଣିଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚ ପ୍ରଶଂସା କରିଛନ୍ତି। ସରପଞ୍ଚମାନେ ସଂକ୍ରମଣ ନିୟନ୍ତ୍ରଣ ପାଇଁ ପରିସ୍ଥିତିକୁ ଦେଖି ବିଭିନ୍ନ ସ୍ଥାନରେ ଲକ୍‌ଡାଉନ ଓ ଶଟ୍‌ଡାଉନ କରି କଡ଼ା ପଦକ୍ଷେପ ନେଇଛନ୍ତି। କୋଭିଡ୍ କେୟାର ହୋମ୍, କୋଭିଡ୍ ପରିଚାଳନା କେନ୍ଦ୍ର, ଟେଷ୍ଟିଂ, ସର୍ଭେ କାର୍ଯ୍ୟରେ ସେମାନଙ୍କ ସହଯୋଗ ରହିଛି। କରୋନା ଲଢ଼େଇରେ ଗଞ୍ଜାମ ଜିଲା ଆଗରେ ରହିଛି। ଓଡ଼ିଶା ଫେରିଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଠିକ୍ ସମୟରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ କରିବା, ସେଗୁଡ଼ିକର ଉଚିତ୍ ପରିଚାଳନା ଓ ଲୋକଙ୍କୁ ସେବା ଯୋଗାଇବାରେ ସରପଞ୍ଚଙ୍କ ଉଦ୍ୟମ ଯୋଗୁ ଏସବୁ ସମ୍ଭବ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ସରକାରଙ୍କ ଉଚିତ କୋଭିଡ୍ ପରିଚାଳନା ଯୋଗୁ ଗଞ୍ଜାମ ପରିସ୍ଥିତିରେ ଉନ୍ନତି ଆସିଛି। ଖୁବ୍ ଶୀଘ୍ର କରୋନା ସ୍ଥିତି ଦୂର ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଦେଇ ସେମାନଙ୍କ ଉପରେ ଯେଉଁ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ, ତାହା ସଫଳ ହୋଇଛି। ଏହି ଅବସରରେ ସାନଖେମୁଣ୍ଡି, ହିଞ୍ଜିଳି ଓ ଭଞ୍ଜନଗର ବ୍ଲକର ସରପଞ୍ଚମାନେ କୋଭିଡ୍ ପରିଚାଳନା ସମ୍ପର୍କରେ ନିଜ ଅଭିଜ୍ଞତା ରଖିବା ସହ ସହ ମୁଖ୍ୟମନ୍ତ୍ରୀଙ୍କ ଭରସା ଓ ପ୍ରଶାସନର ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ଆଲୋଚନାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଯୋଗ ଦେଇଥିଲେ।

# ଭିଜିଲାନ୍ସ ଜାଲରେ ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ

## ସହାୟତା ମଞ୍ଜୁର ପାଇଁ ଚାଷୀଙ୍କଠାରୁ ୬ହଜାର ଲାଞ୍ଚ ନେଉଥିଲେ

**ପିପିଲି, ୧୦।୮(ସ୍ୱ.ପ୍ର./ଡି.ଏନ୍.ଏ)**



ଡା. ଶୁଭ୍ରାଂଶୁ ସାହୁ

ସରକାରୀ ସହାୟତା ମଞ୍ଜୁର ପାଇଁ ଜଣେ ଚାଷୀଙ୍କଠାରୁ ୬ହଜାର ଟଙ୍କା ଲାଞ୍ଚ ନେଇ ପିପିଲି ପ୍ରାଣୀ ଚିକିତ୍ସା କେନ୍ଦ୍ରର ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭ୍ରାଂଶୁ ସାହୁ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନାମରେ ୟୁ/ସି ୭ପିସି ଆକ୍ଟ-୨୦୧୮ ଦଫାରେ କେସ୍ ନଂ. ୨୧/୨୦ ରୁଜୁ କରାଯାଇଛି। ଏ ନେଇ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପିପିଲି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ମାଟିଆପଡ଼ା ଗ୍ରାମର ସନାତନ ବେହେରା କୁକୁଡ଼ା ଚାଷ କରିଥିଲେ। ତେବେ ଫନୀ ବାତ୍ୟାରେ ବହୁ କୁକୁଡ଼ା ମରିଯିବାରୁ ତାଙ୍କର ବ୍ୟାପକ କ୍ଷତି ଘଟିଥିଲା। ସେ ସରକାରୀ ସହାୟତା ପାଇବା ପାଇଁ ପିପିଲି ପ୍ରାଣୀ ଚିକିତ୍ସା କେନ୍ଦ୍ରର ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର ଦୌଡ଼ି ମଧ୍ୟ ସହାୟତା ମିଳି ନ ଥିଲା। ଅନ୍ୟପକ୍ଷରେ ସହାୟତା ମଞ୍ଜୁର କରିବା ଲାଗି ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ସାହୁ ତାଙ୍କୁ ୬ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ସନାତନ ଭିଜିଲାନ୍ସ ବିଭାଗକୁ ଏ ନେଇ ଅଭିଯୋଗ ଜଣାଇଥିଲେ। ଆଗରୁ ମଧ୍ୟ ଅନେକ ଚାଷୀଙ୍କୁ ସାହୁ ଲାଞ୍ଚ ମାଗିଥିବାର ଅଭିଯୋଗ ଭୁବନେଶ୍ୱର ଭିଜିଲାନ୍ସ ପାଖରେ ହୋଇଥିଲା। ତେଣୁ ସାହୁଙ୍କୁ ଗିରଫ କରିବା ପାଇଁ ଭିଜିଲାନ୍ସ ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା। ସେହି ଅନୁସାରେ ସୋମବାର ସନାତନ ରାସାୟନିକ ବୋଳା ଟଙ୍କାକୁ ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ସାହୁଙ୍କୁ ସିଧାସଳଖ ଦେବାବେଳେ ଆଗରୁ ସେଠାରେ ଲୁଚି ରହିଥିବା ଭୁବନେଶ୍ୱରର ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲେ।

# ଏମ୍‌ଆର୍‌ୟୁଟି ସ୍କିମ୍ କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

- ଦ୍ୱିତୀୟରେ ଚଣ୍ଡିଗଡ଼, ତୃତୀୟରେ ତେଲଙ୍ଗାନା
- ଓଡ଼ିଶାର ୯ସହରରେ କାର୍ଯ୍ୟକାରୀ ହେଉଛି
- ୧୯୧ପ୍ରକଳ୍ପ ମଧ୍ୟରୁ ୧୪୮ ପ୍ରକଳ୍ପ କାର୍ଯ୍ୟ ଶେଷ

କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବା ହେଉ କିମ୍ବା ବିପର୍ଯ୍ୟୟ ପରିଚାଳନା କରିବା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଅନେକ ସମୟରେ ଦୃଷ୍ଟାନ୍ତ ପାଲଟିଛି। ଅଟଳ ମିଶନ ଫର୍ ରିଜୁଭେନ୍‌ଶନ ଆଣ୍ଡ ଅର୍ବାନ ଟ୍ରାନ୍ସଫରମେଶନ(ଏମ୍‌ଆର୍‌ୟୁଟି) ସ୍କିମ୍ କାର୍ଯ୍ୟକାରୀ ହେଉଥିବା ୨୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟ ମଧ୍ୟରେ ଓଡ଼ିଶା ଦେଶରେ ଏକ ନମ୍ବର ରାଜ୍ୟର ଗୌରବ ହାସଲ କରିଛି। କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ର୍‍ୟାଙ୍କ ଅନୁସାରେ ଓଡ଼ିଶାକୁ ପ୍ରଥମ ସ୍ଥାନ ମିଳିଛି। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ୮୫.୬୭ % ନମ୍ବର ଦିଆଯାଇଛି। ସୋମବାର ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ଓଡ଼ିଶା ପରେ ଚଣ୍ଡିଗଡ଼ ୭୫.୦୮% ପାଇ ଦ୍ୱିତୀୟ ଏବଂ ତେଲଙ୍ଗାନା ୭୪.୦୪% ପାଇ ତୃତୀୟ ସ୍ଥାନରେ ରହିଛି। ସେହିପରି ଗୁଜରାଟ ଚତୁର୍ଥ ସ୍ଥାନରେ ଥିବାବେଳେ କର୍ଣ୍ଣାଟକ ପଞ୍ଚମ, ଆନ୍ଧ୍ରପ୍ରଦେଶ ଷଷ୍ଠ, ମିଜୋରାମ ସପ୍ତମ, ମଧ୍ୟପ୍ରଦେଶ ଅଷ୍ଟମ, ଛତିଶଗଡ଼ ନବମ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଦଶମ ସ୍ଥାନରେ ରହିଛି।

୨୦୧୫ରେ ଏମ୍‌ଆର୍‌ୟୁଏଟି ସ୍କିମ୍ କାର୍ଯ୍ୟକାରୀ କରାଯାଇଥିଲା। ରାଜ୍ୟର ପୁରୀ, ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା, ବାରିପଦା, ବାଲେଶ୍ୱର, ଭଦ୍ରକ ଏବଂ ବ୍ରହ୍ମପୁର ଆଦି ୯ଟି ସହରରେ କାର୍ଯ୍ୟକାରୀ କରାଯାଇଛି। ଏହି ସ୍କିମ କାର୍ଯ୍ୟକାରୀ ହେବାପରେ ଉକ୍ତ ସହରଗୁଡ଼ିକରେ ଜଳ ଯୋଗାଣ, ଡ୍ରେନେଜ, ପରିମଳ, ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଆଦି ନିର୍ମାଣ ସହିତ ସବୁଜ ବଳୟ ସୃଷ୍ଟି ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ମୋଟ ୧୯୧ପ୍ରକଳ୍ପ ମଧ୍ୟରୁ ୧୪୮ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ପ୍ରକଳ୍ପଗୁଡ଼ିକ ମିଶନ ଦ୍ୱାରା ଧାର୍ଯ୍ୟ ୨୦୨୧ ମାର୍ଚ୍ଚ ସୁଦ୍ଧା ଶେଷ କରାଯିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ସ୍କିମ୍‌ରେ ୯ଟି ସହରାଞ୍ଚଳରେ ରହୁଥିବା ସମସ୍ତ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଏଥିସହିତ ସେହି ସହରଗୁଡ଼ିକରେ ୨୪ କି.ମି. ପାଇପ ଲାଇନ ବିଛାଯାଇଛି। ଅବଶିଷ୍ଟ କାର୍ଯ୍ୟ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଶତ ପ୍ରତିଶତ ପାଇପ ବିଛା କାର୍ଯ୍ୟ ଶେଷ ହେବ। ଭୁବନେଶ୍ୱରରେ ଏବଂ ରାଉରକେଲା ମହାନଗର ନିଗମରେ ୨ଟି ଜଳ ବିଶୋଧନାଗାର ନିର୍ମାଣ ହୋଇଛି। ଏମ୍‌ଆର୍‌ୟୁଟି ସ୍କିମ୍‌ରେ ୧.୨୩ ଲକ୍ଷ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ବାରିପଦା ଓ ବ୍ରହ୍ମପୁରରେ ଦୁଇଟି ସୌର ଶକ୍ତି ଚାଳିତ ପମ୍ପ ହାଉସ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସେହିପରି ଉକ୍ତ ସହରଗୁଡ଼ିକରେ ୧୧୦ଟି ପାର୍କରୁ ୮୫ଟି ପାର୍କର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।

# ୩୯ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ବାଲେଶ୍ୱର ଅଫିସ, ୧୦।୮:** ବାଲେଶ୍ୱର ରେଲଷ୍ଟେଶନ ପାଖ ମାଲଗୋଦାମ ନିକଟରୁ ସୋମବାର ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କ ନିକଟରୁ ୩୯ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ମାମଲା (ନଂ. ୨୧୪/୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସବ୍-ଇନ୍ସପେକ୍ଟର ସୁଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି। ଅରଡ଼ବଜାର ଏବଂ ମାଲଗୋଦାମ ଅଞ୍ଚଳରେ ସେକ୍ ରୁଗା ନାମକ ଜଣେ ଯୁବକ ବୁଲି ବୁଲି ବେପାର କରୁଥିବା ସହଦେବଖୁଣ୍ଟା ପାଟ୍ରୋଲିଂ ଟିମକୁ ସୋମବାର ମଧ୍ୟାହ୍ନରେ ଖବର ମିଳିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଉପେନ୍ଦ୍ର ବେହେରା, ହାବିଲଦାର ସର୍ବେଶ୍ୱର ବାରିକ, କନଷ୍ଟେବଳ ଉତ୍କଳବନ୍ଧୁ ସାହୁ, ଅମିତାଭ ନାୟକ ଏକ ଟିମ୍ ଗଠନ କରି ଉକ୍ତ ଅଞ୍ଚଳକୁ ଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।


**ପୂର୍ବ ତଟ ରେଳପଥ**
**ଆଗ୍ରହର ପରିପ୍ରକାଶ**

ଇଓଆଇ ବିଜ୍ଞପ୍ତି ସଂ.Hq/Comm/BD/EOI/2020, ତା.10.08.2020ରିଖ

ପୂର୍ବ ତଟ ରେଳପଥର 28 (ଅଠାଇଶି)ଗୋଟି ସ୍ଥାନରେ ଗୁଡ୍‌ସ ସେଡ୍‌ଗୁଡ଼ିକର ବ୍ୟାପକ ବହିଃସ୍ରୋତ ନିମନ୍ତେ ଆଗ୍ରହର ପରିପ୍ରକାଶ (EOI) ଆହ୍ୱାନ କରୁଛି।
ଆଗ୍ରହର ପରିପ୍ରକାଶ (EOI) ଆହ୍ୱାନ ନିମନ୍ତେ ବିଜ୍ଞପ୍ତି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ http//ireps.gov.in ରେ ଉପଲବ୍ଧ ଅଟେ।
ବନ୍ଦ ହେବା ତାରିଖ ଓ ସମୟ (ୱେବ୍‌ସାଇଟ୍ ଦ୍ୱାରା ପ୍ରସ୍ତାବ ଜମା କରିବା): ତା.10.09.2020 ରିଖ 1200 ଘଟିକାରେ।



ପରବର୍ତ୍ତୀ କୌଣସି ପ୍ରକାର ସୂଚନା ନିମନ୍ତେ ଦୟାକରି ଯୋଗାଯୋଗ କରନ୍ତୁ: ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ(ଏଫ୍‌ଏସ୍), ପୂର୍ବତଟ ରେଳପଥ, ଟେଲିଫୋନ୍ ନଂ.0674-2301033
PR-201/L/20-21 ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ(ଏଫ୍‌ଏସ୍)/ଭୁବନେଶ୍ୱର



GOVERNMENT OF ODISHA No. O-223

**OFFICE OF THE EXECUTIVE ENGINEER**
**RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 06/MKG/2020-21**

1. Name of the Work : Road Works (Detailed in Annexure)
2. Total Number of Works : 08 (Eight) Number
3. Tender Cost : Rs.60.28 Lakhs to 84.82 Lakhs
4. Class of Contractor : 'B' & 'A' Class Contractors
5. Period of Completion : (As per Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division-I, Malkangiri | Online Tender/ 06/ RWD-I, MKG/ 2020-21 | 08 (Eight) Nos. of Road Works | 12.08.2020 from 11.00 A.M. | 25.08.2020 upto 5.00 P.M. | 24.08.2020 upto 5.00 P.M. | 26.08.2020 at 11.30 A.M. | 28.08.2020 at 11.00 A.M. |

Further details can be seen from the website www.tenderorissa.gov.in.
Sd./- Executive Engineer, R.W. Division-I, Malkangiri
OIPR-25058/11/0006/2021


## ‘କାଳିଆ ଟଙ୍କା ଆଦାୟ ସମ୍ପୂର୍ଣ୍ଣ ସ୍ଥଗିତ ହେଉ’

**ଭୁବନେଶ୍ୱର,୧୦।୮ (ବ୍ୟୁରୋ):** ଗତ ମାସରେ ରାଜ୍ୟ ସରକାରଙ୍କ କୃଷି ବିଭାଗ କାଳିଆ ଟଙ୍କା ହାତେଇଥିବା ଅଯୋଗ୍ୟ ହିତାଧିକାରୀମାନଙ୍କଠାରୁ ଅର୍ଥ ଆଦାୟ ସକାଶେ ଜିଲା କୃଷି ଅଧିକାରୀମାନଙ୍କୁ ଚିଠି କରିଥିଲା। ଏହା ମିଳିବାପରେ ରାଜ୍ୟର ଲକ୍ଷେ ଚାଷୀଙ୍କଠାରୁ ଟଙ୍କା ଆଦାୟ ଲାଗି ନିଷ୍ପତ୍ତି ସରିଥିଲା। ହେଲେ ରାଜ୍ୟ ସରକାର କୋଭିଡ୍-୧୯ ସ୍ଥିତି ଏବଂ ଖରିଫ ଚାଷକୁ ଦୃଷ୍ଟିରେ ରଖି ସାମୟିକଭାବେ ଏହାକୁ ସ୍ଥଗିତ ରଖିଛନ୍ତି। କିନ୍ତୁ ଭାଜପା ଏହାକୁ ବିରୋଧ କରିଛି। କାଳିଆ ଟଙ୍କା ଆଦାୟ ସାମୟିକଭାବେ ନୁହେଁ ବରଂ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି। ପ୍ରଦୀପ୍ତ କହିଛନ୍ତି, ଶାସକ ବିଜେଡି ନିର୍ବାଚନ ଜିତିବା ଏବଂ କ୍ଷମତା ହାତେଇବା ପାଇଁ ତରବରିଆ ଭାବେ କାଳିଆ ଯୋଜନା ଆରମ୍ଭ କରି ଦଳୀୟ କର୍ମୀଙ୍କୁ ହିତାଧିକାରୀ ଚିହ୍ନଟକରି ଟଙ୍କା ବାଣ୍ଟିଲା। ୨୦୧୯ ନିର୍ବାଚନ ଫଳ ଘୋଷଣା ହେବା ପରେ ୨ୟ କିସ୍ତି ଦେବେ ବୋଲି କହିଥିଲେ। ମାତ୍ର ନିର୍ବାଚନ ସରିବାର ବର୍ଷକ ପରେ ହିତାଧିକାରୀଙ୍କୁ ଅଯୋଗ୍ୟ କହି ୫ ହଜାର ଟଙ୍କା ଲେଖାଏ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ମାତ୍ର ଏବେ ସରକାର ମୁଣ୍ଡ ନୁଆଁଇଛନ୍ତି। ମୁଖ୍ୟ ବିରୋଧୀ ଦଳ ଭାବେ ଭାଜପା ବାରମ୍ବାର ଏହି ନିର୍ଦ୍ଦେଶନାମାକୁ ବିରୋଧ କରିବା ଏବଂ ଚାଷୀମାନଙ୍କ ଆକ୍ରୋଶ ପରେ ଏହାକୁ ସ୍ଥଗିତ ରଖିଛନ୍ତି ବୋଲି ପ୍ରଦୀପ୍ତ କହିଛନ୍ତି।


**OFFICE OF THE NOTIFIED AREA COUNCIL, JUNAGARH**
Phone No.: 06672-243247, E-mail ID: nacjunagarh@gmail.com
No.: 1264/NAC(J) Date: 10.08.20

**QUOTATION CALL NOTICE**

Quotation in sealed covers in plain paper are invited from different Cloth Merchants/Agency for supply of following articles to Junagarh NAC for the year 2020-21. The quotation along with GSTN will be received upt 3.00 P.M. on Dtd.20.08.2020 in specified tender box kept at NAC Office, Junagarh and the same will be opened at 3.30 P.M. in NAC Office, Junagarh in the same day in presence of the quotationer or their authorized representative who wish to remain present. The rate should be quotated inclusive all taxes. No quotation will be entertained beyond the period specified. The authrotity reserves the right to reject any or all quotation without assigning any reason thereto. The details can also be viewed from the website of NAC, Junagarh **www.junagarhnac.in**.

Sd./- Executive Officer, NAC, Junagarh



**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR-751002**
E-Mail: mdosscltd456@gmail.com, Website: http/www.osscltd.in

No. Mktg. 16, Date: 10.08.2020

**TENDER CALL NOTICE FOR DISPOSAL OF NON SEEDS DURING 2020-21**

**No. CAD-345:-** Sealed tenders are invited in prescribed format only from intending tenderers for disposal of non seeds available at Bhubaneswar, Berhampur, Bargarh, Bhawanipatna, Boudh and Jeypore Zones of OSSC Ltd, as per the details attached with the tender schedule. The tender papers and other details can be downloaded from the website of OSSC Ltd i.e. **www.osscltd.in** on any working day from 10.00 A.M to 5.30 P.M during the period from 12.08.2020 to 26.08.2020.

Sd./- Managing Director
OSSC Ltd, BBSR
OIPR-01045/11/0010/2021



**STATE SELECTION BOARD**
**DEPARTMENT OF HIGHER EDUCATION, BHUBANESWAR - 09**
**NOTICE**

No. SSB(EX) 04/2020/688/SSB Dated: 10.08.2020

**Advertisement No. 003/18**

No. N-21: The verification of original records and the Viva-voce test of all the candidates provisionally selected in Written Examination of subject Odia will be held tentatively from **24.08.2020 to 08.09.2020** in the Office of **State Selection Board, Unit - II, Ashok Nagar, Bhubaneswar - 9** as per the scheduled programme, which may be changed depending upon the prevailing situation by that time in view of COVID-19 epidemic. The candidates are required to reach at least 2 hours before their scheduled time of Viva voce i.e. for **1st Session before 08.30 A.M.** and for the **2nd Session before 12.30 P.M.** positively for verification of original records. **The candidates are required to submit all the documents in support of their candidature at the time of verification, otherwise their candidature will be treated as cancelled.** All the candidates are advised to visit the official website of SSB **(www.ssbodisha.nic.in)** regularly for detail informations.

**All the candidates are required to follow the Govt. guidelines regarding COVID-19 strictly. They are requested to bring their own pen, drinking water & hand sanitizer for their safety.**

By order of President
Sd./- Secretary
OIPR-11015/11/0007/2021



**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o. CDM & PHO, SUNDARGARH, DIST.- SUNDARGARH**

**Advertisement No. 2801/NHM, SNG** **Date: 07.08.2020**

No. E-173: Applications are invited from the contractual employees of NHM working in the same post under OSH & FW Society in other districts, desiring to be posted in Sundargarh district against the category of posts mentioned below.

| Sl. No. | Name of the Post | No. of Vacancy |
|---|---|---|
| 1 | BLOCK PROGRAMME MANAGER | 1 |
| 2 | CLINICAL PSYCHOLOGIST, NMHP | 1 |
| 3 | BLOCK DATA MANAGER / URBAN DATA MANAGER | 3 |
| 4 | DPC, RNTCP | 1 |
| 5 | LABORATORY ASSISTANT, DPHL | 1 |
| 6 | LABORATORY ATTENDANT, DPHL | 1 |
| 7 | AYUSH DOCTOR (CO-LOCATED CHC) AYURVEDIC | 3 |
| 8 | AYUSH DOCTOR (CO-LOCATED PHC) AYURVEDIC | 9 |
| 9 | AYUSH DOCTOR (CO-LOCATED PHC) HOMOEOPATHIC | 6 |
| 10 | AYUSH DOCTOR (FEMLAE), MHT (RBSK) BAMS | 8 |
| 11 | AYUSH DOCTOR (MLAE), MHT (RBSK) BAMS | 5 |
| 12 | AYSUH DOCTOR (FEMALE), MHT (RBSK) BHMS | 8 |
| 13 | AYUSH DOCTOR (MALE), MHT (RBSK) BHMS | 2 |
| 14 | PHARMCIST, MHT (RBSK) | 6 |
| 15 | STAFF NURSE, MHT (RBSK) | 3 |
| 16 | PADIATRIACIAN, DEIC | 2 |
| 17 | DENTIST, DEIC | 1 |
| 18 | OPTOMETRIST, DEIC | 1 |
| 19 | SPECIAL EDUCATOR, DEIC | 2 |
| 20 | DENTAL TECHNICIAN, DEIC | 1 |
| 21 | SOCIAL WORKER, DEIC | 1 |
| 22 | DEO, DEIC | 1 |
| 23 | DEO, IDSP | 1 |
| 24 | RMNCHA COUNSELLOR | 1 |
| 25 | DOCTOR - PATHOLOGIST | 1 |
| 26 | LT, MOBILE BLOOD SERVICE | 1 |
| 27 | COUNSELLOR CUM PUBLIC RELATION OFFICER, MOBILE BLOOD SERVICE | 1 |
| 28 | ATTENDANT, MOBILE BLOOD SERVICES | 1 |
| 29 | PROGRAMME OFFICER, NMHP | 1 |

Interested in-house candidates of NHM only are requested to apply in the prescribed format with NOC and experience certificate issued by concerned CDM & PHO. Selection shall be made on the highest length of incumbency under the society, as per reservation category applicable if any. The application format & other details can be obtained from the district website **www.sundergarh.nic.in** and the application should reach to the Office of the Chief District Medical & Public Health Officer, Sundargarh, PIN - 770001 by date 24.08.2020 upto (5.00 P.M.) through REGISTERED/SPEED POST only. Applications received after due date will not be considered. Vacancies shown above are provisional and subject to change during the time of appointment. Incomplete application in any form is liable for rejection. The undersigned reserves the right to accept/reject any application and modify/cancel the advertisement without assigning any reason thereof.

Sd./- Chief District Medical & Public Health Officer, Sundargarh
OIPR-10100/11/0009/2021



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।



A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
**ବାବା ଆମିଲ ସୁଫି**
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**GLOBAL FINANCE**
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

**ସରସ ଫାଇନାନ୍ସ**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**BDFC Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବ୍ୟବସ୍ଥା ଥାଇ ହୀନସ୍ତା

**ଅନୁଗୋଳ ଅଫିସ, ୧୦।୮**

ଶାରୀରିକ ଭିନ୍ନକ୍ଷମଙ୍କ ଭଳି ମାନସିକ ଭିନ୍ନକ୍ଷମଙ୍କ ପାଇଁ ମଧ୍ୟ ସରକାରୀ ଯୋଜନା ରହିଛି। ସେମାନଙ୍କୁ ଚିକିତ୍ସା କରାଇ ଆବଶ୍ୟକ ଥଇଥାନ ନିମନ୍ତେ ସରକାରୀସ୍ତରରେ ବ୍ୟବସ୍ଥା ଅଛି। ହେଲେ ଅନୁଗୋଳ ଜିଲାରେ ଉକ୍ତ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉନାହିଁ। ବରଂ ଏହି ମାନସିକ ଭିନ୍ନକ୍ଷମମାନଙ୍କ ଥଇଥାନ ପାଇଁ ଜିଲା ପ୍ରଶାସନ ସାମାଜିକର୍ମୀମାନଙ୍କ ଉପରେ ମାତ୍ରାଧିକ ନିର୍ଭର କରୁଛି। ଫଳରେ ଅନୁଗୋଳ ସହର ଓ ଆଖପାଖ ଅଞ୍ଚଳରେ ବୁଲୁଥିବା ମାନସିକ ରୋଗୀମାନେ ଅତି ପରିତ୍ୟକ୍ତ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ି ହୀନସ୍ତା ଭୋଗୁଛନ୍ତି।

ଅନୁଗୋଳ ସହର ଓ ଆଖପାଖ ଅଞ୍ଚଳରେ ଅନେକ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ରହିଛନ୍ତି। କାଣ୍ଡସରରେ ଏକ ଗଛ ତଳେ ଏପରି ଜଣେ ମହିଳା ରହୁଥିବା ବେଳେ ଖଲାରୀ ରଙ୍କେଇ ଠାକୁରାଣୀଙ୍କ ନିକଟରେ ଜଣେ, ହେମସୁରପଡ଼ା ମାଛ ମାର୍କେଟ ପାଖରେ ଦୁଇ ଜଣ ମହିଳା, ପଞ୍ଚମହଲା ଓ ହୁଲୁରିସିଂହା ଛକରେ ଦୁଇ ଜଣ ପୁରୁଷ ଦୀର୍ଘ ଦିନ ହେବ ବୁଲାବୁଲି କରୁଛନ୍ତି। କିନ୍ତୁ ଏମାନଙ୍କ ଚିକିତ୍ସା ଓ ଥଇଥାନ ପ୍ରତି ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦୃଷ୍ଟି ନାହିଁ। ମାନସିକ ଭିନ୍ନକ୍ଷମ, ନିର୍ଯାତିତା ତଥା ସ୍ୱାମୀ ପରିତ୍ୟକ୍ତା, ବିଧବା, ଅବିବାହିତା ମା, ଘରୋଇ ହିଂସାର ଶିକାର ମହିଳାମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଥଇଥାନ କରିବା ନିମନ୍ତେ ସରକାରୀସ୍ତରରେ ଯୋଜନା ରହିଛି। ଏପରି କି ଏହି ମହିଳା ଓ ପୁରୁଷଙ୍କୁ କାଉନ୍‌ସେଲିଂ କରାଯିବା ସହିତ ଆବଶ୍ୟକସ୍ଥଳେ ମାମଲା ଲଢ଼ିବାର ବ୍ୟବସ୍ଥା ମଧ୍ୟ ଅଛି। କିନ୍ତୁ ଅନୁଗୋଳ ଜିଲାରେ ମାନସିକ ଭିନ୍ନକ୍ଷମଙ୍କ ଥଇଥାନ ପାଇଁ ଏଯାଏ କୌଣସି ବ୍ୟବସ୍ଥା କାର୍ଯ୍ୟକାରୀ ହେଉନାହିଁ। ଏକ ବେସରକାରୀ ଆଶ୍ରୟ ଅନୁଷ୍ଠାନ କେବଳ ମହିଳାମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରୁଛି। ଜିଲା ପ୍ରଶାସନର ଏପରି ଆଭିମୁଖ୍ୟ ବିରୋଧରେ ବିଭିନ୍ନ ସମୟରେ ସାମାଜିକ କର୍ମୀମାନେ ସ୍ୱର ଉତ୍ତୋଳନ କରୁଥିଲେ ମଧ୍ୟ ସେମାନଙ୍କ କଥାକୁ କର୍ଣ୍ଣପାତ କରାଯାଉ ନାହିଁ। ଯଦି କୌଣସି ମାନସିକ ଭିନ୍ନକ୍ଷମଙ୍କୁ କାଉନସେଲିଂ କିମ୍ବା ଚିକିତ୍ସା ପାଇଁ ଅନ୍ୟ ଜିଲାକୁ ନିଆଯାଏ ପ୍ରଶାସନ କେବଳ ଗାଡ଼ି ଭଡ଼ା ଦେଇ ଦାୟିତ୍ୱ ଶେଷ କରିଦିଏ ବୋଲି ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମାନସିକ ଅନଗ୍ରସର ବା ଭିନ୍ନକ୍ଷମଙ୍କୁ ଥଇଥାନ ପାଇଁ ଯୋଜନା ରହିଛି। ହେଲେ ଅନୁଗୋଳ ଜିଲାରେ ସେମିତି କିଛି ବ୍ୟବସ୍ଥା ନାହିଁ। ଆଗାମୀ ଦିନରେ ଏ ଦିଗରେ ଦୃଷ୍ଟି ଦିଆଯିବ।




ଅନୁଗୋଳ ସହରରେ ବୁଲୁଥିବା ଦୁଇ ମାନସିକ ଭିନ୍ନକ୍ଷମ।

- ମାନସିକ ଭିନ୍ନକ୍ଷମଙ୍କ କଥା ଭୁଲିଯାଇଛି ପ୍ରଶାସନ
- ସରକାରୀ ଯୋଜନା ଜିଲାରେ କାର୍ଯ୍ୟକାରୀ ହେଉନି
- ସାମାଜିକ କର୍ମୀଙ୍କ ଉପରେ ଭରସା କରୁଛି ବିଭାଗ

### ଘରଟିଏ ଦେଉନି ପ୍ରଶାସନ



ମାନସିକ ଭିନ୍ନକ୍ଷମମାନଙ୍କ ଚିକିତ୍ସା ଓ ଥଇଥାନ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଛୁ। ଘରଟିଏ ମିଳିଲେ ଆମ ଆଡୁ ସବୁପ୍ରକାର ବ୍ୟବସ୍ଥା କରାଯିବ ବୋଲି ମଧ୍ୟ କହିଛୁ। କିନ୍ତୁ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ଉତ୍ତର ମିଳୁନାହିଁ।

**–କଲ୍ୟାଣ କିଶୋର ମହାନ୍ତି, ସାମାଜିକ କର୍ମୀ**

### ଉପଯୁକ୍ତ ଚିକିତ୍ସା କରାଯାଉ



ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ମାନସିକ ବିକାରଗ୍ରସ୍ତ ଲୋକେ ବୁଲୁଛନ୍ତି। ଥଇଥାନ କରାଯିବା ସହ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଗଲେ ସେମାନେ ସୁସ୍ଥ ହୋଇ ଘରକୁ ଫେରିବାର ସମ୍ଭାବନା ରହିଛି। ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ।

**–କାଞ୍ଚନ ସିଂ, ଅନୁଗୋଳ ବାସୀ**

### କାଉନସେଲିଂର ଅଭାବ ରହିଛି



ଜିଲାର ଅନେକ ସ୍ଥାନରେ ମାନସିକ ଭିନ୍ନକ୍ଷମ ଲୋକ ରହିଛନ୍ତି। ସେମାନଙ୍କ ମଧ୍ୟରେ ନିର୍ଯାତିତା ମହିଳା ମଧ୍ୟ ଅଛନ୍ତି। ହେଲେ ସେମାନଙ୍କୁ କାଉନସେଲିଂ କରିବାକୁ କୌଣସି ସୁବିଧା ନାହିଁ। ମେଡିକାଲରେ ମଧ୍ୟ ଠିକ୍ ଚିକିତ୍ସା ମିଳୁନି।

**–ସରିତା ମିଶ୍ର, ସହରବାସୀ**

### ରହିବା, ଖାଇବାର ବ୍ୟବସ୍ଥା ହେଉ



ମାନସିକ ଭିନ୍ନକ୍ଷମଙ୍କ ରହିବା, ଖାଇବା ବ୍ୟବସ୍ଥା କରାଯାଉ। ଏହା ଜିଲାର ଗୌରବ ବଢାଇବା ସହ ଅନ୍ୟ ଜିଲା ପାଇଁ ଆଦର୍ଶ ହେବ। ସେମାନଙ୍କୁ ଚିକିତ୍ସା କରାଯିବା ସହ ଯେପରି କେଉଁଆଡେ ଚାଲି ନ ଯାଆନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ।

**–ପପୁନ ଦଳବେହେରା, ସହରବାସୀ**

## ଏଟିଏମ୍‌ରୁ ପୁଣି ଲୁଟ୍



**ଅନୁଗୋଳ ଅଫିସ, ୧୦।୮**

ଅନୁଗୋଳ କରଡାଗାଡିଆଠାରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଶନିବାର ବିଳମ୍ବିତ ରାତିରେ ୨୭ ଲକ୍ଷ ୯୦ ହଜାର ଟଙ୍କା ଲୁଟ୍ ଘଟଣାରେ ଦୁର୍ବୃତ୍ତମାନେ ଧରା ପଡି ନ ଥିବାବେଳେ ରବିବାର ରାତିରେ ଅମଲାପଡ଼ାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌ରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅନୁଗୋଳ ଥାନାରେ ନଂ. ୯୨୫/୨୦ରେ ମାମଲା ରୁଜୁ କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟରୁ ଦେଢ଼ ଶହ ମିଟର ଦୂରରେ ଥିବା ଏହି ଏଟିଏମ୍‌କୁ ଗ୍ୟାସ୍ କଟରରେ କଟାଯାଇଥିବା ସୋମବାର ସକାଳେ ଜଣାପଡିଥିଲା। ତେବେ କେତେ ଟଙ୍କା ଲୁଟ୍ ହୋଇଛି ସେ ନେଇ ଯାଞ୍ଚ ପରେ ଜଣାପଡିବ ବୋଲି ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝି କହିଛନ୍ତି। ଅନ୍ୟପକ୍ଷରେ ଶନିବାର ଲୁଟ୍ ଘଟଣାର ତଦନ୍ତ ପାଇଁ ୩ଟି ଟିମ୍ ଗଠନ କରାଯାଇଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଲୁଟ୍‌ରେ ବ୍ୟବହୃତ ଏକ ବାଇକ୍‌କୁ ହଣ୍ଡପା ଥାନା ବାମୁର ନିକଟରୁ ଠାବ କରାଯାଇଥିବା ପୋଲିସ କହିଛି।

## ସଂକ୍ଷେପରେ

### ଷ୍ଟାଫ୍‌ନର୍ସ ନିଲମ୍ବିତ, ଡାକ୍ତରଙ୍କୁ ନୋଟିସ

**ଢେଙ୍କାନାଳ ଅଫିସ,୧୦।୮:** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସା ଅବହେଳାରୁ ଏକ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ଶେଷ ହୋଇଛି। ଅଭିଯୁକ୍ତା ଷ୍ଟାଫ୍‌ନର୍ସ ନଳିନୀପ୍ରଭା ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ଅଭିଯୁକ୍ତ ଡାକ୍ତର ପି.କେ. କରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ସୋମବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ କରିବା ପାଇଁ ଏକ କମିଟି ଗଠନ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି।

### ପାଣି ପାଇଁ ପଞ୍ଚାୟତ ଘେରାଉ

**ପାଲଲହଡ଼ା, ୧୦।୮(ଡି.ଏନ.ଏ.):** ପାନୀୟ ଜଳ ଯୋଗାଇଦେବା ଦାବିରେ ପାଲଲହଡ଼ା ବ୍ଲକ ଡିମିରିଆ ପଞ୍ଚାୟତର ମହିଳା ପୁରୁଷ ସୋମବାର ପଞ୍ଚାୟତ ଅଫିସ୍‌ରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପଞ୍ଚାୟତର ୩ ନମ୍ବର ୱାର୍ଡରେ ଦୀର୍ଘ ଦିନ ହେଲା ପାଣି ସମସ୍ୟା ଲାଗିରହିଥିଲେ ମଧ ଏହାର ସମାଧାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସରପଞ୍ଚ, ବିଡିଓ ପ୍ରମୁଖଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ନ ଶୁଣିବାରୁ ୱାର୍ଡର ମହିଳାମାନେ ଗରା, ବାଲ୍‌ଟି ଧରି ଅଫିସ୍ ଘେରାଉ କରିବା ସହ ସେଠାରେ ତାଲା ପକାଇଦେଇଥିଲେ। ସରପଞ୍ଚ ରୁକ୍ମିଣୀ ସାହୁ ବିଡିଓଙ୍କ ସହ ଏ ନେଇ କଥା ହୋଇ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

### ସମବାୟ ସମିତିରେ ତାଲା

**ଛେଣ୍ଡିପଦା,୧୦।୮(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଚାଙ୍ଗୁଡିଆ ସମବାୟ ସମିତିରେ ସାର, ବିହନ ସହ ଋଣ ଯୋଗାଯାଉ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୋମବାର ସ୍ଥାନୀୟ ଚାଷୀମାନେ ସମିତିରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ସମିତିରେ ସଭ୍ୟ ଥିବା ପ୍ରାୟ ୫୫୦ ଚାଷୀଙ୍କ ମଧ୍ୟରୁ ମାତ୍ର ୨୨୦ ଜଣଙ୍କ ଋଣ ନବୀକରଣ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଋଣ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅଧିକାଂଶ ସମୟରେ ସମିତି କର୍ତ୍ତୃପକ୍ଷ ଆସୁ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଏ ନେଇ ଭାରପ୍ରାପ୍ତ ସମ୍ପାଦକ ସୁବାସ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଫୋନ ନ ଉଠାଇବାରୁ ମତାମତ ମିଳିପାରିନାହିଁ। ସଂଯୁକ୍ତ ସମବାୟ ସମିତିର ଶାଖା ପରିଚାଳକ ବସନ୍ତ କୁମାର ପ୍ରଧାନ କୁହନ୍ତି, ତାଲା ପଡିଥିବା ନେଇ ତାଙ୍କ ପାଖରେ ଖବର ନାହିଁ। କୌଣସି ଚାଷୀ ଅଭିଯୋଗ କରି ନାହାନ୍ତି। ବୁଧବାର ଏହାର ତଦନ୍ତ କରାଯିବ।

### ୪ ଜଣରେ ହେବ ଦୁର୍ଗାପୂଜା ମାଟି ଅନୁକୂଳ

**ଅନୁଗୋଳ ଅଫିସ୍, ୧୦।୮:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ ନିମନ୍ତେ ସୋମବାର କେନ୍ଦ୍ରୀୟ ପୂଜା କମିଟିର ଏକ ପ୍ରତିନିଧି ଦଳ ସଭାପତି ଅକ୍ଷୟ କୁମାର ସାମନ୍ତଙ୍କ ସହ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ସାକ୍ଷାତ କରିଛନ୍ତି। ୧୨ ତାରିଖରେ ବେଲବରଣ କରାଯାଇ ଗଛ ମୂଳରୁ ମାଟି ସଂଗ୍ରହ କରାଯିବ। ଏଥିରେ ସମ୍ପୃକ୍ତ ପୂଜା କମିଟିର ୪ ଜଣ ସଦସ୍ୟ ଉପସ୍ଥିତ ରହିବେ। ଏହି ସମୟରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରୀୟ ପୂଜା କମିଟିର ଅକ୍ଷୟ ଦାସ, କିଶୋର କର, ଦିଲୀପ କୁମାର ପ୍ରଧାନ ଓ ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୪ ଚିହ୍ନଟ, ୧୧ ସୁସ୍ଥ

**ଅନୁଗୋଳ ଅଫିସ୍, ୧୦।୮:** ଅନୁଗୋଳ ଜିଲାରୁ ସୋମବାର ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନୁଗୋଳ ପୌରାଞ୍ଚଳରୁ ୨ ଜଣ, ବଣ୍ଟରପାଳ ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ ବାହାରିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୪୩୧ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ୧୧ ଜଣ ସୁସ୍ଥ ହୋଇଥିବାବେଳେ ସେମାନଙ୍କୁ ଘରେ ଆଇସୋଲେଶନ୍‌ରେ ରହିବାକୁ କୁହାଯାଇଛି। ଜିଲାରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୩୩୦ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ହିରୋ ଏକ୍ସଟ୍ରିମ୍ ୧୬୦-ଆର୍ ବଜାର ପ୍ରବେଶ



ଢେଙ୍କାନାଳ ସୋମ୍ ଅଟୋ ପକ୍ଷରୁ ହିରୋ ଏକ୍ସଟ୍ରିମ୍ ୧୬୦-ଆର୍ ବଜାର ପ୍ରବେଶ।

**ଢେଙ୍କାନାଳ ଅଫିସ,୧୦।୮**

ଢେଙ୍କାନାଳ ସହର କୁଞ୍ଜକାନ୍ତଠାରେ ଥିବା ସୋମ୍ ଅଟୋରେ ସୋମବାର ମଧ୍ୟାହ୍ନରେ ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ଲିମିଟେଡ୍ ପକ୍ଷରୁ ହିରୋ ଏକ୍ସଟ୍ରିମ୍ ୧୬୦-ଆର୍ ବାଇକ୍‌ର ବଜାର ପ୍ରବେଶ ହୋଇଛି। ସୋମ୍ ଅଟୋର ସ୍ୱତ୍ତ୍ୱାଧିକାରୀ ହର୍ଷବର୍ଦ୍ଧନ ସିଂହଦେଓ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ନୂଆ ଲୁକ୍, ଅତ୍ୟାଧୁନିକ ଇଞ୍ଜିନ ସହିତ ଆସିଥିବା ଏହି ବହୁ ପ୍ରତୀକ୍ଷିତ ମଡେଲ ସମସ୍ତ ଶ୍ରେଣୀର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ସ୍ୱତ୍ତ୍ୱାଧିକାରୀ ସିଂହଦେଓ କହିଥିଲେ। ଗାଡିର ବୈଶିଷ୍ଟ୍ୟ ଓ ଉପାଦେୟତା ବିଷୟରେ ଶୋ'ରୁମ ମ୍ୟାନେଜର ଚନ୍ଦନ ନନ୍ଦ ସୂଚନା ଦେଇଥିଲେ। ଏହି ଅବସରରେ କମ୍ପାନୀର ସିନିୟର ମ୍ୟାନେଜର, ଟେରିଟୋରି ସେଲ୍ସ ମ୍ୟାନେଜରଙ୍କ ସମେତ ଶୋ'ରୁମ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ନିଯୁକ୍ତି ରଦ୍ଦ ନ ହେଲେ ଆନ୍ଦୋଳନ

**ହିନ୍ଦୋଳ,୧୦।୮(ଡି.ଏନ.ଏ.)**

ହିନ୍ଦୋଳ ଏନଏସିରେ ନିଯୁକ୍ତି ପାଇଥିବା ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କ ପଦବୀ ରଦ୍ଦ କରିବାକୁ ୧୨ କାଉନସିଲର ଦାବି କରିଛନ୍ତି। ଏ ନେଇ ଗତ ବୁଧବାର ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ପରେ ସୋମବାର ଏହାର ସମାଧାନ ପାଇଁ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପୂରଣ ହୋଇ ନ ଥିବା ଅଭିଯୋଗ କରି କାଉନସିଲରମାନେ ସୋମବାର ଉପଜିଲାପାଳଙ୍କ ସମେତ ବିଧାୟିକା, ତହସିଲଦାର, ହିନ୍ଦୋଳ ଥାନାଧିକାରୀ ଏବଂ ଅଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ବେଆଇନ ଭାବେ ହୋଇଥିବା ଏହି ନିଯୁକ୍ତି ରଦ୍ଦ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଉପାଧ୍ୟକ୍ଷ ଟିମା ବେହେରା, କାଉନସିଲର ରମେଶ ସାହୁ, ବସୁମତି ସାହୁ, ରଶ୍ମିତା ସାହୁ, ଲବଙ୍ଗ ଦେଇ, ଏନାତୁଲା ଖାଁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବାକୁ ପଦକ୍ଷେପ



ନଦୀ ଉପରେ ଟଣା ଯାଇଥିବା ତାର ଉଠାଇବାକୁ ଆସିଥିବା ବିଦ୍ୟୁତ୍ କର୍ମଚାରୀମାନେ।

- ୫ ମିଟର ଉପରକୁ ଉଠାଗଲା ତାର
- ମାସେ ମଧ୍ୟରେ ଶେଷ ହେବ କାମ

**ପାଲଲହଡ଼ା, ୧୦।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି। ଏ ନେଇ ଶନିବାର ସ୍ଥାନୀୟ ବିଧାୟକ ମୁକେଶ କୁମାର ପାଳଙ୍କ ନେତୃତ୍ୱରେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ)ର ବୈଷୟିକ ଅଧିକାରୀ ପରବିନ ବର୍ମା, ମ୍ୟାନେଜର ନିହାର ରଞ୍ଜନ ପାଣିଗ୍ରାହୀ ଏବଂ ଉପଖଣ୍ଡ ବିଦ୍ୟୁତ୍ ଅଧିକାରୀ ଅକ୍ଷୟ କୁମାର ସାହୁ ଦେବଗଡ ଜିଲା ବାରକୋଟ ଗ୍ରୀଡ୍‌କୁ ଯାଇ ଆଲୋଚନା କରିବା ପରେ କାମ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ ଯେ, ୨୦୧୨ରୁ ବାରକୋଟ୍ ଗ୍ରୀଡ୍‌ରୁ ପାଲଲହଡ଼ାକୁ ସଂଯୋଗ ଦିଆଯାଇଥିଲେ ମଧ୍ୟ ବ୍ରାହ୍ମଣୀ ନଦୀ ଉପର ଦେଇ ଟଣା ଯାଇଥିବା ତାର ବର୍ଷାଦିନେ ବୁଡ଼ିଯାଉଥିବାରୁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିଲା। ଏ ନେଇ ବିଧାୟକଙ୍କ ଉଦ୍ୟମ ପରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାରକୁ ୫ ମିଟର ଉପରକୁ ଉଠାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆଉ ଦିନେ ଦୁଇ ଦିନ ମଧ୍ୟରେ ପାଲଲହଡ଼ାକୁ ଏହି ଗ୍ରୀଡ୍‌ରୁ ବିଦ୍ୟୁତ୍ ଯୋଗାଇ ଦିଆଯିବ।

## ବଢ଼ିଲା ବଡ଼କମର-ଖଡ଼ଗପ୍ରସାଦ ସେତୁ ଆଶା



ପ୍ରସ୍ତାବିତ ସେତୁ ସ୍ଥାନକୁ ଅଧିକାରୀମାନେ ପରିଦର୍ଶନ କରୁଛନ୍ତି।

**ପରଜଙ୍ଗ, ୧୦।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସହ ଓଡ଼ାପଡ଼ା ବ୍ଲକକୁ ସିଧାସଳଖ ଯୋଡିବାକୁ ବ୍ରାହ୍ମଣୀ ନଦୀ ଉପରେ ସେତୁଟିଏ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ୨୦୧୮-୧୯ ବର୍ଷରେ ଦୁଇଥର ଏଥିପାଇଁ ପ୍ରସ୍ତାବ ପଠାଯାଇଥିଲେ ମଧ ନାବାର୍ଡର ଅନୁମୋଦନ ଅଭାବରୁ ସେତୁ ଅନିଶ୍ଚିତତାରେ ଥିବା ନେଇ 'ଧରିତ୍ରୀ'ରେ ଗତ ମାସ ୧୪ ତାରିଖରେ ଖବର ପ୍ରକାଶ ପାଇଥିଲା। ଏହାପରେ ଏ ଦିଗରେ ତତ୍ପରତା ଦେଖାଦେଇଛି। ସୋମବାର ବଡ଼କମରଠାରେ ପ୍ରସ୍ତାବିତ ସେତୁ ସ୍ଥାନକୁ ନାବାର୍ଡ ଡିଜିଏମ୍ ସଞ୍ଜୀବ ମିଶ୍ର, ଗୋଲଖ ବିହାରୀ କର, ଡିଜାଇନର ଗୟାଧର ସାହୁ, ପୂର୍ତ୍ତ ବିଭାଗ ଏସି ଦିଗାମ୍ବର ବିଶ୍ୱାଳ, ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ, ନିବେଶ କୁମାର ମାଝି ପ୍ରମୁଖ ପରିଦର୍ଶନ କରିଛନ୍ତି। ଏହି ସେତୁ ନିର୍ମାଣ ହେଲେ ୫୫ ଓ ୫୩ ନମ୍ବର ଜାତୀୟ ରାଜପଥ ମଧ୍ୟରେ ସଂଯୋଗ ସହ ଢେଙ୍କାନାଳ ସଦର ମହକୁମାରୁ ଓଡ଼ପଡ଼ା ଦେଇ ପରଜଙ୍ଗକୁ ଉନ୍ନତ ମାର୍ଗ ଖୋଲିପାରିବ। ଢେଙ୍କାନାଳରୁ ପରଜଙ୍ଗ ରାସ୍ତା ୨୫ କିମି ହ୍ରାସ ପାଇପାରିବ।

**'ଧରିତ୍ରୀ' ପ୍ରଭାବ**

- ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କଲେ ନାବାର୍ଡ ଅଧିକାରୀ
- ନିର୍ମାଣ ହେଲେ ଯୋଡ଼ିହେବ ପରଜଙ୍ଗ-ଓଡ଼ାପଡ଼ା ବ୍ଲକ
- ୨୫ କିମି ହ୍ରାସ ପାଇବ ଢେଙ୍କାନାଳ-ପରଜଙ୍ଗ ରାସ୍ତା

## ଦିନକରେ ଶହେ ଡେଇଁଗଲା ସଂଖ୍ୟା

**ଢେଙ୍କାନାଳ ଅଫିସ,୧୦।୮**

- ୯୦ ପଜିଟିଭ୍ ସହ ଚିନ୍ତା ବଢ଼ାଇଲା ଭୁବନ ଏନ୍‌ଏସି
- ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ସୂଚନା
- ଜିଲାରେ ସୁସ୍ଥ ହେଲେ ଆଉ ୧୦ ଜଣ

ଢେଙ୍କାନାଳ ଜିଲାରେ ସୋମବାର ଗୋଟିଏ ଦିନରେ ୧୦୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କେବଳ ଭୁବନ ଏନ୍‌ଏସିରୁ ୯୦ ସଂକ୍ରମିତ ବାହାରିବା ଜିଲା ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ସେହିପରି ଭୁବନ ବ୍ଲକ ଅଞ୍ଚଳରୁ ୯ଜଣ, ଓଡାପଡା ବ୍ଲକରୁ ଜଣେ ଓ ଭୁବନେଶ୍ୱର ଏମ୍‌ସ ହସପିଟାଲରୁ ୭ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଏଥିସହ ଭୁବନ ଏନ୍‌ଏସିକୁ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଶଟ୍‌ଡାଉନ ଘୋଷଣା କରିଛନ୍ତି।

ଭୁବନ ଏନ୍‌ଏସିର ୯୦ଜଣଙ୍କ ମଧ୍ୟରୁ ଜଣେ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଣ୍ଟିଜେନ୍ ଟେଷ୍ଟ ଦ୍ୱାରା ଚିହ୍ନଟ ହୋଇଛନ୍ତି। ଅନ୍ୟ ୮୮ଜଣ ଆକ୍ରାନ୍ତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁ କଣ୍ଟାକ୍ଟ ଟ୍ରେସିଂ ଦ୍ୱାରା ଚିହ୍ନଟ ହୋଇଛନ୍ତି। ସେହିପରି ଭୁବନ ବ୍ଲକର ଦର୍ଜନୀ ସଙ୍ଗରୋଧ କେନ୍ଦ୍ରରୁ ଜଣେ, ସୁରପ୍ରତାପପୁର ସଙ୍ଗରୋଧ କେନ୍ଦ୍ରରୁ ଜଣେ, ଚାନ୍ଦପୁର ସଙ୍ଗରୋଧ କେନ୍ଦ୍ରରୁ ଜଣେ, ମୃଦଙ୍ଗାରୁ ୪, ଜିନେଇଲରୁ ଜଣେ ଓ ବେଢାପାଳ ଗ୍ରାମରୁ ଜଣେ ପଜିଟିଭ୍ ବାହାରିଛନ୍ତି। ଓଡାପଡା ବ୍ଲକର ବଉଳପୁର ଗ୍ରାମର ଜଣେ ବ୍ୟକ୍ତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଣ୍ଟିଜେନ୍ ଟେଷ୍ଟ ଦ୍ୱାରା ଓ ଅନ୍ୟ ୭ଜଣ ବିଭିନ୍ନ ଚିକିତ୍ସାଳୟରେ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କୋଭିଡ କେୟାର ହେଲଥ୍ ସେଣ୍ଟରକୁ ପଠାଯାଇଛି। ଏହି ୧୦୭ ନୂଆ ସଂକ୍ରମିତଙ୍କୁ ମିଶାଇ ଢେଙ୍କାନାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୬୫ରେ ପହଞ୍ଚିଛି। ସେହିପରି ସୋମବାର ୧୦ଜଣଙ୍କୁ ମିଶାଇ ମୋଟ୍ ୩୫୧ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟଠାରେ ଜିଲାପାଳ କରୋନା ପରିସ୍ଥିତି ସମ୍ପର୍କରେ ଭିଡିଓ କନଫରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ଜିଲାର ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀଙ୍କ ସହିତ ଏହି ଆଲୋଚନା କରିଥିଲେ। କଣ୍ଟାକ୍ଟ ଟ୍ରେସିଂ, ଟେଷ୍ଟିଂ ସହିତ ଭୁବନ ଏନ୍‌ଏସି ଅଞ୍ଚଳରେ ସଂକ୍ରମଣକୁ ନଜରରେ ରଖି ଏହି ସମୀକ୍ଷା କରାଯାଇଥିଲା।

## ୭୨ ଘଣ୍ଟା ଶଟ୍‌ଡାଉନ, ଓପିଡି ବନ୍ଦ

**ଭୁବନ, ୧୦।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନଏସିକୁ ମଙ୍ଗଳବାରଠାରୁ ୭୨ ଘଣ୍ଟିଆ ଶଟ୍‌ଡାଉନ ଘୋଷଣା କରାଯାଇଛି। ପୂର୍ବରୁ ଭୁବନ ନୂଆବଜାର ମଧ୍ୟରେ ଥିବା ଦୈନିକ ପରିବା ମାର୍କେଟକୁ ଯାତ୍ରା ପଡିଆକୁ ସ୍ଥାନାନ୍ତର କରାଯାଇଛି। ଲୋକେ କଟକଣା ମାନି ସହଯୋଗ କରିବାକୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାରଠାରୁ ଓପିଡି ବନ୍ଦ କରାଯାଇଛି। ଡାକ୍ତରମାନେ ଦୁଇଟି ସ୍ଥାନରେ ରୋଗୀଙ୍କ ସମସ୍ୟା ଶୁଣି ଔଷଧ ବିତରଣ କରୁଛନ୍ତି। ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ସମସ୍ତ ସୁବିଧା କରାଯିବ ବୋଲି ଭୁବନ ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ରମେଶ ଚନ୍ଦ୍ର ସାହୁ କହିଛନ୍ତି।



ଯାତ୍ରା ପଡିଆକୁ ସ୍ଥାନାନ୍ତର ହୋଇଥିବା ପରିବା ମାର୍କେଟ।

**ସଂକ୍ଷେପରେ**

## ଦେବାଳିଆ ସଂସ୍ଥାଙ୍କଠୁ ଆଦାୟ ହେବ ଏଜିଆର୍ ଦେୟ



**ନୂଆଦିଲ୍ଲୀ,୧୦।୮:** ଦେବାଳିଆ ସ୍ଥିତିକୁ ଚାଲିଯାଇଥିବା ଟେଲିକମ୍ କମ୍ପାନୀଗୁଡିକ ଉପରେ ରହିଥିବା ଆଡଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ(ଏଜିଆର୍)ର ବକେୟା ଅର୍ଥ ଆଦାୟ କରାଯିବ। ଏହି ଅର୍ଥକୁ ଆଦାୟ କରିବା ଲାଗି ଏକ ବିସ୍ତୃତ ଯୋଜନା ଆଣିବାକୁ ସୁପ୍ରିମକୋର୍ଟ ସୋମବାର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ଉପରେ ସୁପ୍ରିମକୋର୍ଟ ବର୍ତ୍ତମାନ ଶୁଣାଣି କରୁଥିବା ବେଳେ ଏଭଳି ନିର୍ଦ୍ଦେଶ ସରକାରଙ୍କୁ ଦେଇଥିବା ଜଣାପଡିଛି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୪ରେ ହେବ। ସରକାର ହୁଏତ ଏଜିଆର ଦେୟ ଆଦାୟ କରିବାକୁ ସକ୍ଷମ ହେବେ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଅନୁଭବ କରିଛନ୍ତି। କାରଣ ରିଲାଏନ୍ସ କମ୍ୟୁନିକେଶନ, ଏୟାରସେଲ ଏବଂ ଭିଡିଓକନ କମ୍ୟୁନିକେଶନ ଭଳି କମ୍ପାନୀ ବର୍ତ୍ତମାନ ଇନ୍‌ସଲଭେନ୍ସି ଧାରା ଦେଇ ଗତି କରୁଛନ୍ତି। ଜଷ୍ଟିସ ଅରୁଣ ମିଶ୍ର, ଜଷ୍ଟିସ ଏ.ଅବଦୁଲ ନାଜିର ଏବଂ ଜଷ୍ଟିସ ଏମ୍.ଆର୍.ଶାହା ଏହି ମାମଲା ଉପରେ ଶୁଣାଣି କରୁଛନ୍ତି। ଜୁଲାଇ ୨୦ ହୋଇଥିବା ଶୁଣାଣିରେ ସର୍ବୋଚ୍ଚ ନ୍ୟାୟାଳୟ ଇନ୍‌ସଲଭେନ୍ସିକୁ ଚାଲିଯାଇଥିବା କମ୍ପାନୀଗୁଡିକ ବିସ୍ତୃତ ରିପୋର୍ଟ ଟେଲିକମ୍ ମନ୍ତ୍ରଣାଳୟର ଟେଲିକମ୍ ବିଭାଗକୁ ମାଗିଥିଲେ। ଏହି କମ୍ପାନୀଗୁଡିକ ଉପରେ ୩୮,୯୬୪ କୋଟି ଟଙ୍କା ବକେୟା ରହିଛି। ସେହିଭଳି ଭୋଡାଫୋନ-ଆଇଡିଆଇ, ଟାଟା ଟେଲି ସର୍ଭିସେସ୍ ଏବଂ ଏୟାରଟେଲ ଭଳି କମ୍ପାନୀଗୁଡିକ ଦେୟ ପ୍ରଦାନ ମାମଲାର ଶୁଣାଣିକୁ ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷିତ ରଖିଛନ୍ତି। ଟେଲିକମ୍ କମ୍ପାନୀଗୁଡିକ କେତେ ସମୟ ମଧ୍ୟରେ ଦେୟ ପଇଠ କରିବେ ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୀମା ଜାରି ହୋଇ ନ ଥିବା ଜଣାପଡିଛି।

# ୪୦% ଖସିଲା ଯାନ ବିକ୍ରି

**ଭୁବନେଶ୍ୱର,୧୦।୮**



■ଦୁଇ ଚକିଆ ବିକ୍ରି ୪୦.୭୪% କମିଛି
■ଯାତ୍ରିବାହୀ ଯାନ ବିକ୍ରି ୨୮.୨୪% ହ୍ରାସ, ଟ୍ରାକ୍ଟର ବିକ୍ରି ବଢ଼ିଛି

କରୋନା ଯୋଗୁ ଅଟୋମୋବାଇଲ ବଜାର ପ୍ରଭାବିତ ସ୍ଥିତିରେ ରହିଛି। ଲଗାତର ଭାବେ ବିକ୍ରି ହ୍ରାସ ହେଉଥିବା ବେଳେ ଜୁଲାଇ ମାସରେ ମଧ୍ୟ ଯାନ ବିକ୍ରି କମିଥିବା ନଜରକୁ ଆସିଛି। ଏହି ସମୟରେ ବିଭିନ୍ନ କମ୍ପାନୀଗୁଡିକର ଓଡିଶାରେ ୩୮,୭୩୦ ୟୁନିଟ ଯାନ ବିକ୍ରି ହୋଇଛି। ଗତବର୍ଷ ଜୁଲାଇରେ କମ୍ପାନୀଗୁଡିକ ୬୫,୨୦୦ ୟୁନିଟ ଯାନ ବିକ୍ରି ଥିବା ବେଳେ ଚଳିତ ବର୍ଷ ଜୁଲାଇରେ ଯାନ ବିକ୍ରି ୪୦.୬୦% ହ୍ରାସ ଘଟିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଏଫ୍ଏଡିଏ) ପକ୍ଷରୁ ସୂଚନା ମିଳିଛି। ୨୦୨୦ ଜୁଲାଇରେ ୨ ଚକିଆ ବର୍ଗରେ ୩୨,୪୦୫ ୟୁନିଟ ଯାନ ବିକ୍ରି ହୋଇଛି। ଗତ ବର୍ଷ ଏହା ୫୪,୬୮୦ ୟୁନିଟ ରହିଥିଲା। ଏଥିରେ ୪୦.୭୪% ହ୍ରାସ ହୋଇଛି। ସେହିଭଳି ୩ ଚକିଆ ବର୍ଗରେ ୫୧୧ ୟୁନିଟ, ବାଣିଜ୍ୟିକ ଯାନ ବର୍ଗରେ ୮୫୪ ୟୁନିଟ, ଯାତ୍ରୀବାହି ଯାନ ବର୍ଗରେ ୨୯୯୮ ୟୁନିଟ ଏବଂ ଟ୍ରାକ୍ଟର ବର୍ଗରେ ୧୯୬୨ ୟୁନିଟ ଯାନ ବିକ୍ରି ହୋଇଛି। ଗତ ବର୍ଷ ଜୁଲାଇରେ ଏହି ବର୍ଗ ଗୁଡିକରେ ଯଥାକ୍ରମେ ୧୮୬୭ୟୁନିଟ, ୨୭୮୩ ୟୁନିଟ, ୪୧୭୮ ୟୁନିଟ ଏବଂ ୧୬୯୨ ୟୁନିଟ ଯାନ ବିକ୍ରି ହୋଇଛି। ଚଳିତ ବର୍ଷ ଜୁଲାଇ ମାସରେ ରାଜ୍ୟରେ ୩ଚକିଆ ବିକ୍ରି ୭୨.୬୩% ଖସିଥିବା ବେଳେ ବାଣିଜ୍ୟିକ ଯାନ ୬୯.୩୧%, ଯାତ୍ରୀବାହି ଯାନ ୨୮.୨୪% ଖସିଥିବା ବେଳେ ଟ୍ରାକ୍ଟର ବିକ୍ରି ୧୫.୬୪% ବଢିଥିବା ଜଣାପଡିଛି।

ଚଳିତ ବର୍ଷ ଜୁଲାଇ ମାସରେ ଦେଶ ମଧ୍ୟରେ ଯାତ୍ରୀବାହୀ ଯାନ ବିକ୍ରି ୨୫.୧୯% ହ୍ରାସ ଘଟିଛି। ଗତ ବର୍ଷ ଏହି ସମୟରେ ୨.୧୦ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ସମାନ ସମୟରେ ଏହା ୧.୫୭ ଲକ୍ଷ ୟୁନିଟକୁ ହ୍ରାସ ଘଟିଛି। ଦୁଇଚକିଆ ଯାନ ବିକ୍ରି ୩୭.୪୭% ଖସିଥିବା ବେଳେ ଏହା ୮.୪୭ ଲକ୍ଷ ୟୁନିଟ ରହିଛି। ଗତ ବର୍ଷ ଜୁଲାଇରେ ୧୩.୯୮ ଲକ୍ଷ ଦୁଇଚକିଆ ଯାନ ବିକ୍ରି କରିବାକୁ କମ୍ପାନୀଗୁଡିକ ସକ୍ଷମ ହୋଇଥିଲେ। ମୋଟ ୨ ଚକିଆ ଯାନ ବିକ୍ରି ପଞ୍ଜୀକରଣ ୩୬.୨୭% ହ୍ରାସ ଘଟି ୧୧.୪୧ ଲକ୍ଷ ରହିଥିବା ଜଣାପଡ଼ିଛି। ଗୋଟିଏ ବର୍ଷ ସମାନ ସମୟରେ ଏହା ୧୭.୯୦ ଲକ୍ଷ ୟୁନିଟ ଥିଲା। ଜୁଲାଇ ମାସରେ କେବଳ ଟ୍ରାକ୍ଟର ବିକ୍ରି ୩୭.୨୪% ବଢିଛି। ଚଳିତ ବର୍ଷ ଅଟୋମୋବାଇଲ ବଜାର ନକାରାତ୍ମକ ରହିବ ବୋଲି ଅଟୋ ଡିଲରମାନେ ପୂର୍ବାନୁମାନ କରିଛନ୍ତି। ବିଭିନ୍ନ ସେଗ୍‌ମେଣ୍ଟରେ ଯାନ ବିକ୍ରି ପ୍ରାୟ ୧୫ରୁ ୩୫% ନିମ୍ନରେ ରହିବ ବୋଲି ଏହି ପରିପ୍ରେକ୍ଷୀରେ ଫାଡା ସଭାପତି ଆଶିଷ ହର୍ଷରାଜ କାଲେ କହିଛନ୍ତି। କେବଳ ଟ୍ରାକ୍ଟର ବିକ୍ରି ଉନ୍ନତ ସ୍ଥିତିରେ ରହିବା ନେଇ ଆଶା କରାଯାଉଛି।

## ହୋଣ୍ଡା ଟୁହ୍ୱିଲର୍ସର ନୂଆ ସ୍ପୋର୍ଟସ ମଡେଲ





**ଭୁବନେଶ୍ୱର,୧୦।୮**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏହାର ନୂଆ ମଡେଲ ୨୦୨୦ ସିବିଆର୍ ୧୦୦୦ ଆର୍ଆର- ଆର୍ ଫାୟାରବ୍ଲେଡ୍ ଓ ଫ୍ଲାୟାର ବ୍ଲେଡ୍ ଏସ୍‌ପିର ବୁକିଂ ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସୁପର ସ୍ପୋର୍ଟସ ବର୍ଗରେ କମ୍ପାନୀ ଏହି ଦୁଇ ଶକ୍ତିଶାଳୀ ବାଇକ ଆଣିଛି। ଭାରତରେ କମ୍ପ୍ଲିଟ୍ ବିଲ୍‌ଟ ଅପ୍ ରୁଟ୍‌ରେ ଏହି ୨ ବାଇକ ଭାରତ ବଜାରରେ ଉପସ୍ଥାପନ କରାଯାଇଛି। କମ୍ପାନୀର ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ଫାୟାରବ୍ଲେଡ୍। ଫାୟାରବ୍ଲେଡ୍ ଏସ୍‌ପିରେ ଦ୍ୱିତୀୟ ପିଢ଼ିର ଓହଲିନ ସ୍ମାର୍ଟ ଇଲେକଟ୍ରୋନିକ୍ସ କଣ୍ଟ୍ରୋଲ ସସ୍‌ପେନଶନ ରହିଛି। ନୂଆ ବ୍ରେମ୍ବୋ ଷ୍ଟାଇଲେମୋ ବ୍ରେକ୍ କାଲିପର୍ସ-୩୩୦ ଏମ୍ଏସ୍ ଡିସ୍କ ସହ ୨ ସ୍ତରୀୟ ଏବିଏସ୍ ଓ ଦ୍ରୁତ ଶିଫ୍‌ଟର ରହିଛି। ହୋଣ୍ଡାର ଦ୍ୱିସ୍ତରୀୟ ଉତ୍ପାଦରୁ ଶ୍ରେଷ୍ଠ ଉତ୍ପାଦନକୁ ଉପସ୍ଥାପନ କରି ଭାରତରେ ରେସିଂ ଡିଏନ୍ଏକୁ ପରବର୍ତ୍ତୀ ସ୍ତରକୁ ନେବା ଲାଗି ସର୍ବଦା ଉଦ୍ୟମ ଜାରି ରହିଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ଆତସୁସି ଓଗାତା ସୂଚନା ଦେଇଛନ୍ତି।

# ବଜାରରେ ଫକ୍ସୱାଗନ ଟି-ରକ୍, ଟିଗୁଆନ୍

**ଭୁବନେଶ୍ୱର,୧୦।୮**




ପ୍ରମୁଖ ଯାନ ନିର୍ମାତା ଫକ୍ସୱାଗନ ପକ୍ଷରୁ ଏହାର ନୂଆ ମଡେଲ ଟି-ରକ୍ ଏବଂ ଏସ୍‌ୟୁଭି ମଡେଲ ଟିଗୁଆନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହି ଯାନଗୁଡିକର ବଜାର ଦର ଯଥାକ୍ରମେ- ୧୯.୯୯ ଲକ୍ଷ ଏବଂ ୩୩.୧୨ ଲକ୍ଷ ଟଙ୍କା ରହିଛି। ଭୁବନେଶ୍ୱରରେ ସ୍ଥାନୀୟ ଟଚ୍ ପଏଣ୍ଟରେ ଗ୍ରାହକ ଏହି ମଡେଲଗୁଡିକୁ ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଟି-ରକ୍ ମଡେଲରେ ଗ୍ରାହକମାନେ ଡିଜାଇନ, ପରଫରମାନ୍ସ, ସର୍ବୋତ୍ତମ ଡ୍ରାଇଭିଂ ଅଭିଜ୍ଞତା ଲାଭ କରିପାରିବେ। ଭାରତୀୟ ସହରୀ ଯୁବବର୍ଗଙ୍କ ଲାଇଫ ଷ୍ଟାଇଲକୁ ନଜରରେ ରଖି କମ୍ପାନୀ ଏହି ମଡେଲଟିକୁ ବଜାରକୁ ଛାଡିଛି। ଏହା ମଡ୍ୟୁଲାର ଟ୍ରାନ୍ସଭର୍ସ ମ୍ୟାଟ୍ରିକ୍ସ ପ୍ଲାଟ୍‌ଫର୍ମରେ ଆସିଛି। ଏଥିରେ ୧.୫ ଲିଟରର ଇଭିଓ ଟିଏସ୍ଆଇ ଇଞ୍ଜିନ, ୭ ସ୍ପିଡ୍ ଡିଏସ୍‌ଜି ଟ୍ରାନ୍ସମିଶନ, ୬ ବଡି କଲର, ସ୍ପୋର୍ଟି ଲୁକ୍ ଏଥିରେ ରହିଛି। ଏହାବାଦ ଇଣ୍ଟେଲିଜେଣ୍ଟ ଆକ୍ଟିଭ ସିଲିଣ୍ଡର ଟେକ୍ନୋଲୋଜିକୁ ଏଥିରେ ସ୍ଥାନିତ କରାଯାଇଛି। ସେହିଭଳି ଟିଗୁଆନ ଅଲ୍‌ସ୍ପେସ ମଡେଲ ରୋମାଞ୍ଚକର ଯାତ୍ରା ଲାଗି ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ମଡେଲରେ ୨.୦ ଲିଟରର ଟିଏସ୍ଆଇ ଇଞ୍ଜିନ, ୭ ସ୍ପିଡ ଡିଏସ୍‌ଜି, ୪ ମୋସନ ଟ୍ରାନ୍ସମିଶନ, ଇନ୍ଧନ ଦକ୍ଷତା, ଉନ୍ନତ ଡ୍ରାଇଭିଂ ଅନୁଭୂତି ମିଳିପାରିବ। ଏହାର ଡିଜାଇନ, ଇଣ୍ଟେରିୟର, ନିରାପତ୍ତା ଫିଚର ଭାରତୀୟ ଗ୍ରାହକଙ୍କୁ ପସନ୍ଦ ଆସିବ ବୋଲି ଫକ୍ସୱାଗନ ଆଶାବାଦୀ ରହିଛି।

## ଲାପ୍‌ସ ପଲିସି ପୁନରୁଦ୍ଧାର ଲାଗି ଏଲ୍ଆଇସିର ସୁବିଧା

**ଭୁବନେଶ୍ୱର,୧୦।୮**

ଲାପ୍‌ସ ହୋଇଥିବା ପଲିସି ପୁନରୁଦ୍ଧାର ଲାଗି ଭାରତୀୟ ଜୀବନ ବୀମା ନିଗମ ଏହାର ପଲିସିଧାରୀଙ୍କୁ ସୁବିଧା ପ୍ରଦାନ କରିଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଲୋକଙ୍କ ଲାଗି ଏଲ୍ଆଇସି ଏଭଳି ଏକ ସୁବିଧା ଆଣିଥିବା କହିଛି। ଚଳିତ ମାସ ୧୦ ତାରିଖଠାରୁ ୯।୧୦।୨୦୨୦ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୁନରୁଦ୍ଧାର କ୍ୟାମ୍ପେନ କମ୍ପାନୀ ପକ୍ଷରୁ ଆରମ୍ଭ କରାଯାଇଛି। ଏହି ସୁବିଧାର ଲାଭ ନେବାକୁ କମ୍ପାନୀ ପକ୍ଷରୁ ପଲିସିଧାରୀଙ୍କୁ ନିବେଦନ କରାଯାଇଛି। କୌଣସି ଅସୁବିଧା ଯୋଗୁ ପ୍ରିମିୟମ ପ୍ରଦାନ ନ କରିବା ଯୋଗୁ ସାଧାରଣତଃ ପଲିସି ବନ୍ଦ ହୋଇଯାଇଥାଏ। ଲୋକମାନେ ନୂଆ ସୁବିଧା ଲାଗି ସ୍ଥାନୀୟ କାର୍ଯ୍ୟାଳୟ ସହ ସମ୍ପର୍କ କରିବାକୁ କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଅର୍ଥ ବ୍ୟବସ୍ଥା ପାଇଁ ମନମୋହନଙ୍କ ୩ ମନ୍ତ୍ର

**ନୂଆଦିଲ୍ଲୀ,୧୦।୮**



ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ମନମୋହନ ସିଂ ଅର୍ଥବ୍ୟବସ୍ଥାକୁ ସୁଧାରିବା ଲାଗି ୩ ନୂଆ ମନ୍ତ୍ର ଦେଇଛନ୍ତି। ଦେଶର ଆର୍ଥିକ ସ୍ଥିତିକୁ ସ୍ୱାଭାବିକ ସ୍ଥିତିକୁ କିଭଳି ଫେରାଇ ଆଣିହେବ ସେ ନେଇ ସେ ବିବିସିକୁ ଏକ ମେଲ୍ ଯୋଗେ ପ୍ରସ୍ତାବ ରଖିଥିବା ଜଣାପଡିଛି। ପ୍ରଥମତଃ ଲୋକଙ୍କ ଜୀବିକା ସୁନିଶ୍ଚିତ କରିବା ଲାଗି ମନମୋହନ ମତବ୍ୟକ୍ତ କରିଛନ୍ତି। ଲୋକଙ୍କୁ ହାତକୁ ସିଧାସଳଖ ଟଙ୍କା ପହଞ୍ଚାଇବା ଭଳି ପଦକ୍ଷେପ ନିଆଯାଇ ପାରିଲେ ଏହାଦ୍ୱାରା ଲୋକଙ୍କର କ୍ରୟ ଶକ୍ତି ବଢ଼ିବ। ଫଳରେ ଲୋକମାନେ ଦେଶର ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଦିଗରେ ପ୍ରତ୍ୟକ୍ଷ ଭାବେ ଯୋଗଦାନ ରଖିପାରିବେ। ଦ୍ୱିତୀୟରେ ବାଣିଜ୍ୟିକ ସଂସ୍ଥାଗୁଡିକ ସମ୍ପର୍କରେ ସିଂ ଗୁରୁତ୍ୱାରୋପ କରିଛନ୍ତି। କାରଣ ବର୍ତ୍ତମାନ ପରିସ୍ଥିତିରେ ସଂସ୍ଥାଗୁଡିକ ଚାପର ସମ୍ମୁଖୀନ ହୋଇଛନ୍ତି। ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ କ୍ରେଡିଟ ଗ୍ୟାରେଣ୍ଟି ଯୋଜନା ଦ୍ୱାରା ସଂସ୍ଥାଗୁଡିକୁ ସରକାର ଆଗକୁ ବଢିବାରେ ସହାୟତା କରିପାରିବେ ବୋଲି ସେ ମତ ରଖିଛନ୍ତି। ତୃତୀୟତଃ ଦେଶର ଆର୍ଥିକ କ୍ଷେତ୍ରରେ ରହିଥିବା ସମସ୍ୟାକୁ ସମାଧାନ, ଅନୁଷ୍ଠାନଗୁଡିକୁ ସ୍ୱାୟତ୍ତତା ଏବଂ ଅନୁଷ୍ଠାନଗୁଡିକର କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବାକୁ ସେ ନିଜ ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି।

**ରାଜ୍ୟ ଖବର**

## ଭରତପୁରରେ ରକ୍ତଦାନ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୧୦।୮(ବ୍ୟୁରୋ):** ଅଗଷ୍ଟ ୯ କ୍ରାନ୍ତି ଦିବସଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଯାଏ ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ଦ୍ୱିତୀୟ ଦିନରେ ଉତ୍ତର ଭୁବନେଶ୍ୱର ଭରତପୁରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓଡ଼ିଶା ମୋ ପରିବାର ଅଧକ୍ଷ ଅରୂପ ପଟ୍ଟନାୟକ ଏବଂ ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଏଥିରେ ୱାର୍ଡ ନମ୍ବର ୨୨, ୨୫ ଓ ୧୫ର ରକ୍ତଦାତାମାନେ ରକ୍ତ ଦାନ କରିଛନ୍ତି। ୪୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁବାସ ପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭୋକ ଉପାସରେ ୩ ନାବାଳକ

**ବାରିପଦା ଅଫିସ,୧୦।୮**

**ଗରିବ ପରିବାରରେ କରୋନା ଦୁର୍ଦ୍ଦଶା**

ମୟୂରଭଞ୍ଜ ଜିଲାରେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଯେଉଁ ଗରିବ ପରିବାରରେ ସଂକ୍ରମିତ ଚିହ୍ନଟ ହେଉଛନ୍ତି ସେମାନଙ୍କ ଦୁର୍ଦ୍ଦଶା କହିଲେ ନସରେ। ଏଭଳି ଏକ ଘଟଣା ମୟୂରଭଞ୍ଜ ଜିଲା ବାରିପଦା ମ୍ୟୁନସିପାଲିଟି ଅଧୀନ ୧୬ନଂ. ୱାର୍ଡର ପରେଡ଼ ପଡ଼ିଆ ସାହିରେ ଦେଖିବାକୁ ମିଳିଛି। ଏହି ସାହିର ଏକ ପରିବାରର ୪ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେହି ଘରେ ଥିବା ୨ଶିଶୁ ଜଣେ ୧୪ ବର୍ଷର ନାବାଳିକା ଅସହାୟ ହୋଇପଡ଼ିଛନ୍ତି। ଘରେ ଖାଇବାକୁ ଦାନା ନ ଥିବା ବେଳେ ଆତ୍ମୀୟ ସ୍ୱଜନମାନେ ମୁହଁ ଫେରାଇ ନେଇଛନ୍ତି। କରୋନାକୁ ଡରି ସାହିପଡ଼ିଶା ଦୂରେଇ ଯାଇଥିବା ବେଳେ ୩ ନାବାଳକ କବାଟ ବନ୍ଦ କରି ରହୁଛନ୍ତି। ଦିନତମାମ ସେମାନେ ଭୋକ ଉପାସରେ ଛଟପଟ ହୋଇ ରହୁଥିବା ଖବର ପ୍ରଶାସନ ପାଖରେ ପହଞ୍ଚିପାରି ନାହିଁ। ଏପରିକି ଆକ୍ରାନ୍ତଙ୍କୁ ଚିକିତ୍ସା ନିମନ୍ତେ ନେଉଥିବା ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଉଦବେଗର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗତ ରବିବାର ପରିବାରର ମୁଖ୍ୟ ମାଆ, ଜଣେ ପୁଅ ଓ ଦୁଇ ଝିଅଙ୍କୁ ମିଶାଇ ୪ ଆକ୍ରାନ୍ତଙ୍କୁ ପ୍ରଶାସନ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରିଛି। ଆକ୍ରାନ୍ତଙ୍କ ବଡ଼ ଝିଅ କୋଲକାତାରୁ ଆସିଥିବା ବେଳେ ପ୍ରଶାସନ ପକ୍ଷରୁ ତାଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ତାଙ୍କର ସ୍ୱାବ୍ ପରୀକ୍ଷା ପରେ ପଜିଟିଭ୍ ବାହାରିଥିଲା। ମାତ୍ର ତାଙ୍କ ଦୁଇ ଶିଶୁ ସନ୍ତାନଙ୍କ ରିପୋର୍ଟ ନେଗେଟିଭ୍ ଆସିବା ପରେ ବାପ ଘର ଲୋକଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ମାଆ, ଭାଇ ଓ ଜଣେ ଭଉଣୀର ପଜିଟିଭ୍ ଆସିବା ପରେ ପ୍ରଶାସନ ସେମାନଙ୍କୁ କୋଭିଡ୍ ହସ୍ପିଟାଲ୍‌କୁ ପଠାଇଦେଇଛି। ତେବେ ଉକ୍ତ ଗରିବ ପରିବାରରେ ଦୁଇ ଶିଶୁଙ୍କ ଦେଖାଶୁଣା ପାଇଁ ନାବାଳିକା ମାଉସୀଙ୍କ ବ୍ୟତୀତ ଆଉ କେହି ନାହାନ୍ତି। ପରିବାର ଲୋକେ ହସ୍ପିଟାଲରୁ ଫେରିବା ପର୍ଯ୍ୟନ୍ତ ସେମାନେ କ'ଣ ଖାଇବେ ଓ କିପରି ରହିବେ ତାହା ଏବେ ପ୍ରଶ୍ନବାଚୀ।

ଉଲ୍ଲେଖଯୋଗ୍ୟ ଯେ, ବାରିପଦା ପିଆରଏମ୍ ମେଡିକାଲ ଓ ଡାକ୍ତରଖାନା ସନ୍ନିକଟରେ ଥିବା ଜଣେ ଅସହାୟ ମହିଳାଙ୍କ ଗର୍ଭଯନ୍ତ୍ରଣା ସାଙ୍ଗକୁ 'କରୋନାଠୁ ବଳିଯାଉଛି ଯନ୍ତ୍ରଣା' ଆକ୍ରାନ୍ତ ଶୀର୍ଷକ ଖବର ଧରିତ୍ରୀରେ ପ୍ରଥମେ ପ୍ରକାଶ ପାଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ମହିଳାଙ୍କୁ ଭୁବନେଶ୍ୱର ସ୍ଥିତ ଏକ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କର ଚିକିତ୍ସା କରାଇଥିବା ବେଳେ ଅଗଷ୍ଟ ୧୫ତାରିଖ ଦିନ ତାଙ୍କର ପ୍ରସବ ହେବ ବୋଲି ଜଣାଇଛନ୍ତି। ସେହିପରି ସୋମବାର ଆକ୍ରାନ୍ତ ମହିଳାଙ୍କ ଭାଇଙ୍କୁ ମଧ୍ୟ ଭୁବନେଶ୍ୱରସ୍ଥିତ ଉକ୍ତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବାରୁ ପରିବାରର ଜଣଙ୍କୁ ନିକଟରେ ପାଇ ଗର୍ଭବତୀ ମହିଳା ଜଣକ ଆଶ୍ୱସ୍ତି ଲାଭ କରିଛନ୍ତି।

## ଦଣ୍ଡବତ ଯାତ୍ରାରେ ସନ୍ଥ



ନୟାଗଡ଼ ବଜାର ରାସ୍ତାରେ ସନ୍ଥ ରାମସିଂ ଭଗତ।

**ନୟାଗଡ଼ ଅଫିସ,୧୦।୮**

**ବିଶ୍ୱର ମଙ୍ଗଳ ପାଇଁ ରାଜସ୍ଥାନରୁ ପୁରୀ**

ବିଶ୍ୱର ମଙ୍ଗଳ କାମନା ସହ ଭାରତରେ ଶାନ୍ତି ପ୍ରତିଷ୍ଠା ପାଇଁ ରାମସିଂ ଭଗତ ନାମକ ଜଣେ ସନ୍ଥ ରାଜସ୍ଥାନରୁ ଶ୍ରୀକ୍ଷେତ୍ର ଧାମ ପୁରୀକୁ ଦଣ୍ଡବତ ଯାତ୍ରାରେ ବାହାରିଛନ୍ତି। ୧୫ରୁ ୨୦ ଦିନ ଭିତରେ ପୁରୀରେ ପହଞ୍ଚି ଜଗନ୍ନାଥଙ୍କୁ ଦର୍ଶନ କରି ଫେରିବେ ବୋଲି ଅଭିଳାଷ ରଖିଛନ୍ତି। ବର୍ତ୍ତମାନ ସମୟରେ କରୋନା କାୟା ବିସ୍ତାର କରିଚାଲିଥିବାରୁ ଏଥିରୁ ମୁକ୍ତି ପାଇଁ ସେ ଠାକୁରଙ୍କୁ ନିବେଦନ କରିଛନ୍ତି। ଦଣ୍ଡବତ ଯାତ୍ରାରେ ସନ୍ଥ ରାସ୍ତାରେ ଏକ ଟେକା ପକାଉଛନ୍ତି। ତା'ପରେ ଟେକାକୁ ଗୋଟାଇ ରାସ୍ତାରେ ଜରି ଶେଯ ପକାଇ ତା'ଉପରେ ଶୋଇପଡୁଛନ୍ତି। ପୁଣି ଉଠି ପୂର୍ବବତ୍ କରୁଛନ୍ତି। ସନ୍ଥଙ୍କ ଘର ରାଜସ୍ଥାନର କରୋଲି ଜିଲା ତେହେରା କରକାପୁରରେ। ସେ ୨୦୧୯ ନଭେମ୍ବର ୩ରୁ ଦଣ୍ଡବତ ଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କ ସହ ଯାତ୍ରାରେ ଜୟସିଂ, ବଦ୍ରୁ ରାମ, ହରିମନ ଜୟସିଂ ସାମିଲ ହୋଇଛନ୍ତି। ସନ୍ଥ ରାମସିଂ ଭଗତଙ୍କ ସୂଚନା ଅନୁସାରେ ସେ ୨୦୧୬ରେ ଉତ୍ତରାଖଣ୍ଡର ବଦ୍ରିନାଥକୁ ବିଶ୍ୱର ମଙ୍ଗଳ ପାଇଁ ଦଣ୍ଡବତ ଯାତ୍ରା କରିଥିଲେ। ୬ମାସର ଯାତ୍ରା ପରେ ତାଙ୍କୁ ସଫଳତା ମିଳିଥିଲା ଓ ସେ ବଦ୍ରିନାଥଙ୍କୁ ଦର୍ଶନ କରିଥିଲେ। ଏହି ଯାତ୍ରା ତାଙ୍କୁ ଶ୍ରୀକ୍ଷେତ୍ର ଯାତ୍ରା ପାଇଁ ପ୍ରେରଣା ଦେଇଥିଲା। ସେ ବର୍ତ୍ତମାନ ପ୍ରାୟ ଅଢ଼େଇ ହଜାର କି.ମି. ଯାତ୍ରା କରିସାରିଲେଣି। କରୋନା ସମୟରେ ଶ୍ରୀକ୍ଷେତ୍ର ଧାମ ବନ୍ଦ ରହିଥିଲେ ବି ଠାକୁରଙ୍କୁ ସେ ଦର୍ଶନ କରିବେ ବୋଲି ଆଶା ରଖିଥିବା କହିଛନ୍ତି।

## ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବରଗଡ଼ ଅଫିସ୍,୧୦।୮:** ବରଗଡ଼ ସବ୍‌ଜେଲରେ ରହିଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ଭଟଲି ଥାନା କୁସନପୁରୀ ଗ୍ରାମର ମାଧବ ଶାହା। ତାଙ୍କ ମୃତଦେହକୁ ବରଗଡ଼ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି, ମଙ୍ଗଳବାର ବ୍ୟବଚ୍ଛେଦ ହେବ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି।

ସୂଚନା ଅନୁଯାୟୀ, ମାଧବ ଅମ୍ବାଭୋନା ଥାନାର ଏକ ମାମଲାରେ ଗିରଫ ହୋଇ ଜୁଲାଇ ୨୧ତାରିଖରୁ ବରଗଡ଼ ସବ୍‌ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ସୋମବାର ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପ୍ରଥମେ ତାଙ୍କୁ ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା ବୋଲି ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୫/୨୦) ରୁଜୁ ହୋଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ବିଶ୍ୱଜିତ

**ପୁରୀ ଅଫିସ,୧୦।୯**

**୨୫୬୭୫ ଆଇସ୍‌କ୍ରିମ କାଠିରେ ତିଆରି କରିଥିଲେ ରଥ**




ବୟସ ମାତ୍ର ୧୯। ହେଲେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାଁକୁ ସ୍ଥାନିତ କରିପାରିଛନ୍ତି ପୁରୀ କୁମୁଟିପାଟଣାର ବିଶ୍ୱଜିତ ନାୟକ। ଆଇସ୍‌କ୍ରିମ୍ କାଠିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ତିଆରି କରି ବିଶ୍ୱଜିତ ଏହି କୃତିତ୍ୱ ହାସଲ କରିଛନ୍ତି। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ପକ୍ଷରୁ ତାଙ୍କ ପାଖକୁ ସାର୍ଟିଫିକେଟ, ଗୋଲ୍ଡ ମେଡାଲ, ପରିଚୟପତ୍ର, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ବହି ଏବଂ ପେନ୍ ଆସିଛି। ଆଇସ୍‌କ୍ରିମ୍ କାଠିରେ ମହାପ୍ରଭୁଙ୍କ ରଥ ତିଆରି କରିଥିବାରୁ ସେ ଏହି ରେକର୍ଡର ଅଧିକାରୀ ହୋଇଥିବା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ତାଙ୍କୁ ଅବଗତ କରାଯାଇଛି।

ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ର ବିଶ୍ୱଜିତ ଗତ ଜୁନ୍ ମାସରେ ୨୫୬୭୫ଟି ଆଇସ୍‌କ୍ରିମ କାଠିରେ ୨୭ ଇଞ୍ଚ ଉଚ୍ଚତା ଓ ୨୨ ଇଞ୍ଚ ଚଉଡ଼ା ବିଶିଷ୍ଟ ଏହି କ୍ଷୁଦ୍ର ରଥ ତିଆରି କରିଥିଲେ। ଏହାକୁ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ୧୦ ଦିନ ଲାଗିଥିଲା। ଏହାପରେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସକୁ ଏ ନେଇ ଅବଗତ କରାଇବା ସହ ଆବଶ୍ୟକ ତଥ୍ୟ ପ୍ରମାଣ ଦେଇଥିଲେ। ଏବେ ସେ ଏହି ରେକର୍ଡ୍ସରେ ସ୍ଥାନ ପାଇ ବେଶ୍ ଖୁସି ବୋଲି ବିଶ୍ୱଜିତ କହିଛନ୍ତି। ପୂର୍ବରୁ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ଆଇସ୍‌କ୍ରିମ୍ କାଠିରେ ସିଂହାସନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବସାଇଥିଲେ। ଆଗକୁ ସେ ଆଉ ଏକ କୃତିତ୍ୱର ଅଧିକାରୀ ହେବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ବିଶ୍ୱଜିତ ପ୍ରକାଶ କରିଛନ୍ତି।

## ପିଏମ୍ଏୱାଇ ଦୁର୍ନୀତି ପ୍ରସଙ୍ଗ ଲୋକାୟୁକ୍ତ, ହାଇକୋର୍ଟ ଯିବାକୁ ଭାଜପାର ଚେତାବନୀ

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ରେ ରାଜ୍ୟ ସାରା ଦୁର୍ନୀତି ହେଉଥିବାବେଳେ ସରକାର ନୀରବ ରହିଛନ୍ତି। ଏନେଇ ଭାଜପା ପକ୍ଷରୁ ପ୍ରମାଣ ସହ ଅଭିଯୋଗ ହୋଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ପାତରଅନ୍ତର ନୀତି ଆପଣାଇ କେବଳ ଦଳୀୟ କର୍ମୀଙ୍କୁ ପକ୍କାଘର ଯୋଗାଇ ଚାଲିଛନ୍ତି। ଅନ୍ୟପଟେ ଯୋଗ୍ୟ ହିତାଧିକାରୀମାନେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ବିଜେଡି ଏଜେଣ୍ଟ ପ୍ରତି ହିତାଧିକାରୀଙ୍କଠାରୁ ଲାଞ୍ଚ ନେଇ ଲୋକଙ୍କୁ ତାଲିକାଭୁକ୍ତ କରି ପୁଣିଥରେ ସେମାନଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି ବୋଲି ଭାଜପା ନେତା ପୃଥ୍ୱିରାଜ ହରିଚନ୍ଦନ ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଏହା କହିଛନ୍ତି। ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଭାଜପା ଲୋକାୟୁକ୍ତ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ପୃଥ୍ୱିରାଜ କହିଛନ୍ତି। ଏହାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୃଥ୍ୱିରାଜ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି।

## ବାଗ୍‌ଚୀ ଦମ୍ପତିଙ୍କ ସାଢେ ୭ କୋଟି ଦାନ

**ଭୁବନେଶ୍ୱର,୧୦।୮(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି**

ମୋ ସ୍କୁଲ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଏବଂ ଓଡ଼ିଶା ଦକ୍ଷତା ବିକାଶ ପରିଷଦ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ସୋମବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭କୋଟି ୫୦ଲକ୍ଷ ଟଙ୍କା ଦାନ କରିଛନ୍ତି। କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ପୁରୀ ଜିଲାର ଅସହାୟ ବୃଦ୍ଧା, ମହିଳାମାନଙ୍କ ପାଇଁ ଏହି ସହାୟତା ବିନିଯୋଗ ହେବ। ଭିଡିଓ କନ୍‌ଫରେନ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏହି ଚେକ୍ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଧନ୍ୟବାଦ ପତ୍ର ସେମାନଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ସୁସ୍ମିତା କହିଛନ୍ତି, ରାଜ୍ୟବାସୀ ଯେତେବେଳେ ଇଚ୍ଛା କରନ୍ତି ସେତେବେଳେ ଜଗନ୍ନାଥଙ୍କ ଦର୍ଶନ ଲାଗି ଯାଆନ୍ତି। ମନ୍ଦିର ବନ୍ଦ ହେବାପରେ ପୁରୀରେ ଛୋଟ ଦୋକାନ କରି ଚଳୁଥିବା ମା', ମାଉସୀଙ୍କ ସହାୟତା ପାଇଁ ଏହି ଅନୁଦାନ ଦିଆଯାଇଥିବା କହିଛନ୍ତି। ସୁବ୍ରତୋ କହିଛନ୍ତି, ଏହି ଅନୁଦାନ ପ୍ରଦାନ କରି ସେମାନେ ନିଜକୁ ସମ୍ମାନିତ ମନେ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ଏହି ଛୋଟ ସହାୟତା ଗ୍ରହଣ କରିଥିବାରୁ ସେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।



ମହାତ୍ମା ଗାନ୍ଧୀଙ୍କ ଚଷମା ନିଲାମ ହେବ। ଏନେଇ ଅନ୍‌ଲାଇନ୍‌ରେ ୫ ଲକ୍ଷ ୮୮ ହଜାର ୧୦ ଟଙ୍କା ପର୍ଯ୍ୟନ୍ତ ଏହାର ଦାମ ଯାଇଛି। ୧୯୦୦ ମସିହାର ପ୍ରଥମ ଦଶକରେ ମହାତ୍ମାଙ୍କୁ ଉପହାରରେ ମିଳିଥିବା ଏହି ଚଷମାର ନିଲାମ ଡାକ ୧୧ ଲକ୍ଷ ୭୬ ହଜାର ଟଙ୍କାରୁ ୧୭ ଲକ୍ଷ ୫୪ ହଜାର ଟଙ୍କା ପର୍ଯ୍ୟନ୍ତ ଯିବାର ଆଶା ରହିଛି। ଏହି ଚଷମା ବିକ୍ରେତା ଏଣ୍ଡି ଷ୍ଟୋୱଙ୍କ ଅନୁସାରେ ତାଙ୍କ ଦାଦା ୧୯୧୦ରୁ ୧୯୩୦ ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ବ୍ରିଟିଶ୍ ପେଟ୍ରୋଲିୟମ୍‌ରେ କାମ କରୁଥିଲେ। ଏହି ସମୟରେ ସେ ମହାତ୍ମାଙ୍କୁ ଚଷମା ଉପହାରରେ ଦେଇଥିଲେ।

# ଟେବଲ୍ ଟପ୍ ରନ୍‌ୱେ



**ନୂଆଦିଲ୍ଲୀ:** କେରଳର କୋଝିକୋଡ୍‌ଠାରେ ଶୁକ୍ରବାର ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ୧୯୧ ଯାତ୍ରୀଙ୍କୁ ନେଇ ଦୁବାଇରୁ କାଲିକଟ ଫେରୁଥିଲା। ବିମାନଟି ଅବତରଣ ବେଳେ ରନ୍‌ୱେରୁ ବାହାରକୁ ଚାଲିଯାଇ ୩୫ ଫୁଟ ଗଭୀର ଘାଟିତଳକୁ ଖସିଯାଇଥିଲା। ଏଥିରେ ବିମାନଟି ଦୁଇ ଖଣ୍ଡ ହୋଇଯିବା ସହ ଦୁର୍ଘଟଣାରେ ୨ ପାଇଲଟଙ୍କ ସମେତ ୧୮ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରହିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଦୁର୍ଘଟଣା ଘଟିଥିବା ବିମାନବନ୍ଦରରେ ଟେବଲ୍ ଟପ୍ ରନ୍‌ୱେ ରହିଥିଲା। ତେବେ ଏହି ଟେବଲ୍ ଟପ୍ ରନ୍‌ୱେ କ'ଣ ଏଠାରେ ଜାଣିବା।

**ଟେବଲ୍ ଟପ୍ ରନ୍‌ୱେ କ'ଣ:** ଟେବଲ୍ ଟପ୍ ଏୟାର୍‌ପୋର୍ଟ ପାହାଡ଼ ଶୀର୍ଷରେ ରହିଥାଏ। ପାହାଡ଼ କାଟି ଏହା ନିର୍ମାଣ କରାଯାଇଥାଏ। ରନ୍‌ୱେର ଗୋଟିଏ ପାର୍ଶ୍ୱ କିମ୍ବା ଦୁଇ ପାର୍ଶ୍ୱରେ ଗଭୀର ଖାତ ଏବଂ ତଳେ ଘାଟି ରହିଥାଏ। ଏଭଳି ବିମାନବନ୍ଦର ଦେଖିବାକୁ ଅତି ସୁନ୍ଦର ହୋଇଥାଏ। କିନ୍ତୁ ଏହି ରନ୍‌ୱେରେ ବିମାନ ଅବତରଣ କରାଇବା ଅତି ବିପଜ୍ଜନକ ହୋଇଥାଏ। ବିମାନ ଉଡାଣ ଏବଂ ଅବତରଣ ବେଳେ ବିଶେଷ ସାବଧାନତା ଅବଲମ୍ବନ କରାଯାଇଥାଏ। ଏ କ୍ଷେତ୍ରରେ ଜଣେ ଦକ୍ଷ ଏବଂ ଅଭିଜ୍ଞ ପାଇଲଟଙ୍କୁ ଦାୟିତ୍ୱ ଦିଆଯାଇଥାଏ। ସାମାନ୍ୟ ଅସାବଧାନତା ଯୋଗୁ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହିଥାଏ।

**ଭାରତରେ ରହିଛି ଏଭଳି ୫ ଏୟାରପୋର୍ଟ:** ଭାରତରେ ଏୟାର୍‌ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଅଧୀନରେ ୪ଟି ଟେବଲ୍ ଟପ୍ ରନ୍‌ୱେ ରହିଥିବା ଏଏଆଇ ଅଧ୍ୟକ୍ଷ ଅରବିନ୍ଦ ସିଂ ସୂଚନା ଦେଇଛନ୍ତି। ସେଗୁଡ଼ିକ କେରଳର କୋଝିକୋଡ୍‌ସ୍ଥିତ କାଲିକଟ ଅନ୍ତର୍ଜାତୀୟ ବିମାନବନ୍ଦର, ହିମାଚଳ ପ୍ରଦେଶର ଶିମ୍ଲା ଏୟାରପୋର୍ଟ, କର୍ନାଟକର ମାଙ୍ଗାଲୁରୁ ଏୟାରପୋର୍ଟ ଏବଂ ସିକ୍କିମ୍‌ର ପାକ୍‌ୟୋଙ୍ଗ୍ ଏୟାରପୋର୍ଟ। ସେହିପରି ମିଜୋରାମ୍‌ଠାରେ ରହିଥିବା ଲେଙ୍ଗ୍‌ପୁଇ ଏୟାରପୋର୍ଟ ମଧ୍ୟ ଟେବଲ୍ ଟପ୍ ରନ୍‌ୱେ। କିନ୍ତୁ ଏହା ରାଜ୍ୟ ସରକାରଙ୍କ ଅଧୀନରେ ରହିଥିବା ଜଣାପଡ଼ିଛି।

ତେବେ ଟେବଲ୍ ଟପ୍ ରନ୍‌ୱେ କେବଳ ଭାରତରେ ନୁହେଁ, ବିଶ୍ୱର ଅନେକ ସ୍ଥାନରେ ରହିଛି। କିନ୍ତୁ ସମସ୍ୟା ହେଲା, ଟେବଲ୍ ଟପ୍ ରନ୍‌ୱେରେ ଅଟୋମେଶନ୍ ସାହାଯ୍ୟ କରି ନ ପାରେ। ସେହିପରି ଅନେକ ସମୟରେ ରନ୍‌ୱେ ଠିକ୍‌ଭାବେ ଦେଖାଯାଇ ନ ଥାଏ। ରନ୍‌ୱେ ବହୁ ଦୂରରେ ରହିଥିଲେ ମଧ୍ୟ ନିକଟରେ ଥିବାଭଳି ଭ୍ରମ ସୃଷ୍ଟି ହୋଇଥାଏ। ଅନ୍ୟପକ୍ଷରେ ଟେବଲ୍ ଟପ୍ ରନ୍‌ୱେର ଦୈର୍ଘ୍ୟ କମ୍ ଏବଂ ଦୁଇ ପାର୍ଶ୍ୱରେ ଘାଟି ରହିବା ଯୋଗୁ ମଧ୍ୟ ବିମାନ ଅବତରଣବେଳେ ଅସୁବିଧା ହୋଇଥାଏ। ୨୦୧୦ ମେ ୨୨ରେ ମଧ୍ୟ ମାଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଏୟାର୍ ଇଣ୍ଡିଆ ଏକ୍ସପ୍ରେସ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ବିମାନ ମଧ୍ୟ ଟେବଲ୍ ଟପ୍ ରନ୍‌ୱେରେ ଅବତରଣବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୫୮ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଟେବଲ୍ ଟପ୍ ରନ୍‌ୱେରେ ବିମାନ ଅବତରଣ ନେଇ ଚେତାବନୀ ମଧ୍ୟ ଦିଆଯାଇଥିଲା। କିନ୍ତୁ ନିକଟରେ ଦୁର୍ଘଟଣା ଘଟିଥିବା କୋଝିକୋଡ୍ ବିମାନବନ୍ଦରଠାରେ ରନ୍‌ୱେ ପ୍ରାୟ ୯୦୦୦ ଫୁଟ ରହିଛି; ଯାହା କି ଅଧିକ ଲମ୍ବା। କିନ୍ତୁ ଦୁର୍ଘଟଣା କେଉଁ କାରଣରୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ବିମାନର ବ୍ଲାକ୍ ବକ୍ସ ସହାୟତାରେ ତଦନ୍ତ ଚାଲିଥିବା ଜଣାପଡ଼ିଛି।

## ପ୍ରିୟଙ୍କାଙ୍କ ଘରକୁ ଆସିଲେ ନୂଆ ଅତିଥି



ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** କରୋନା ପାଇଁ ସବୁ ଅଭିନେତା ଅଭିନେତ୍ରୀମାନେ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ସେମାନଙ୍କ ମଧ୍ୟରୁ ପ୍ରିୟଙ୍କା ଚୋପ୍ରା ଅନ୍ୟତମ। ସେ ଇଣ୍ଡିଆରେ ରହୁ ନ ଥିଲେ ମଧ୍ୟ ଫ୍ୟାନ୍‌ମାନଙ୍କୁ ଏଣ୍ଟରଟେନ୍ କରିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ଘରକୁ ଏବେ ନୂଆ ଅତିଥି ଆସିଛନ୍ତି। ଏନେଇ ସେ ଫଟୋ ଶେୟାର କରି ତାଙ୍କ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ଏବେ ଅସଲ କଥା ହେଲା ପୂର୍ବରୁ ପ୍ରିୟଙ୍କାଙ୍କର ଦୁଇଟି କୁକୁର ଜିନୋ ଏବଂ ଡାଏନା ଥିଲେ। ବର୍ତ୍ତମାନ ସେ ପାଣ୍ଡାକୁ ଘରକୁ ଆଣିଛନ୍ତି। ପ୍ରିୟଙ୍କା ସ୍ୱାମୀ ନିକ୍ ଏବଂ ତାଙ୍କର ସମସ୍ତ କୁକୁରଙ୍କ ସହ ଏକ ଫଟୋ ଶେୟାର କରି କ୍ୟାପ୍‌ଶନରେ ଲେଖିଛନ୍ତି, ଏହା ଆମ ନୂଆ ପରିବାରର ଫଟୋ। ଆମେ କିଛି ସପ୍ତାହ ପୂର୍ବରୁ ଏହି ପାଣ୍ଡାକୁ ଗ୍ରହଣ କରିଥିଲୁ। ଯାହା ଦୀର୍ଘଦିନ ଧରି ରହିବ। ଆମେ ଠିକ୍‌ରେ ଜାଣିନାହୁଁ କିନ୍ତୁ ଏହା ହସ୍କି ଏବଂ ଅଷ୍ଟ୍ରେଲିଆ ଶେପାର୍ଡର ମିଶ୍ରଣ ବୋଲି ମନେ ହେଉଛି। ବର୍ତ୍ତମାନ ପ୍ରିୟଙ୍କାଙ୍କ ପାଖରେ ତିନୋଟି କୁକୁର ଅଛନ୍ତି। ପ୍ରଥମଟି ହେଉଛି ଡାଏନା, ଯାହା ଆମେରିକାରୁ ପ୍ରିୟଙ୍କା ଗ୍ରହଣ କରିଥିଲେ। ଦ୍ୱିତୀୟଟି ଜର୍ମାନ ଶେପାର୍ଡ କୁକୁର ଜିନୋ, ଯାହାକୁ ପ୍ରିୟଙ୍କା ନିକ ଜୋନାସ୍‌ଙ୍କ ୨୬ ତମ ଜନ୍ମଦିନ ଉପହାର ଭାବରେ ଆଣିଥିଲେ। ବର୍ତ୍ତମାନ ପାଣ୍ଡା ଆସିଛି। ପ୍ରିୟଙ୍କା ଏବଂ ନିକ ପାଣ୍ଡାକୁ ହଲିଉଡ୍ ହସ୍କିରୁ ଗ୍ରହଣ କରିଛନ୍ତି। ଏହି ସଂସ୍ଥା ହସ୍କି ଏବଂ ମିକ୍ସ ବ୍ରିଡର କୁକୁରମାନଙ୍କୁ ବଞ୍ଚାଇବା ପାଇଁ କାର୍ଯ୍ୟ କରୁଛି। ପ୍ରିୟଙ୍କା ମଧ୍ୟ ତାଙ୍କ ପୋଷ୍ଟରେ ଏହି ସଂସ୍ଥାକୁ ଟ୍ୟାଗ୍ କରିଛନ୍ତି।



## ସୋସିଆଲ ମିଡିଆରେ ରଙ୍ଗୀନ ଲଙ୍କା



**ନୂଆଦିଲ୍ଲୀ:** କେବେ ଦେଖିଛନ୍ତି ବାଇଗଣୀ ରଙ୍ଗର ଲଙ୍କା। ଏଭଳି ରଙ୍ଗର ଲଙ୍କା ପ୍ରାୟତଃ କେହି ଦେଖି ନ ଥିବେ। ହେଲେ ଏବେ ଏମିତି ରଙ୍ଗର ଲଙ୍କା ଦେଖିବାକୁ ମିଳୁଛି ସୋସିଆଲ୍ ମିଡିଆରେ। ନାଲି, ବାଇଗଣୀ ଏବଂ କମଳା ରଙ୍ଗର ଲଙ୍କା ଥିବା ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି।

ସୋସିଆଲ ମିଡିଆରେ ଏଭଳି ଲଙ୍କାର ଫଟୋକୁ ଶେୟାର କରି ଏହାକୁ ନିଜ ବାଡ଼ିରେ ଚାଷ କରିଥିବା ଜଣେ ବ୍ୟକ୍ତି ନିଜ ଟୁଇଟର ଆକାଉଣ୍ଟରେ ଦାବି କରିଛନ୍ତି। ଭାଇରାଲ୍ ଫଟୋରେ ଏକ ଝୁଡ଼ିରେ ଲାଲ୍, ବାଇଗଣୀ ଓ କମଳା ରଙ୍ଗର ଲଙ୍କା ରହିଛି। ଏହା ସହିତ ଏହି ସବୁ ରଙ୍ଗର ଲଙ୍କା ଗଛରେ ଫଳିଥିବାର ମଧ୍ୟ ଫଟୋ ଦେଖିବାକୁ ମିଳୁଛି। ତେବେ ଏଭଳି ରଙ୍ଗିନ ଲଙ୍କାକୁ ସୋସିଆଲ ମିଡିଆରେ ଦେଖିବା ପାଇଁ ଲୋକଙ୍କର ଆକର୍ଷଣ ବହୁତ ଅଧିକ। କାରଣ ପ୍ରଥମ ଥର ପାଇଁ ଅନେକ ଏଭଳି ରଙ୍ଗର ଲଙ୍କା ଦେଖିବାର ସୁଯୋଗ ପାଇଛନ୍ତି। ସେଥିପାଇଁ ଏହି ଫଟୋକୁ ଶେୟାର କରିବାର ମାତ୍ର ଦିନକ ପରେ ୧ ଲକ୍ଷରୁ ଅଧିକ ଲୋକ ଏହାକୁ ଦେଖି ସାରିଛନ୍ତି ଏବଂ ୩୭ ହଜାରରୁ ଅଧିକ ଲୋକ ରିଟୁଇଟ୍ କରି କମେଣ୍ଟ ଦେଇଛନ୍ତି।

ଅଧିକାଂଶ ଲୋକ ଏଭଳି ବିଭିନ୍ନ ପ୍ରକାରର ରଙ୍ଗର ଲଙ୍କା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଆଉ କିଛି ଲୋକ ଏଭଳି ରଙ୍ଗୀନ ଲଙ୍କା ଚାଷ କରିଥିବା ଲୋକଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ତେବେ ଲଙ୍କାର ସ୍ୱାଦ ମଧ୍ୟ ପ୍ରବଳ ରାଗ ବୋଲି ଏହି ପୋଷ୍ଟରୁ ଜଣାପଡ଼ିଛି। ସବୁ ସ୍ଥାନରେ ଲଙ୍କାର ରଙ୍ଗ ସବୁଜ ହେବା ପରେ କମଳା କିମ୍ବା ଲାଲ୍ ରଙ୍ଗର ହୋଇଥାଏ। କିନ୍ତୁ ପ୍ରଥମ ଥର ପାଇଁ ଅନେକ ବାଇଗଣୀ ରଙ୍ଗର ଲଙ୍କା ଦେଖିବା ଲାଗି ଲୋକଙ୍କର ଉତ୍ସାହ ବଢ଼ିବା ସ୍ୱାଭାବିକ କଥା।

## ଗାଁ ଗାଁ ବୁଲି ପଢ଼ାଉଛନ୍ତି ଶିକ୍ଷୟିତ୍ରୀ

**କାରାଇକଲ୍:** କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସ୍କୁଲ, କଲେଜ ବନ୍ଦ ରହିଛି। ଅନ୍‌ଲାଇନ ପାଠପଢ଼ା ଚାଲିଛି। କିନ୍ତୁ ପିଲାମାନେ ଘରେ ପାଠପଢ଼ାରେ ମନ ଲଗାଉ ନ ଥିବା ଅଭିଭାବକମାନଙ୍କ ଠାରୁ ଶୁଣିବାକୁ ମିଳୁଛି। ତେବେ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର କାରାଇକଲ୍ ଅଞ୍ଚଳରେ ଜଣେ ଶିକ୍ଷୟିତ୍ରୀ ପିଲାଙ୍କ ପାଠପଢ଼ାରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ଗାଁକୁ ଗାଁ ଯାଇ ପଢ଼ାଉଛନ୍ତି। ଥାନ୍‌ଥାଇ ପେରିୟାଲ୍ ହାୟର ସେକେଣ୍ଡାରି ସ୍କୁଲରେ ଇଂଲିଶ ଶିକ୍ଷୟିତ୍ରୀ ଥିବା ଆର୍. ମେଗଲା ୨ସପ୍ତାହ ହେଲା ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ଗ୍ରାମାର, ସ୍ପୋକନ୍ ଇଂଲିଶ, ହସ୍ତାକ୍ଷର ଏବଂ ପଢ଼ିବା ଦକ୍ଷତା ଶିକ୍ଷାଦାନ କରୁଛନ୍ତି। ସାଇକେଲରେ ପ୍ରତିଦିନ ଯାତାୟାତ ସମୟରେ କେତେଜଣ ଅଭିଭାବକ ପିଲାମାନେ ଘରେ ପାଠ ପଢୁ ନ ଥିବା ନେଇ ତାଙ୍କୁ ଅଭିଯୋଗ କରିଥିଲେ। କରୋନା ପରିସ୍ଥିତିରେ ଯେପରି ପିଲାମାନେ ବିଗିଡ଼ି ନ ଯିବେ, ସେଥିପାଇଁ ସେ ଘରକୁ ଯାଇ ପଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରତିଦିନ ସକାଳେ ପିଲ୍ଲାଥେରୁଭାସାଲ୍ ଏବଂ ସନ୍ଧ୍ୟାରେ ଆଥିପାଡ୍ଡୁଗାଇ ଏବଂ ପୋମାଙ୍ଗଲମ୍ ଗ୍ରାମକୁ ସାଇକେଲରେ ଯାଇ ପିଲାଙ୍କୁ ପଢ଼ାଉଛନ୍ତି। ଏ ବିଷୟରେ ମେଗଲା କୁହନ୍ତି, ପିଲାମାନେ ଯେପରି ପୁରୁଣା ପାଠ ଭୁଲି ନ ଯିବେ ଏବଂ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟିହେବ, ତାହା ହିଁ ତାଙ୍କର ଲକ୍ଷ୍ୟ। ତେଣୁ ଗାଁକୁ ଗାଁ ଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଗ୍ରାମରେ କେତେଜଣ ଲୋକଙ୍କ ସହଯୋଗରେ କୋଭିଡ୍ ଗାଇଡ୍‌ଲାଇନକୁ ମାନି ପିଲାଙ୍କୁ ପଢ଼ାଯାଉଥିବା ସେ କୁହନ୍ତି। ତେବେ ସେ ପିଲାଙ୍କ ସିଲାବସ୍ ବାହାରେ ସାଧାରଣ ବିଷୟରେ ଶିକ୍ଷାଦାନ କରୁଛନ୍ତି। ୬ରୁ ୧୬ବର୍ଷ ବୟସର ପିଲାମାନେ ମେଗଲାଙ୍କ ନିକଟରେ ପଢୁଛନ୍ତି। ପିଲାଙ୍କୁ ପାଠପଢ଼ା ମଧ୍ୟରେ ସେ ଯୋଗାସନ ଏବଂ ପ୍ରାଣାୟାମ ଶିକ୍ଷା ମଧ୍ୟ ଦେଉଛନ୍ତି। ଏହାଦ୍ୱାରା ମୋବାଇଲରେ ବ୍ୟସ୍ତ ରହୁଥିବା ଅନେକ ପିଲାଙ୍କ କ୍ଷେତ୍ରରେ ପରିବର୍ତ୍ତନ ଆସିଥିବା ଅଭିଭାବକମାନେ କହିଛନ୍ତି। ମେଗଲା ଶ୍ରେଷ୍ଠ ଶିକ୍ଷୟିତ୍ରୀ ସମ୍ମାନ(ନାଲ୍ଲାସିରିୟାର ଆୱାର୍ଡ) ମଧ୍ୟ ପାଇଛନ୍ତି।



## ୭୭ ପ୍ରକାର ନୂଆ ପ୍ରଜାତିର ପ୍ରଜାପତିଙ୍କ ସନ୍ଧାନ

**ମୁମ୍ବାଇ:** ପରିବେଶପ୍ରେମୀଙ୍କ ପାଇଁ ଖୁସି ଖବର। ବିଭିନ୍ନ ଅଞ୍ଚଳରେ ପଶୁପକ୍ଷୀମାନେ ଲୋପ ପାଇ ଯାଉଥିବାବେଳେ ବିଶେଷଜ୍ଞମାନେ ଖୋଜି ପାଇଛନ୍ତି୭୭ପ୍ରକାରର ନୂଆ ପ୍ରଜାତିର ପ୍ରଜାପତି।

ଏସବୁ ନୂଆ ପ୍ରଜାପତିଙ୍କ ସନ୍ଧାନ ମିଳିଛି ମୁମ୍ବାଇର ମାଥେରନ୍ ହିଲ୍ ଷ୍ଟେସନ୍ ନିକଟରେ ଥିବା ଏକ ଘଞ୍ଚ ଜଙ୍ଗଲରେ। ପ୍ରଜାପତିଙ୍କୁ ନେଇ ଗତ ୮ ବର୍ଷ ଧରି ଚାଲିଥିବା ଏକ ଅନୁସନ୍ଧାନରୁ ଏହା ଜଣାପଡ଼ିଛି। ନୂଆ ପ୍ରଜାତି ପ୍ରଜାପତି ସମ୍ପର୍କରେ ଏହି ଅନୁସନ୍ଧାନ କରିଛି ବମ୍ବେ ନାଚୁରାଲ ହିଷ୍ଟ୍ରି ସୋସାଇଟି (ବିଏନ୍‌ଏଚ୍‌ଏସ୍)। ଅନୁସନ୍ଧାନକାରୀଙ୍କ କହିବା ଅନୁସାରେ ମାଥେରନ୍ ହିଲ୍ ଷ୍ଟେସନରେ ୭୭ ପ୍ରଜାତିର ନୂଆ ପ୍ରଜାପତି ମିଳିବା ପରେ ଏବେ ସେଠାରେ ମୋଟ ପ୍ରଜାତିର ପ୍ରଜାପତିଙ୍କ ସଂଖ୍ୟା ୧୪୦ ହୋଇଛି। ବିଏନ୍‌ଏଚ୍‌ଏସ୍‌ର ବୈଜ୍ଞାନିକ ମନ୍ଦର ସାୱନ୍ତ କହିଛନ୍ତି, ମାଥେରନ୍ ହିଲ୍ ଷ୍ଟେସନରେ ଅନେକ ସ୍ଥାନରେ ଘଞ୍ଚ ଜଙ୍ଗଲ ଥିବାରୁ ଏହି ନୂଆ ପ୍ରଜାତିର ପ୍ରଜାପତି ବିକଶିତ ହୋଇ ପାରିଛନ୍ତି। ମାଥେରନ୍ ଜଙ୍ଗଲ ମୋଟ ୮୦ କିଲୋମିଟର ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ। ତେଣୁ ୨୦୧୧ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଏହି ଅଞ୍ଚଳରେ ସ୍ୱତନ୍ତ୍ରଭାବେ ଅନୁସନ୍ଧାନ କରାଯାଇଥିଲା। ତେବେ ଅନୁସନ୍ଧାନ ପରେ ଏଭଳି ଏକ ଖବର ଏବେ ବିଶେଷଜ୍ଞମାନଙ୍କୁ ଉତ୍ସାହିତ କରିପାରିଛି। କାରଣ ୧୨୫ ବର୍ଷ ପରେ ପ୍ରଥମ ଥର ପାଇଁ ପ୍ରଜାପତିଙ୍କୁ ନେଇ ଏଭଳି ଏକ ଅନୁସନ୍ଧାନ କରାଯାଇ ସଫଳତା ମିଳିପାରିଛି। ବିଏନ୍‌ଏଚ୍‌ଏସ୍‌ର ଏହି ରିସର୍ଚ୍ଚ ରିପୋର୍ଟକୁ ସୋମାଇୟା ବିଦ୍ୟାବିହାର ବିଶ୍ୱବିଦ୍ୟାଳୟ ତା'ର ରିସର୍ଚ୍ଚ ପେପରରେ ବାହାର କରିଛି।



## ନମ୍ରତାଙ୍କ ପ୍ରେମରେ ଦିୱାନା ଥିଲେ ମହେଶ

ସାଉଥ ହିରୋ ମହେଶ ବାବୁଙ୍କୁ କିଏ ବା ନ ଜାଣେ। ଜବରଦସ୍ତ ଆକ୍ସନ ଓ ହ୍ୟାଣ୍ଡସମ୍ ଚେହେରା ପାଇଁ ତାଙ୍କର ଲକ୍ଷ ଲକ୍ଷ ପ୍ରଂଶସକ ଅଛନ୍ତି। ଖାସ୍ କରି ଝିଅମାନେ ତାଙ୍କ ପାଇଁ ଦିୱାନୀ। ଲକ୍ଷ ଲକ୍ଷ ଝିଅଙ୍କୁ ଦିୱାନୀ କରୁଥିବା ମହେଶ ନିଜେ କେମିତି ପ୍ରେମରେ ଦିୱାନା ହୋଇଥିଲେ ଆସନ୍ତୁ ଜାଣିବା। ୨୦୦୦ ମସିହାରେ ତେଲୁଗୁ ଫିଲ୍ମ 'ୱାମସୀ' ସାଇନ କରିଥିଲେ ମହେଶ। ଏଥିରେ ତାଙ୍କ ନାୟିକା ଥିଲେ ନମ୍ରତା ସିରୋଡକର। ଫିଲ୍ମ ଶୁଟିଂ ବେଳେ ନମ୍ରତାଙ୍କୁ ହୃଦୟ ଦେଇ ବସିଥିଲେ ମହେଶ। ପ୍ରଥମ ଦେଖାରେ ହିଁ ଉଭୟଙ୍କୁ ପ୍ରେମ ହୋଇଯାଇଥିଲା। ଫିଲ୍ମର ଶୁଟିଂ ଶେଷ ହେଲାବେଳକୁ ଉଭୟଙ୍କ ପ୍ରେମ ସଂପର୍କ ମଜବୁତ ହୋଇଯାଇଥିଲା। ନିଜ ପ୍ରେମ ବିଷୟରେ ମହେଶ ସର୍ବପ୍ରଥମେ ତାଙ୍କ ଭଉଣୀଙ୍କୁ ଜଣାଇଥିଲେ। ୨ ବର୍ଷ ଯାଏଁ ପରସ୍ପରଙ୍କୁ ଡେଟ୍ କରିବା ପରେ ୨୦୦୫ରେ ମହେଶ ଓ ନମ୍ରତା ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ମହେଶଙ୍କଠାରୁ ନମ୍ରତା ବୟସରେ ୪ ବର୍ଷ ବଡ଼ ତଥାପି ବୟସର ତାରତମ୍ୟ ସମ୍ପର୍କ ଉପରେ ପଡ଼ିନି। ବିବାହ ପରେ ନମ୍ରତା ଫିଲ୍ମ ଦୁନିଆରୁ ଦୂରେଇ ରହୁଥିଲା ବେଳେ ମହେଶ ବାବୁ ଏବେ ବି ଫିଲ୍ମରେ ସକ୍ରିୟ ଥିବା ଜଣା ପଡ଼ିଛି।



## ସ୍କୁଲପିଲାଙ୍କୁ ମିଳିବନି ଜଙ୍କ୍‌ଫୁଡ୍



**ନୂଆଦିଲ୍ଲୀ:** ସ୍କୁଲଗୁଡ଼ିକରେ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ କେତେକ ମାର୍ଗଦର୍ଶିକା ଜାରି କରାଯାଇଛି। ସ୍କୁଲଗୁଡ଼ିକର ପରିସୀମାର ୫୦ ମିଟର ମଧ୍ୟରେ କୌଣସି ଜଙ୍କ୍ ଫୁଡ୍ ବିକ୍ରି କରାଯାଇ ପାରିବ ନାହିଁ ବୋଲି ଏଥିରେ କୁହାଯାଇଛି। ସ୍କୁଲ ପରିସୀମା ମଧ୍ୟରେ ପିଜା, ବର୍ଗର, କୋଲ୍ଡଡ୍ରିଙ୍କ୍ସ, ଚିପ୍ସ୍, କୁରୁକୁରେ, ସିଙ୍ଗଡ଼ା, ପେଟିସ୍, ସାଣ୍ଡ୍‌ୱିଚ୍, ବ୍ରେଡ୍ ପକୋଡ଼ା ଆଦି ଏବେ ଆଉ ମିଳିବନି। ଏବେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଏନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## କବରରୁ ଉଠିଲେ ମୃତବ୍ୟକ୍ତି

**କାନପୁର:** ଉତ୍ତରପ୍ରଦେଶରେ ପୋଲିସ ବିଭାଗର ମନମୁଖୀ ତଦନ୍ତ ଯୋଗୁ ସାଧାରଣ ଲୋକେ ହଇରାଣ ହେବାରେ ଲାଗିଛନ୍ତି। ପୋଲିସ ବାବୁମାନେ ଜୀବିତ ଲୋକଙ୍କୁ କାଗଜପତ୍ରରେ ମୃତ ଘୋଷିତ କରି ଦେଉଛନ୍ତି। ଏହାର ସଦ୍ୟତମ ଘଟଣା କାନପୁରର କଲୋନେଲଗଞ୍ଜ୍‌ରେ ଘଟିଛି। ଜଣେ ବ୍ୟକ୍ତିଙ୍କୁ କବର ଦିଆଯିବାର ୨ ଦିନ ପରେ ସେ ଘରକୁ ଫେରିଛନ୍ତି। ବ୍ୟକ୍ତି ଜଣକ ମୃତ ଘୋଷଣା କରାଯାଇଥିବା ଅହମଦ୍ ହାସନ୍ ବୋଲି ରବିବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୨ ଦିନ ତଳେ କାହାକୁ କବର ଦିଆଯାଇଥିଲା ସେ ନେଇ ପୋଲିସ ବିଭାଗର ବୁଦ୍ଧି ହଜିଯାଇଛି। ଅଗଷ୍ଟ ୨ରେ ସ୍ତ୍ରୀ ନଗ୍‌ମାଙ୍କ ସହିତ ପାଟିତୁଣ୍ଡ କରି ହାସନ ଘରୁ ପଳାଇ ଯାଇଥିଲେ। ସେ ନିଖୋଜ ହେବା ସମ୍ପର୍କରେ ପରିବାର ପକ୍ଷରୁ ଚାକେରି ଥାନାରେ ଏତଲା ଦାଏର କରାଯାଇଥିଲା। ଅଗଷ୍ଟ ୫ରେ ପୋଲିସକୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ଏନେଇ ପୋଲିସ ପକ୍ଷରୁ ହାସନଙ୍କ ପରିବାର ସହିତ ଯୋଗାଯୋଗ କରାଯାଇଥିଲା। ମୃତଦେହ କ୍ଷତବିକ୍ଷତ ଥିବାରୁ ପରିବାର ଲୋକେ ତାହା ହାସନଙ୍କର ବୋଲି ଚିହ୍ନଟ କରିଥିଲେ। ଏହାପରେ ତାଙ୍କୁ କବର ଦିଆଯାଇଥିଲା। ତେବେ ଅଗଷ୍ଟ ୭ରେ ହାସନ ହଠାତ୍ ଘରକୁ ଫେରିଥିଲେ। ତାଙ୍କୁ ଦେଖି ଘରେ ଲାଗି ରହିଥିବା କାନ୍ଦବୋବାଳି ବନ୍ଦ ହୋଇଯାଇଥିଲା। ସ୍ତ୍ରୀ ନଗ୍‌ମା ହାସନଙ୍କୁ ଧରି ପୋଲିସ ଥାନାରେ ପହଞ୍ଚିଥିଲେ। ହାସନଙ୍କୁ ଦେଖି ଥାନା ବାବୁଙ୍କ ଅକଲଗୁଡୁମ୍ ହୋଇଯାଇଥିଲା। କବର ଦିଆଯାଇଥିବା ବ୍ୟକ୍ତି ଜଣକ କିଏ ସେ ନେଇ ତଦନ୍ତ ଜାରି ରହିଥିବା କାନପୁର ଏସ୍‌ପି ପ୍ରୀତିନ୍ଦର ସିଂ ସୂଚନା ଦେଇଛନ୍ତି। ଏହି ଘଟଣା ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପୋଲିସ ବାବୁମାନେ କାମଚଳା ତଦନ୍ତ କରୁଥିବାରୁ ଏଭଳି ଘଟୁଥିବା ଅଭିଯୋଗ ହେଉଛି।




ମନେ ପଡ଼ନ୍ତି

୨୦ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ସିଂ
(ଓପିଏସ୍)
ପୂର୍ବତନ ଅବସରପ୍ରାପ୍ତ ଡିଏସ୍‌ପି, ଜଗନ୍ନାଥ ଭବନ, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୨୭।୦୩।୧୯୪୩
ତିରୋଧାନ: ୨୩।୦୮।୨୦୦୦
ଆଜି ୨୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ ।



# ଘରକରଣା

➤ପାଣିରେ ଲେମ୍ବୁ ରସ ମିଶାଇ ମାଇକ୍ରୋୱେଭ୍ ଭିତରେ ରଖି ଅନ୍ କରି ଦିଅନ୍ତୁ। ଏହାପରେ ଏକ କପଡ଼ାରେ ମାଇକ୍ରୋୱେଭ୍ ଭିତରକୁ ସଫା କରନ୍ତୁ, ଭଲଭାବେ ସଫା ହୋଇଯିବ।

➤ଚିମିନି, ବଲ୍‌ବ, ଏଗ୍‌ଜଷ୍ଟ ଫ୍ୟାନ୍‌କୁ ସଫା କରିବା ପାଇଁ ଗରମ ପାଣିରେ ଭିନେଗାର ଓ ବ୍ଲିଚିଂ ପାଉଡର ମିଶାଇ କପଡ଼ାରେ ସଫା କରନ୍ତୁ।

➤ପାଣିରେ ଭିନେଗାର ମିଶାଇ କପଡ଼ାରେ ଆଣି ଫ୍ରିଜ୍ ହ୍ୟାଣ୍ଡେଲ ତଥା ଝରକା, କବାଟର ହ୍ୟାଣ୍ଡେଲ ଆଦିକୁ ସଫା କରନ୍ତୁ। ବେଶ୍ ସୁନ୍ଦର ଦେଖାଯିବ।

➤ରୋଷେଇ ଘରେ ଥିବା ଡବା ସବୁ ଚିକ୍କଣ ହୋଇ ଯାଇଥିଲେ ତାକୁ ଗରମପାଣି ବାଲ୍‌ଟିରେ ଡିଟରଜେଣ୍ଟ ଓ ବେକିଂ ସୋଡ଼ା ମିଶାଇ ପକାଇ ଦିଅନ୍ତୁ। ୩୦ ମିନିଟ୍ ପରେ ଡବା ସବୁକୁ କାଢ଼ି ସଫା କରି ଦିଅନ୍ତୁ। ଡବାରେ ଲାଗିଥିବା ଚିକ୍କଣ ଦୂର ହୋଇଯିବ।

➤ରୋଷେଇ ଘରେ ବ୍ୟବହୃତ ହେଉଥିବା କପଡ଼ା ଯେପରି କି ଆପ୍ରନ, ରୁଟି ରଖିବା ନାପକିନ୍, କିଚେନ୍ ଟାୱେଲ ସବୁକୁ ସପ୍ତାହକୁ ତିନି ଥର ସଫା କରନ୍ତୁ। ଏକ ବଡ଼ ପାତ୍ରରେ ଉଷୁମ ପାଣି ଆଣି ସେଥିରେ ଏକ ଚାମଚ ବେକିଂ ସୋଡ଼ା ମିଶାଇ ସବୁ କପଡ଼ାକୁ ୧୫ ମିନିଟ୍ ଭିଜାଇ ରଖି ଦିଅନ୍ତୁ। ଏହାପରେ ସବୁ କପଡ଼ାକୁ ଡିଟରଜେଣ୍ଟ ପାଣିରେ ଲେମ୍ବୁ ରସ ମିଶାଇ ସଫା କରନ୍ତୁ। ସଫା କରିବା ପରେ ସବୁ କପଡ଼ାକୁ ଖରାରେ ଶୁଖାନ୍ତୁ।

# ମନ୍‌ସୁନରେ ମାନନ୍ତୁ



ବର୍ଷାଦିନେ ସଂକ୍ରମଣର ଭୟ ଅଧିକ ରହିଥାଏ। ତେଣୁ ଖାଇବାପିଇବା ସହିତ ପୋଷାକପତ୍ର ଆଦି ସବୁଥିରେ ସତର୍କ ରହିବାକୁ ହେବ।

▸ବର୍ଷାଦିନେ ସବୁବେଳେ ପାଣିକୁ ସିଝାଇ ପିଅନ୍ତୁ। ପ୍ରତିଦିନ ସକାଳୁ ଉଷୁମ ପାଣିରେ ଲେମ୍ବୁ ମିଶାଇ ପିଅନ୍ତୁ। ଫଳରେ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯିବ।

▸ବର୍ଷାଦିନେ ସାଧାରଣତଃ ଲୁଣ କମ୍ ଖାଆନ୍ତୁ। ଅଧିକ ଲୁଣ ଖାଇଲେ ଶରୀରରେ ସୋଡିୟମ୍‌ର ମାତ୍ରା ବଢ଼ିଯାଏ ଓ ଉଚ୍ଚ ରକ୍ତଚାପ ସମସ୍ୟା ସୃଷ୍ଟି ହୁଏ। ହାଇପରଟେନ୍‌ସନ୍ ଓ ହାର୍ଟ ସମସ୍ୟା ତଥା ଡାଇବେଟିସ୍ ସମସ୍ୟା ଥିବା ଲୋକେ କମ୍ ଲୁଣ ଖାଇବା ଉଚିତ।

▸ଏହି ସମୟରେ କେବଳ ଋତୁକାଳୀନ ଫଳ ଖାଆନ୍ତୁ। ଏସବୁ ଫଳରୁ ମିଳୁଥିବା ନ୍ୟୁଟ୍ରିସନ୍ ଇନଫେକସନ୍, ଆଲର୍ଜିରୁ ରକ୍ଷା କରିଥାଏ।

▸ବର୍ଷାଦିନେ ସାଧାରଣତଃ ହଜମ ଶକ୍ତି କମ୍ ହୋଇଥାଏ। ତେଣୁ ଏହି ଋତୁରେ ତେଲ ଛଣା ଜିନିଷ କମ୍ ଖାଆନ୍ତୁ।

▸ଏହି ଦିନେ ଇମ୍ୟୁନିଟି ବଢାଉଥିବା ଖାଦ୍ୟ ଖାଆନ୍ତୁ। ଡ୍ରାଏ ଫ୍ରୁଟ୍‌ସ, ଭେଜିଟେବଲ ସୁପ୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଆନ୍ତୁ।

**ଖାଦ୍ୟ ରୁଚି**

# ପାମ୍ପଡ଼ ରାଇତା



**ଆବଶ୍ୟକ ସାମଗ୍ରୀ**

ଦହି- ୫୦୦ଗ୍ରାମ୍, ଛଣା ହୋଇଥିବା ମସଲା ପାମ୍ପଡ଼-୩ଟି (ବଡ଼), ଜିରା ଗୁଣ୍ଡ- ଅଧା ଚାମଚ, ଗୋଲମରିଚ ଗୁଣ୍ଡ- ଅଧା ଚାମଚ, ଧନିଆପତ୍ର- ୪ ଚାମଚ, ଲୁଣ ସ୍ୱାଦ ଅନୁସାରେ

**ପ୍ରଣାଳୀ–** ପ୍ରଥମେ ଦହିକୁ ଏକ ପାତ୍ରରେ ଢାଳି ଭଲଭାବେ ଫେଣ୍ଟି ଦିଅନ୍ତୁ। ତା'ପରେ ସେଥିରେ ଜିରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଦହିର ଏହି ମିଶ୍ରଣକୁ ୨ ଘଣ୍ଟା ପାଇଁ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଖାଇବା ପାଇଁ ଫ୍ରିଜରୁ ବାହାର କରି ସେଥିରେ ଧନିଆପତ୍ର ଓ ପାମ୍ପଡ଼କୁ ଛୋଟ ଛୋଟ ଖଣ୍ଡ କରି ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ଦହି ରାଇତା। ଏହାକୁ ଭାତ ସହ ଖାଇଲେ ବହୁତ ଭଲ ଲାଗିବ।

# ସୁନା ବିନା ମନ ବୁଝେନା

**ଗହଣାପ୍ରିୟ ନାରୀ। ସେଥିପାଇଁ ତ ସୁନା ପ୍ରତି ତା'ର ସ୍ୱତନ୍ତ୍ର ଆକର୍ଷଣ। ସୁନା ଗହଣାରେ ସଜେଇ ହୋଇ ନାରୀଟିଏ ନିଜକୁ ବେଶ୍ ସମ୍ଭ୍ରାନ୍ତ ମନେକରେ। ହେଲେ ଆଜି ସୁନାର ଅତ୍ୟଧିକ ମୂଲ୍ୟ ବୃଦ୍ଧିର ପ୍ରଭାବରେ ମନକୁ ବୁଝେଇ ରହିଯିବାକୁ ହେଉଛି...**



ସୁନାର ଦାମ୍ ଏବେ ୫୬ ହଜାରରୁ ଅଧିକ ହେଲାଣି। ଦିନକୁ ଦିନ ଏହା ଆହୁରି ବଢ଼ିବ ଏବଂ ଖୁବ୍ ଶୀଘ୍ର ଏହା ୬୦ ହଜାର ଅତିକ୍ରମ କରିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ତେଣୁ ଏଭଳି ସମୟରେ ମହିଳାମାନଙ୍କୁ ସୁନା ଅଳଙ୍କାର କିଣିବା ପୂର୍ବରୁ ବହୁଥର ଚିନ୍ତା କରିବାକୁ ପଡୁଛି।

ଦିନେ ସୁନା ଗହଣା ନାରୀର କେବଳ ଭୂଷଣ ହୋଇ ନ ଥିଲା ବରଂ ଏହା ଥିଲା ସମ୍ଭ୍ରାନ୍ତ ତଥା ଆଭିଜାତ୍ୟର ପରିଚୟ। ଯାହା ପାଖରେ ଯେତେ ଅଧିକ ସୁନା ଥିଲା ତାକୁ ସେତେ ଅଧିକ ଆଭିଜାତ୍ୟସମ୍ପନ୍ନ ବୋଲି ପରିଚୟ ମିଳୁଥିଲା। ଏବେ ବି ସୁନାର ସେଇ ଚମକ ରହିଛି। ସୁନା ପ୍ରତି ଲୋକଙ୍କର ଆକର୍ଷଣ ଆଦୌ କମିନାହିଁ। କିନ୍ତୁ ଫରକ ଏତିକି ଏବେ ସମସ୍ତେ ଆଉ ସୁନା କିଣିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। କାରଣ ଗତ କିଛି ବର୍ଷ ମଧ୍ୟରେ ସୁନାର ମୂଲ୍ୟ ଏତେ ବୃଦ୍ଧିପାଇଛି ଯେ ସାଧାରଣ ଲୋକଙ୍କ ପାଖରେ ସୁନା କିଣିବା ପାଇଁ ସାମର୍ଥ୍ୟ ନାହିଁ। ସେଥିପାଇଁ ଏବେ ଆଉ କେହି କାହାକୁ ବିବାହ ବ୍ରତ କି ଅନ୍ୟ କୌଣସି ଉତ୍ସବରେ ସୁନା ଗହଣାଟିଏ ଉପହାର ଦେବାକୁ ବି ଇଚ୍ଛା କରୁ ନାହାନ୍ତି। ସାଧାରଣରେ ଏକ ନିର୍ଦ୍ଦିଷ୍ଟ ବର୍ଗରେ ସୁନାର ବ୍ୟବହାର ଯଥେଷ୍ଟ କମିଯାଇଛି। ସୁନାର ବ୍ୟବହାର କମ୍ ହେଉ ବା ବେଶି କିନ୍ତୁ ଆଶ୍ଚର୍ଯ୍ୟଜନକଭାବେ ସୁନା ରେଟ୍ ହୁ ହୁ ହୋଇ ବଢ଼ି ଚାଲିଛି। ସୁନାର ମୂଲ୍ୟ କାହିଁକି ବଢୁଛି, କେବେ କମିବ ଏହାକୁ ନେଇ ସାଧାରଣ ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଥିଲେ ବି ବ୍ୟବହାରିକ କ୍ଷେତ୍ରରେ ସୁନାର ଉପସ୍ଥିତି ବହୁତ କମିଛି ଏକଥାକୁ ଅସ୍ୱୀକାର କରି ହେବନି।

**ସୁନା ବିନା ବାହାଘର:** ବିବାହ ସମୟରେ ହିଁ ସୁନାର ବ୍ୟବହାର ସବୁଠୁ ଅଧିକ ହୋଇଥାଏ। କିନ୍ତୁ ଏବେ ସୁନାର ଦାମ୍ ଏତେ ଅଧିକ ହୋଇଛି ଯେ ସାଧାରଣ ଲୋକଟିଏ ବିବାହ କରିବା ସମୟରେ ସୁନା ଗହଣା ସବୁ କିଣିବା ପାଇଁ ସାମର୍ଥ୍ୟ ହରାଇଛି। ତେଣୁ ନିହାତି ଆବଶ୍ୟକ କିଛି ସୁନା ଗହଣା କିଣି ଅଧିକାଂଶ ଲୋକେ ଝିଅ ବାହାଘର କରୁଛନ୍ତି। ଆଉ କେତେଜଣ ଆଗକୁ ଝିଅ ବାହାଘରକୁ ଦୃଷ୍ଟିରେ ରଖି ସୁନା ଗହଣା କିଛି କିଣି ରଖି ଦେଉଛନ୍ତି।

**ସୁନା ସବୁ ଲକରରେ:** ସୁନା ଦାମ୍ ଏତେ ଅଧିକ ହୋଇଯିବା ଫଳରେ ଯେଉଁମାନଙ୍କ ପାଖରେ ଅଧିକ ସୁନା ଗହଣା ରହିଛି ସେମାନେ ହୁଏତ ଅଧିକ ଧନୀ ହୋଇଯାଇଥିବା ଅନୁଭବ କରୁଛନ୍ତି, କିନ୍ତୁ ସେସବୁ ଗହଣାକୁ ବ୍ୟବହାର କରିପାରୁ ନାହାନ୍ତି। କାରଣ ସୁନା ଗହଣା ବ୍ୟବହାର କରିବା ଫଳରେ ଚୋରି, ଡକାୟତି ହେବାର ସମ୍ଭାବନା ରହୁଛି। ଆଉ ସୁନାଟିଏ ଚୋରୀ ହେଲେ ବର୍ତ୍ତମାନ ସମୟରେ ଏକ ବିରାଟ ବଡ଼ କ୍ଷତି ହେବ। ତେଣୁ ଲୋକେ ନିଜର ସୁନା ଗହଣାକୁ ପାଖରେ ନ ରଖି ବ୍ୟାଙ୍କ ଲକରରେ ରଖିବା ଏକ ଉଚିତ ପଦକ୍ଷେପ।

**ଭବିଷ୍ୟତର ସୁରକ୍ଷା:** କିଛି ଲୋକଙ୍କର ଅଧିକ ଟଙ୍କା ହେଲେ ସେମାନେ ସୁନାରେ ଇନଭେଷ୍ଟମେଣ୍ଟ କରିବାକୁ ଚାହୁଁଛନ୍ତି। କାରଣ ସୁନା ରେଟ୍ ଯେଉଁଭଳି ଭାବରେ ବୃଦ୍ଧି ପାଉଛି ସେ ତୁଳନାରେ ସୁନା କିଣିଲେ ନିଶ୍ଚିତ ଲାଭ ହେବ। କାରଣ ଆଜି କିଣିଥିବା ସୁନାର ଦାମ୍ ଆଉ କିଛି ମାସ ପରେ ବହୁତ ବଢ଼ିଯିବ। ତେଣୁ ଭବିଷ୍ୟତରେ ସୁନାର ମୂଲ୍ୟ ଆହୁରି ଅଧିକ ହେବ ଭାବି କିଛି ଲୋକ ସୁଯୋଗ ପାଇବା ମାତ୍ରେ ସୁନା ଗହଣା କିଣି ରଖି ଦେଉଛନ୍ତି।

**ସଂଯୁକ୍ତା ଦାସ,** ଗୃହିଣୀ, ଜାଗୁଳା, ଧାମରା, ଭଦ୍ରକ–ଏବେ ତ ଆଉ ସୁନା କିଣିବା କଥା ଭାବି ହେଉନି। ସୁନା ରେଟ୍ ଏତେ ଅଧିକ ହେଲାଣି ଯେ ଆମେ ଆଉ ସୁନା କିଣି ପାରିବୁନି। ଯାହା ସୁନା ଗହଣା ଅଛି ସେତିକିରେ ମୁଁ ସନ୍ତୁଷ୍ଟ। ସେଇ ଗହଣାକୁ କେବେ କେବେ ଉତ୍ସବ ସମୟରେ ଲଗାଉଛି। ଏ ମହଙ୍ଗା ଯୁଗରେ ସୁନା ଗହଣା କିଣିବା ବଦଳରେ ଯାହା କିଛି ଟଙ୍କା ସଞ୍ଚୟ କରିଛୁ ସେଥିରେ ଗାଁରେ ଚାଷ ଜମି କିଛି କିଣୁଛୁ।

**ଗାୟତ୍ରୀ ଧଳ,** ଅଧ୍ୟାପିକା, ଖରସ୍ରୋତା ମହାବିଦ୍ୟାଳୟ, ଯାଜପୁର–ସୁନା ଦାମ୍ ଅଧିକ ହେଲେ ବି ମୋର ସୁନା କିଣିବା ପାଇଁ ଏକ ଭିନ୍ନ ଆକର୍ଷଣ ରହିଛି। ସେଥିପାଇଁ ମୁଁ ଏକାଥରକେ ସୁନା ଗହଣା କିଣିପାରୁ ନ ଥିବାରୁ ଦୁଇଟା ସ୍କିମ୍ କରିଛି। ମାସକୁ ମାସ କିଛି କିଛି ଟଙ୍କା ଦେଇ ଶେଷକୁ ଆଉ କିଛି ଟଙ୍କା ମିଶାଇ ଗୋଟେ ଲେଖାଏଁ ଜିନିଷ କିଣୁଛି। ଏମିତିଭାବେ ଗହଣା କିଣିଲେ ଅଧିକ ଟଙ୍କା ବୋଲି ଜଣା ପଡୁନାହିଁ। ଆଉ ଟଙ୍କା ଇନ୍‌ଭେଷ୍ଟ କରିବା ପାଇଁ ସୁନା କିଣିବା ଏକ ଉଚିତ ପଦକ୍ଷେପ।

**ମଧୁସ୍ମିତା ସ୍ୱାଇଁ,** ଅଧ୍ୟାପିକା, ଗଭର୍ନମେଣ୍ଟ ପଲିଟେକ୍‌ନିକ୍, ଭୁବନେଶ୍ୱର– ସୁନାଦାମ୍ ବଢ଼ିଯିବାରୁ ଏବେ ମୁଦିଟିଏ ବି ଲଗାଇ ବାହାରକୁ ଯିବାକୁ ଭୟ ଲାଗୁଛି। ଛୋଟ ଛୋଟ ଅଳ୍ପ ଗହଣା ବ୍ୟବହାର କରୁଛି। ବାକି ସବୁ ଗହଣାକୁ ଲକରରେ ନିରାପଦରେ ରଖିଦେଇଛି। ଏବେ ପିଲାଙ୍କ ପାଠପଢ଼ାରେ ବହୁତ ଟଙ୍କା ଖର୍ଚ୍ଚ ହେଉଯାଉଛି, ତେଣୁ ଆଉ ସୁନା ଗହଣା କିଛି କିଣିପାରୁନି। କିନ୍ତୁ ମୋ ଜନ୍ମଦିନରେ ପ୍ରତିବର୍ଷ ମୋ ସ୍ୱାମୀ ଛୋଟିଆ ହେଲେବି ସୁନାର ଯେକୌଣସି ଏକ ଗହଣା ଉପହାର ଦିଅନ୍ତି।

**ରାଜଶ୍ରୀ ନାୟକ,** ଗୃହିଣୀ , ଦେଉଳବେଡା କଲୋନୀ, ତାଳଚେର– ସୁନା ଏବେ ଆଉ କିଣି ହେବନି କି ଯାହା ଅଛି ତାକୁ ବି ଲଗେଇ ହେବନି। ଏବେ ସୁନାର ଯାହା ଦାମ୍ ହେଇଛି ଘରେ ସୁନା ରଖିବା ବି ବିପଦ। ସେଥିପାଇଁ ଘରୁ ସବୁତକ ସୁନାଗହଣା ନେଇ ମୁଁ ଲକରରେ ରଖି ଆସିଛି। ସୁନା ପିନ୍ଧି ମୁଁ ଜୀବନକୁ ବିପଦରେ ପକାଇବାକୁ ଚାହୁଁନି। ତା' ଛଡ଼ା ସୁନା କିଣିବାର ଏବେ କୌଣସି ଆବଶ୍ୟକତା ବି ନାହିଁ। ସେଥିପାଇଁ ସୁନା ଦାମ୍ ଯେତେ ଅଧିକ ହେଲେ ସେଥିପ୍ରତି ମୁଁ ଏବେ ଚିନ୍ତା କରୁନି। ଆଉ ବନ୍ଧୁ ବେଭାର ଦେବା ବେଳକୁ ସୁନା ବଦଳରେ ଟଙ୍କା ଦେବାକୁ ଏବେ ଆମେ ନିଷ୍ପତ୍ତି ନେଇଛୁ।

**ସଙ୍ଗୀତା ଦାସ,** ଗୃହିଣୀ, ବିଦ୍ୟାଳୟ ସାହି, ପୋଲସରା, ଗଞ୍ଜାମ– ମୋ ପାଖରେ ଏବେ ଯେତିକି ସୁନା ଗହଣା ଅଛି ତା'ର ମୂଲ୍ୟ ଯଥେଷ୍ଟ ବଢ଼ିଗଲାଣି। ଦଶ ବର୍ଷ ତଳେ ମୋ ବାହାଘର ସମୟରେ ଯେଉଁ ସୁନା ଗହଣା ମୁଁ ଆଣିଥିଲି ତା'ର ମୂଲ୍ୟ ଏବେ ୫ ଗୁଣ ବଢ଼ିଯାଇଛି। ଏବେ ତ ଆଉ ସୁନା କିଣି ହେବନି। ଯାହା ଅଛି ଚୋରଙ୍କ ଭୟରେ ତାକୁ ବି ସବୁବେଳେ ଲଗାଇବାକୁ ଡର ଲାଗୁଛି।



ଗାୟତ୍ରୀ | ରାଜଶ୍ରୀ | ସଙ୍ଗୀତା | ସଂଯୁକ୍ତା | ମଧୁସ୍ମିତା

**ସୌନ୍ଦର୍ଯ୍ୟ**

# ଗ୍ରୁମିଂ କିଟ୍

**ନିଜକୁ ସବୁବେଳେ ଗ୍ରୁମିଂ ରଖିବା ଫଳରେ ମହିଳାମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ। ତେଣୁ ବାହାରକୁ ଯିବାବେଳେ ନିଜ ପାଖରେ ସବୁବେଳେ ରଖନ୍ତୁ ଗ୍ରୁମିଂ କିଟ୍। ତେବେ ଗ୍ରୁମିଂ କିଟ୍ ଭିତରେ କ'ଣ ସବୁ ରଖିବେ ଜାଣିରଖନ୍ତୁ...**

**କ୍ଲିଜିଂ ଜେଲ୍:** ବାହାରେ ଥିବା ବେଳେ ଅନେକ ସମୟରେ ତ୍ୱଚାରେ ଝାଳ ଓ ଧୂଳି ଲାଗି ଅପରିଷ୍କାର ହୋଇଯାଏ। ତେଣୁ ଗ୍ରୁମିଂ କିଟ୍‌ରେ ସବୁବେଳେ ପାଖରେ କ୍ଲିଜିଂ ଜେଲ୍ କିମ୍ବା ଫୋମ୍ ରଖନ୍ତୁ।

**ଶାୱର ଜେଲ୍:** ସ୍ନାନ କରିବା ସମୟରେ ସାବୁନ ବଦଳରେ ଶାୱର ଜେଲ୍ ବ୍ୟବହାର କରନ୍ତୁ। ଏହା ତ୍ୱଚାକୁ କୋମଳ କରିବା ସହ ସୁନ୍ଦର କରିଥାଏ।



**ବଡି ଲୋଶନ୍, ମଏଶ୍ଚର:** ତ୍ୱଚାକୁ କୋମଳ ରଖିବା ପାଇଁ ବଡି ଲୋଶନ ନିଶ୍ଚୟ ବ୍ୟବହାର କରନ୍ତୁ। ତେଣୁ ଗ୍ରୁମିଂ କିଟ୍‌ରେ ଏହାକୁ ନିଶ୍ଚୟ ରଖନ୍ତୁ। ସେହିପରି କ୍ଲିଜିଂ କରିବା ପରେ ତ୍ୱଚାରେ ମଏଶ୍ଚର ଲଗାଇବା ପାଇଁ ଗ୍ରୁମିଂ କିଟ୍‌ରେ ମଏଶ୍ଚର ନିଶ୍ଚୟ ରଖନ୍ତୁ।

**ମିନିଏଚର ପରଫ୍ୟୁମ୍:** କେବେ କେବେ ହୁଏତ ଆପଣଙ୍କ ଦେହରୁ ଖରାପ ଗନ୍ଧ ଆସିପାରେ। ତେଣୁ ପରଫ୍ୟୁମ୍‌ଟିଏ ସବୁବେଳେ ପାଖେର ରଖନ୍ତୁ।

**ମେନିକିଓର କିଟ୍:** ଗ୍ରୁମିଂ କିଟ୍‌ରେ ମେନିକିଓର କିଟ୍ ରଖିବା ବହୁ ଲାଭଦାୟକ। କାହିଁକି ନା ଅନେକ ସମୟରେ ବାହାରେ ଥିବା ସମୟରେ ହିଁ ମେନିକିଓର କରିବା ପାଇଁ ସୁବିଧା ମିଳିଥାଏ।

**ଫେସ୍ ମାସ୍କ:** ସପ୍ତାହରେ ଦୁଇଥର ଫେସ୍ ମାସ୍କ ଲଗାଇବା ଉଚିତ। ତେଣୁ ଗ୍ରୁମିଂ କିଟ୍‌ରେ ଫେସ୍ ମାସ୍କ ରଖିଥିଲେ ଯେକୌଣସି ସମୟରେ ଏହାକୁ ବ୍ୟବହାର କରିହେବ।

**ଲିପ୍ ବାମ୍:** ଅଧିକାଂଶ ସମୟରେ ଲିପ୍‌ବାମ୍ ଆବଶ୍ୟକ ହୋଇଥାଏ। ତେଣୁ ଗ୍ରୁମିଂ କିଟ୍‌ରେ ଲିପ୍ ବାମ୍ ଥିଲେ ଓଠକୁ କୋମଳ ରଖିହେବ।

**କମ୍ପାକ୍ଟ:** ଆପଣ ଯଦି ମେକ୍‌ଅପ୍ କରିବାକୁ ଭଲ ପାଉଥାନ୍ତି ତେବେ ଗ୍ରୁମିଂ କିଟ୍‌ରେ ସବୁବେଳେ କମ୍ପାକ୍ଟ ରଖନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଅଗଷ୍ଟ ୧୧/୨୦୨୦ Tuesday, August 11/2020

## ମନ୍‌ଦୀପ ସିଂଙ୍କୁ କରୋନା



**ନୂଆଦିଲ୍ଲୀ,୧୦।୮(ପି.ଟି.):** ଭାରତୀୟ ହକି ଟିମ୍ ଫରଓ୍ୱାର୍ଡ ମନଦୀପ ସିଂଙ୍କର କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ଆସିଛି। କରୋନରେ ସଂକ୍ରମିତ ହେବାରେ ସେ ୬ଷ୍ଠ ଜାତୀୟ ଖେଳାଳି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ତରଫରୁ ସୋମବାର ଏହା ଘୋଷଣା କରାଯାଇଛି। ଜଳନ୍ଧରର ଏହି ୨୫ ବର୍ଷୀୟ ଖେଳାଳିଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ବେଙ୍ଗାଲୁରୁରେ ସେ ଅନ୍ୟ ୫ ପଜିଟିଭ୍ ଖେଳାଳିମାନଙ୍କ ସହ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ସାଇ ସେଣ୍ଟରରେ ଅଗଷ୍ଟ ୨୦ରେ ଜାତୀୟ କ୍ୟାମ୍ପ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ବେଙ୍ଗାଲୁରୁସ୍ଥିତ ସାଇର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଜାତୀୟ କ୍ୟାମ୍ପ ଆୟୋଜନ କରାଯାଇଛି। ସେଠାରେ ଭାରତୀୟ ପୁରୁଷ ହକି ଦଳର ମନଦୀପ ସିଂଙ୍କ ସମେତ ଅନ୍ୟ ୨୦ ଜଣ ଖେଳାଳିଙ୍କ କୋଭିଡ୍ ଟେଷ୍ଟ (ଆରଟି ପିସିଆର୍) ହୋଇଥିଲା। ଏକ ମାସ ଛୁଟି କଟାଇ ଫେରିବା ପରେ ଖେଳାଳିମାନଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ଗତ ସପ୍ତାହରେ ଭାରତୀୟ ଅଧିନାୟକ ମନପ୍ରୀତ ସିଂ ଓ ଅନ୍ୟ ୪ ଖେଳାଳି ଡିଫେଣ୍ଡର, ସୁରେନ୍ଦ୍ର କୁମାର, ଜସ୍କରନ ସିଂ, ଡ୍ରାଗ୍ ଫ୍ଲିକର ବରୁଣ କୁମାର ଏବଂ ଗୋଲକିପର କ୍ରିଶନ ବାହାଦୁର ପାଠକ ପ୍ରମୁଖଙ୍କ ଫଳାଫଳ ପଜିଟିଭ ଆସିଥିଲା। ସାଇ ଡାକ୍ତରମାନଙ୍କ କହିବା ଅନୁସାରେ ସମସ୍ତ ଖେଳାଳିଙ୍କ ନିକଟରେ ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଥିଲା। ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ସେମାନଙ୍କୁ ଚିକିତ୍ସିତ କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି।

# ଅଗଷ୍ଟ ୧୮ ସୁଦ୍ଧା ପ୍ରାୟୋଜକ ଚୂଡ଼ାନ୍ତ

**ନୂଆଦିଲ୍ଲୀ, ୧୦।୮(ପି.ଟି.)**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ-୨୦୨୦) ଆୟୋଜନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁଷ୍ଠାନିକଭାବେ ଭାରତ ସରକାରଙ୍କଠାରୁ ଅନୁମତି ପାଇଛି। ଆଇପିଏଲ ଅଧ୍ୟକ୍ଷ ବ୍ରିଜେଶ ପଟେଲ ସୋମବାର ଏହା ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟର ନୂଆ ଟାଇଟଲ ପ୍ରାୟୋଜକଙ୍କ ନାମ ଅଗଷ୍ଟ ୧୮ସୁଦ୍ଧା ଘୋଷଣା କରାଯିବ। ଆଉ ୭ ଦିନ ସମୟ ଥିବାରୁ ଆଗ୍ରହୀ କମ୍ପାନୀମାନେ ସେମାନଙ୍କ ବିଡ୍ ଦାଖଲ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି। ୟୁଏଇରେ ଆଇପିଏଲ ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ମଧ୍ୟରେ ଅନୁଷ୍ଠିତ ହେବ। ଶାରଜା, ଆବୁଧାବି ଓ ଦୁବାଇରେ ମ୍ୟାଚ ଗୁଡ଼ିକ ଖେଳାଯିବ।

ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ୟୁଏଇରେ ଏହି ମର୍କି ଲିଗ୍ ଆୟୋଜନ ପାଇଁ ଗତ ସପ୍ତାହରେ କେନ୍ଦ୍ର ସରକାରଙ୍କ ନିକଟରୁ ଗ୍ରୀନ୍ ସିଗ୍‌ନାଲ ମିଳିଥିଲା। ''ଆମେ ଏବେ ଗୃହ ମନ୍ତ୍ରଣାଳୟ ଓ ବହିର୍ବ୍ୟାପାର ମନ୍ତ୍ରଣାଳୟ ନିକଟରୁ ଲିଖିତ ଅନୁମତିପତ୍ର ପାଇଛୁ'' ବୋଲି ପଟେଲ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, କୌଣସି ଭାରତୀୟ କ୍ରୀଡ଼ା ସଂଘ ଯେତେବେଳେ ଘରୋଇ ଟୁର୍ନାମେଣ୍ଟ ବିଦେଶରେ କରିବାକୁ ଯାଏ ସେତେବେଳେ ଗୃହ, ବହିର୍ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର କ୍ଲିୟରାନ୍ସ ଆବଶ୍ୟକ କରିଥାଏ। '' ଆମେ ସରକାରଙ୍କ ନିକଟରୁ ମୌଖିକ ଅନୁମତି ପାଇବାପରେ ଏମିରେଟ୍ସ କ୍ରିକେଟ ବୋର୍ଡକୁ ଜଣାଇ ଦେଇଥିଲୁ। ଏବେ ଆମେ ଲିଖିତ କାଗଜପତ୍ର ଆମର ହସ୍ତଗତ ହୋଇଛି। ତେଣୁ ଫ୍ରାଞ୍ଚାଇଜ୍‌ମାନେ ଏଣିକି ସେମାନଙ୍କ ଯୋଜନା ମୁତାବକ ଆଗେଇ ପାରିବେ'' ବୋଲି ବିସିସିଆଇର ଜଣେ ଭେଟେରାନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅଧିକାଂଶ ଫ୍ରାଞ୍ଚାଇଜ୍ ଅଗଷ୍ଟ ୨୦ ପରେ ୟୁଏଇ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଯିବା ପୂର୍ବରୁ ସେମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ୨ ଥର ବାଧ୍ୟତାମୂଳକ ଭାବେ ଆରଟି-ପିସିଆର(କୋଭିଡ-୧୯) ଟେଷ୍ଟ କରିବାକୁ ପଡ଼ିବ। ଚେନ୍ନାଇ ସୁପରକିଙ୍ଗ୍ସ ଦଳ ଅଗଷ୍ଟ ୨୨ରେ ୟୁଏଇ ଯିବାକୁ ଯୋଜନା କରିଛି। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଆଗ୍ରହ ପ୍ରକାଶ କରିଥିବାରୁ ଯିବା ପୂର୍ବରୁ ଚେନ୍ନାଇର ଚେପକ୍‌ରେ ଏକ ଛୋଟ କ୍ୟାମ୍ପ ଅନୁଷ୍ଠିତ ହେବ।




ଟାଇଟଲ ସ୍ପୋନସରଶିପ୍‌ରୁ ଚାଇନିଜ୍ ମୋବାଇଲ କମ୍ପାନୀ ଭିଭୋ ବାଦ୍ ପଡ଼ିବାପରେ ବିସିସିଆଇ କିଛିଟା ସମସ୍ୟାର ସମ୍ମୁଖୀନ ହୋଇଛି। ଭିଭୋ ସହିତ ୪୪୦ କୋଟି ଟଙ୍କାର ଚୁକ୍ତି ହୋଇଥିଲା। ନୂଆ ଟାଇଟଲ ସ୍ପନଶର ପାଇଁ ବାବା ରାମଦେବଙ୍କ ପତଞ୍ଜଳି ଆଗ୍ରହ ପ୍ରକାଶ କରିଛି। ବିସିସିଆଇ ପକ୍ଷରୁ ଏଥିପାଇଁ ସୋମବାର ଟେଣ୍ଡର ଆହ୍ୱାନ କରାଯାଇଛି। ଅଗଷ୍ଟ ୧୪କୁ ବିଡ୍ ଦାଖଲ କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ନୂଆ ପ୍ରାୟୋଜକଙ୍କ ଅବଧି ମାତ୍ର ସାଢ଼େ ୪ ମାସ (ଅଗଷ୍ଟ ୧୮ରୁ ଡିସେମ୍ବର ୩୧)ପାଇଁ ରହିବ। ସର୍ବାଧିକ ବିଡ୍ ଦାଖଲକାରୀ ଯେ ନିଶ୍ଚିତ ମନୋନୀତ ହେବେ ଏହାର କୌଣସି ଗ୍ୟାରେଣ୍ଟି ନାହିଁ ବୋଲିବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ସର୍ବସମ୍ମତ ପ୍ରାର୍ଥୀ ସପକ୍ଷରେ ବୋର୍ଡ

**ନୂଆଦିଲ୍ଲୀ, ୧୦।୮ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୋର୍ଡ ଅଫ୍ ଡାଇରେକ୍ଟର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାର ସଦସ୍ୟମାନେ ଶଶାଙ୍କ ମନୋହରଙ୍କ ସ୍ଥାନରେ ବିଶ୍ୱ କ୍ରିକେଟ ପରିଚାଳନା ସଂସ୍ଥାର ପରବର୍ତ୍ତୀ ଚେୟାରମ୍ୟାନ ବାଛିବା ନେଇ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରି ନାହାନ୍ତି। ସୋମବାର ବୈଠକର ଏକମାତ୍ର ଏଜେଣ୍ଡା ଥିଲା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରକ୍ରିୟା ଚୂଡ଼ାନ୍ତ କରିବା। ମାତ୍ର ସଦସ୍ୟମାନେ କୌଣସି

**ଆଇସିସି ଚେୟାରମ୍ୟାନ ନିର୍ବାଚନ**

ସିଦ୍ଧାନ୍ତରେ ଉପନୀତ ହୋଇପାରିଲେ ନାହିଁ। ସର୍ବସମ୍ମତ ପ୍ରାର୍ଥୀ ବାଛିବା ହିଁ ଏକମାତ୍ର ପନ୍ଥା ବୋଲି ମତ ପ୍ରକାଶ ପାଇଥିଲା। ନିର୍ବାଚନ ହେଲେ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନ ଅବା ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଭିତ୍ତିରେ ପ୍ରାର୍ଥୀ ବାଛିବା ଠିକ୍ ହେବ। ମାତ୍ର ଏହାକୁ ନେଇ ବୈଠକରେ ସଦସ୍ୟମାନେ ଦୁଇଭାଗ ହୋଇଥିବା ଦେଖିବାକୁ ମିଳିଥିଲା ବୋଲି ଆଇସିସି ବୋର୍ଡର ଜଣେ ସଦସ୍ୟ କହିଛନ୍ତି। ସବୁଠାରୁ ବଡ଼ କଥା ହେଲା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ନିର୍ବାଚନରେ ଅବତୀର୍ଣ୍ଣ ହେବେ କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ। ପାକିସ୍ତାନ କ୍ରିକେଟ ବୋର୍ଡ ମୁଖ୍ୟ ଏହେସାନ ମନି ପୂର୍ବରୁ ସ୍ପଷ୍ଟ କରି ସାରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ପରାମର୍ଶ କ୍ରମେ ସେ ଦେଶର କ୍ରିକେଟ ବୋର୍ଡ ଛାଡ଼ି ଯାଇ ପାରିବେ ନାହିଁ। ତେଣୁ ତାଙ୍କର ପ୍ରାର୍ଥୀ ହେବାର ସମ୍ଭାବନା ନାହିଁ। କଲିନ ଗ୍ରେଭ୍ସ (ଇଂଲଣ୍ଡ) ଜଣେ ଟାଣୁଆ ପ୍ରାର୍ଥୀ। କିନ୍ତୁ ତାଙ୍କୁ କେତେକ ଦେଶ ସମର୍ଥନ କରିବେ ନାହିଁ। ସେହିପରି ଡେଭ୍ କାମେରନ (କ୍ରିକେଟ ଓ୍ୱେଷ୍ଟଇଣ୍ଡିଜର ପୂର୍ବତନ ସଭାପତି) ଦୌଡ଼ରେ ସାମିଲ ହୋଇ ପାରନ୍ତି। ତାଙ୍କ ପ୍ରତି ଦୁଇଜଣ ସ୍ୱାଧୀନ ନିର୍ଦ୍ଦେଶକଙ୍କ ସମର୍ଥନ ରହିଛି। କିନ୍ତୁ ସେ ଯଥେଷ୍ଟ ସଦସ୍ୟଙ୍କ ସମର୍ଥନ ହାସଲ କରିବା ସମ୍ଭାବନା କମ୍। ପୂର୍ବତନ ଆଇସିସି ନିର୍ଦ୍ଦେଶକ ଖ୍ରୀସ୍ ନେନ୍‌ଜାନୀ (ଦକ୍ଷିଣ ଆଫ୍ରିକା)ଙ୍କ କ୍ଷେତ୍ରରେ ମଧ୍ୟ ପରିସ୍ଥିତି ସମାନ। ଭେଟେରାନ ପ୍ରଶାସକ ଜଣକ କହିଛନ୍ତି ଯେ, କୌଣସି ସମ୍ଭାବ୍ୟ ପ୍ରାର୍ଥୀ ନିର୍ବାଚନ ଜିତିବା ଲାଗି ଆବଶ୍ୟକ ସଂଖ୍ୟା ହାସଲ କରିପାରିବେ ନାହିଁ ବୋଲି ହୃଦ୍‌ବୋଧ ହେବା ଦ୍ୱାରା ସର୍ବସମ୍ମତି କ୍ରମେ ନିର୍ବାଚନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ପାରିଲା ନାହିଁ। ସର୍ବସମ୍ମତି କ୍ରମେ ଜଣେ ଯୋଗ୍ୟ ପ୍ରାର୍ଥୀ ବାଛିବା ସମାଧାନର ଶ୍ରେଷ୍ଠ ପନ୍ଥା।

## ଷ୍ଟାର୍କଙ୍କ ବୀମା ରାଶି ବିବାଦର ସମାଧାନ

**ମେଲବୋର୍ନ, ୧୦।୮ (ପି.ଟି.):** ଅଷ୍ଟ୍ରେଲିଆ ପେସର ମିଚେଲ ଷ୍ଟାର୍କଙ୍କ ବୀମା ରାଶିକୁ ନେଇ ହୋଇଥିବା ବିବାଦର ସମାଧାନ ହୋଇଛି। ୨୦୧୮ରେ ଏକ ଇଞ୍ଜୁରି ପାଇଁ ସେ କୋଲକାତା ନାଇଟ୍ ରାଇଡର୍ସ ସହିତ ଆଇପିଏଲ୍ ଚୁକ୍ତି ହରାଇଥିଲେ। ଏଥିପାଇଁ ସେ ବୀମା କମ୍ପାନୀଠାରୁ ୧.୫୩ ନିୟୁତ ଆମେରିକୀୟ ଡଲାର ପ୍ରାପ୍ୟ ଦାବି କରିଥିଲେ। ଭିକ୍ଟୋରିଆନ କାଉଣ୍ଟି କୋର୍ଟରେ ଶୁଣାଣି ଆଉ ଦୁଇ ଦିନ ବାକି ରହିଥିବା ବେଳେ ମାମଲାର ଆପୋସ ସମାଧାନ ହୋଇଛି। କେଉଁ ସର୍ତ୍ତରେ ଏହି ବୁଝାମଣା ହୋଇଛି ତାହା ସ୍ପଷ୍ଟ କରାଯାଇ ନାହିଁ। ଷ୍ଟାର୍କ କେକେଆର ସହିତ ୧.୮ ନିୟୁତ ଆମେରିକୀୟ ଡଲାର (୯.୪ କୋଟି ଟଙ୍କା)ର ଚୁକ୍ତି କରିଥିଲେ।

## କଟକ ସ୍ପୋର୍ଟ୍ସ ହଷ୍ଟେଲକୁ ନେଇ ଚିନ୍ତାରେ 'ଫାଓ'

**କଟକ ଅଫିସ,୧୦।୮**

କଟକ ସ୍ପୋର୍ଟ୍ସ ହଷ୍ଟେଲକୁ ନେଇ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ଚିନ୍ତା ବଢ଼ିଛି। ନବୀକରଣ ପ୍ରକ୍ରିୟା କାର୍ଯ୍ୟକାରୀ ହେଲେ ରାଜ୍ୟ ସିନିୟର ଦଳ ଗଠନ ନେଇ ସମସ୍ୟାରେ ପଡ଼ିବ ଫାଓ। କଟକ ସ୍ପୋର୍ଟ୍ସ ହଷ୍ଟେଲରୁ ହିଁ ଅଧିକ ଖେଳାଳିଙ୍କୁ ନେଇ ଏହି ଆସୋସିଏଶନ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟକୁ ଓହ୍ଲାଇଥାଏ। ଏବେ ଖେଳାଳି ସଙ୍କଟ ଦେଖାଯିବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ୧୬ଟି ଆବାସିକ ସ୍ପୋର୍ଟ୍ସ ହଷ୍ଟେଲର ପୁନର୍ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉଛି। ନବୀକରଣ ପ୍ରକ୍ରିୟାରେ ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସ ଖେଳାଳିଙ୍କୁ ହଷ୍ଟେଲରୁ ବାଦ ଦିଆଯିବ। ଏହି ପ୍ରକ୍ରିୟାକୁ ପୁନର୍ବିଚାର କରାଯାଉ ବୋଲି ଦାବି କରି ପ୍ରମୁଖ କ୍ରୀଡ଼ା ସଙ୍ଗଠକ ଏକଜୁଟ ହୋଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ରାଜ୍ୟ ସଙ୍ଗଠକମାନେ ମିଳିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। କଟକସ୍ପୋର୍ଟ୍ସ ହଷ୍ଟେଲରେ ୫୨ଜଣ ସିନିୟର ଫୁଟବଲ ଖେଳାଳି ରହୁଛନ୍ତି। ଡି. ଶ୍ରୀନାଥ, ରୁଦ୍ର ପ୍ରଧାନ, ବିକାଶ ପଢ଼ିହାରୀ, ଭାବଗ୍ରାହୀ ପଢ଼ିହାରୀ, ସୁଦୀପ୍ତ ଟିର୍କୀ, ଫାନସିସି ଲାକ୍ରା ଭଳି ପ୍ରତିଭାବାନ ଖେଳାଳି ଏହି ହଷ୍ଟେଲର ଅନ୍ତେବାସୀ ହୋଇଥିବା ବେଳେ ବିଗତ ଦିନରେ ରାଜ୍ୟ ପକ୍ଷରୁ ଲଗାତର ଭାବେ ଜାତୀୟ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଛନ୍ତି। ଏଣୁ ନୂଆ ଯୋଜନା କାର୍ଯ୍ୟକାରୀ ହେଲେ ଫାଓ ପାଇଁ ସମସ୍ୟା ଆଣିବ। ଏ ସମ୍ପର୍କରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା କୁହନ୍ତି, ''ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ। ନଚେତ୍ ଖେଳ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବ। କେବଳ କଟକ ସ୍ପୋର୍ଟ୍ସ ହଷ୍ଟେଲ ନୁହେଁ, ଅନ୍ୟସ୍ପୋର୍ଟ୍ସ ହଷ୍ଟେଲ ଗୁଡ଼ିକ ମଧ୍ୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଦଳ ଚୟନରେ ମଧ୍ୟ ଆମେ ସମସ୍ୟା ଭୋଗିବୁ''।

# କୋହଲି ସବୁଠୁ ଲୋକପ୍ରିୟ କ୍ରିକେଟର

**ନୂଆଦିଲ୍ଲୀ, ୧୦।୮**



ବିରାଟ କୋହଲି

କରୋନା ଭାଇରସ ସଂକ୍ରମଣ ଯୋଗୁ ଭାରତୀୟ କ୍ରିକେଟ ଦଳ ଖେଳିବା ତ ଦୂରର କଥା ଏପର୍ଯ୍ୟନ୍ତ ଅଭ୍ୟାସ ମଧ୍ୟ ଆରମ୍ଭ କରି ପାରିନାହିଁ। ମାତ୍ର ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏବେ ମଧ୍ୟ ଦର୍ଶକଙ୍କ ପସନ୍ଦର କ୍ରିକେଟର ରହିଛନ୍ତି। ୩୧ ବର୍ଷୀୟ କୋହଲି ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରିକେଟର ବୋଲି ଏକ ଅନୁଧ୍ୟାନରୁ ଜଣା ଯାଇଛି। ସେହିପରି 'ମେନ୍ ଇନ୍ ବ୍ଲୁ' ସବୁଠାରୁ ଲୋକପ୍ରିୟ କ୍ରିକେଟର ଦଳ ତାଲିକାର ଶୀର୍ଷରେ ରହିଛି। ବୋଷ୍ଟନ ଭିତ୍ତିକ ଏକ ସଫ୍ଟଓ୍ୱେର ସର୍ଭିସ କମ୍ପାନୀ ସେମ୍‌ରଶ ପକ୍ଷରୁ କରାଯାଇଥିବା ଷ୍ଟଡି ଅନୁସାରେ ଚଳିତ ବର୍ଷ ଜାନୁୟାରୀରୁ ଜୁନ୍ ମଧ୍ୟରେ ପ୍ରଶଂସକମାନେ ପ୍ରତି ମାସରେ ହାରାହାରି ୧୬.୨ ଲକ୍ଷ ଥର କୋହଲିଙ୍କୁ ଅନ୍‌ଲାଇନ୍‌ରେ ସର୍ଚ୍ଚ କରିଛନ୍ତି। ଏହି ସମୟ ମଧ୍ୟରେ ଭାରତୀୟ କ୍ରିକେଟ ଦଳକୁ ପ୍ରତି ମାସରେ ହାରାହାରି ୨.୪ ଲକ୍ଷ ଥର ସର୍ଚ୍ଚ କରାଯାଇଛି। ଏହିତାଲିକାର ଟପ୍-୧୦ରେ ଥିବା ଅନ୍ୟ କ୍ରିକେଟରମାନେ ହେଲେ ରୋହିତ ଶର୍ମା, ମହେନ୍ଦ୍ର ସିଂ ଧୋନୀ, ଜର୍ଜ ମ୍ୟାକକେ, ଜୋଶ୍ ରିଚାର୍ଡ୍ସ, ହାର୍ଦ୍ଦିକ ପାଣ୍ଡ୍ୟା, ସଚିନ ତେନ୍ଦୁଲକର, କ୍ରିସ୍ ମାଥ୍ୟୁସ ଏବଂ ଶ୍ରେୟାସ ଆୟାର। ୨୦୨୦ ଜାନୁୟାରୀରୁ ଜୁନ୍ ମଧ୍ୟରେ ଏହି କ୍ରିକେଟରମାନଙ୍କୁ ପ୍ରଶଂସକମାନେ ଯଥାକ୍ରମେ ହାରାହାରି ୯.୭, ୯.୪, ୯.୧, ୭.୧, ୬.୭, ୫.୪, ୪.୧ ଓ ୩.୪ ଲକ୍ଷ ଥର ସର୍ଚ୍ଚ କରିଛନ୍ତି।

ଟିମ୍ ତାଲିକାରେ ଭାରତ ଶୀର୍ଷରେ ଥିବାବେଳେ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଓ୍ୱେଷ୍ଟଇଣ୍ଡିଜ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଆୟର୍ଲାଣ୍ଡ, ଆଫଗାନିସ୍ତାନ ଓ ଜିମ୍ବାଓ୍ୱେ ଦଳକୁ ଯଥାକ୍ରମେ ୦.୬୬, ୦.୩୩, ୦.୨୯, ୦.୨୩, ୦.୧୬, ୦.୧୨, ୦.୧୨, ୦.୦୯, ୦.୦୫, ୦.୦୪ ଓ ୦.୦୩ ଲକ୍ଷ ହାରରେ ସର୍ଚ୍ଚ କରାଯାଇଛି। କୌଣସି ମହିଳା କ୍ରିକେଟର ଟପ୍-୧୦ରେ ରହିପାରି ନ ଥିଲେ ହେଁ ସ୍ମୃତି ମନ୍ଧାନା ଓ ଏଲିଶ ପେରି ଯଥାକ୍ରମେ ୧୨ ଓ ୨୦ତମ ସ୍ଥାନରେ ଅଛନ୍ତି। ଏମାନେ ଯୁବରାଜ ସିଂ ଓ ଶିଖର ଧାଓ୍ୱନଙ୍କ ପରି ନାମୀ ଖେଳାଳିଙ୍କୁ ପଛରେ ପକାଇ ଦେଇଛନ୍ତି। '' ବିଶ୍ୱର ସର୍ବାଧିକ ଲୋକ ବିରାଟ କୋହଲି ଏବଂ ଭାରତୀୟ କ୍ରିକେଟ ଦଳକୁ ସର୍ଚ୍ଚ କରୁଥିବାରୁ ଆମେ ବିସ୍ମିତ ନୁହେଁ। ମହିଳା ଖେଳାଳିମାନେ ଅନେକ ନାମୀ ପୁରୁଷ କ୍ରିକେଟରଙ୍କୁ ପଛରେ ପକାଇଦେବାରେ ଆମେ ବିସ୍ମିତ'' ବୋଲି ସେମ୍‌ରଶର ଯୋଗାଯୋଗ ମୁଖ୍ୟ ଫର୍ନାଣ୍ଡୋ ଅନ୍‌ଗୁଲୋ ପ୍ରକାଶ କରିଛନ୍ତି।

## ଫେରୋ ଜିତିଲେ ପାଲ୍‌ରେମୋ ଓପନ

**ପାଲେରମୋ, ୧୦।୮(ଏପି):** ଫ୍ରାନ୍ସର ଫିଓନା ଫେରୋ ପାଲ୍‌ରମୋ ଲେଡିଜ୍ ଓପନ୍ ଟେନିସ୍ ଚାମ୍ପିୟନ ହୋଇଛନ୍ତି। ସେ ଫାଇନାଲରେ ଚତୁର୍ଥ ସିଡ୍ ଇସ୍ତୋନିଆର ଆନେଟ୍ କୋଣ୍ଟା ଭିଟ୍‌କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ୫ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଟୁର୍ ଲେଭଲ ଟେନିସ ଟାଇଟଲ। ଫାଇନାଲ ପ୍ରବେଶ ପଥରେ ସେ ମାତ୍ର ଗୋଟିଏ ସେଟ୍‌ରେ ପରାଜିତ ହୋଇଥିଲେ। ବିଶ୍ୱର ୫୩ ର୍‍ୟାଙ୍କିଙ୍ଗପ୍ରାପ୍ତ ଫେରୋ ରବିବାର ଟାଇଟଲ ମୁକାବିଲାକୁ ୬-୨, ୭-୫ ସେଟ୍‌ରେ ଜିତିଥିଲେ। ୨୩ବର୍ଷୀୟା ଖେଳାଳିଙ୍କ ଏହାର ହେଉଛି ଦ୍ୱିତୀୟ ଡବ୍ଲ୍ୟୁଟିଏ ଟାଇଟଲ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ